


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 135 | ଭାଗ ୩୩ | ସଂଖ୍ୟା ୧୩୫ — Bhubaneswar | Tuesday 5 August 2025 | Page 8 Rs. 5.00 — ● ଭୁବନେଶ୍ୱର ମଙ୍ଗଳବାର ୫ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ଓଭାଲରେ ବୋବାଲ: ସିରିଜ ଡ୍ର

- ଏଟିଟି ବାଣ୍ଟିଲେ ଉଭୟ ଅଧିନାୟକ
- ସିରାଜ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍
- ଗିଲ୍ ଓ ବ୍ରୁକ୍ ପ୍ଲେୟର୍ ଅଫ୍ ଦି ସିରିଜ୍

**ଓଭାଲ, ୪।୮:** ଲଣ୍ଡନର ଦ ଓଭାଲରେ ଖେଳା ଯାଇଥିବା ଭାରତ ଓ ଇଂଲଣ୍ଡ ଟେଷ୍ଟର ଅନ୍ତିମ ଦିନରେ ଦେଖିବାକୁ ମିଳିଛି ଭରପୂର ରୋମାଞ୍ଚ। ଇଂଲଣ୍ଡ ମାଟିରେ ସିଂହ ଭଳି ରଣହୁଙ୍କାର ଦେଇ ଭାରତୀୟ ବୋଲର ଘରୋଇ ଟିମ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଛନ୍ତି। ଶେଷ ଦିନରେ ବିଜୟ ପାଇଁ ଇଂଲଣ୍ଡକୁ ୩୫ ରନ ଦରକାର ଥିବା ବେଳେ ଇଂଲଣ୍ଡ ୩୬୭ ରନରେ ଅଲଆଉଟ ହୋଇଯାଇଛି। ଭାରତ ଶେଷ ଦିନରେ ୪ ୱିକେଟ ଦଖଲ କରି ମାତ୍ର ୬ ରନରେ ମ୍ୟାଚ୍ ଜିତି ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ (ଏଟିଟି) ସିରିଜକୁ ୨-୨ରେ ଶେଷ କରିଛି। ଶୁବମନ ଗିଲଙ୍କ ନେତୃତ୍ୱରେ ପ୍ରଥମଥର ଟେଷ୍ଟ ସିରିଜ ଖେଳୁଥିବା ଇଂଲଣ୍ଡକୁ ତା'ରି ମାଟିରେ ପାଣି ପିଆଇଛି। ୫ମ ଟେଷ୍ଟ ପୂର୍ବରୁ ଭାରତ ଟିମ ୧-୨ରେ ପଛରେ ରହିଥିଲା। ଅନ୍ତିମ ଟେଷ୍ଟରେ ରୋମାଞ୍ଚ ଭରିରହିଥିଲେ ହେଁ ଶେଷରେ ଭାରତ ବାଜି ମାରିନେଇଛି। ➪ପୃଷ୍ଠା-୬

### ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ

## ନାଇଟ୍ ଡ୍ୟୁଟି ପାଇଁ ଜରୁରୀ ସ୍ୱୀକୃତିନାମା

- ସର୍ବନିମ୍ନ ୩ ମହିଳା କର୍ମଚାରୀ ଆବଶ୍ୟକ
- ନାରୀ ନିଯୁକ୍ତିକର୍ତ୍ତା ବି ରହିବେ
- ନାବାଳିକାଙ୍କୁ ମିଳିବନି ଅନୁମତି



**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଓ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଆଜି ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଓଡ଼ିଶା ଦୋକାନ ଓ ବ୍ୟାବସାୟିକ ପ୍ରତିଷ୍ଠାନ ଆଇନ-୧୯୫୬ରେ କେତେକ ସଂଶୋଧନ କରାଯାଇଛି। ଏହି ସଂଶୋଧନରେ ଦୀର୍ଘଦିନ ଧରି ଘରୋଇ ପ୍ରତିଷ୍ଠାନରେ ମହିଳାମାନେ ରାତିରେ କାର୍ଯ୍ୟ କରିବା ନେଇ ରହିଥିବା ସରକାରୀ କଟକଣାକୁ କୋହଳ କରାଯାଇଛି। ଏଣିକି ମହିଳାମାନେ ରାତିରେ ବିଭିନ୍ନ ଘରୋଇ ପ୍ରତିଷ୍ଠାନ କିମ୍ବା ବ୍ୟାବସାୟିକ କେନ୍ଦ୍ରରେ କାର୍ଯ୍ୟ କରିପାରିବେ। କିନ୍ତୁ କୌଣସି ନାବାଳିକାଙ୍କୁ ଏପରି ଅନୁମତି ଦିଆଯିବ ନାହିଁ। ସେହିପରି ରାତିରେ ମହିଳାମାନେ କାର୍ଯ୍ୟସ୍ଥଳୀରେ କାମ କରିବା ସମୟରେ କି ପ୍ରକାର ସତର୍କତା ଅବଲମ୍ବନ କରିବେ, ସେନେଇ ଶ୍ରମ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାର ସମସ୍ତ ଦୋକାନ ଓ ବ୍ୟାବସାୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହୋଇଥିବା ଧାରା-୨୩କୁ ପ୍ରତ୍ୟାହାର କରିଛନ୍ତି। ଫଳତଃ ଏଣିକି କୌଣସି ଘରୋଇ ପ୍ରତିଷ୍ଠାନରେ ମହିଳାମାନେ ରାତିରେ କାମ କରିପାରିବେ। ଏଥିସହ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ ଆଧାର କରି ସେମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ରାତିରେ ମହିଳାମାନେ କାର୍ଯ୍ୟ କରିବାକୁ ଚାହିଁଲେ, ସେମାନଙ୍କୁ ସର୍ବପ୍ରଥମେ ଏ ସଂକ୍ରାନ୍ତରେ ଏକ ସ୍ୱୀକୃତିନାମା ଦେବାକୁ ପଡ଼ିବ। ସେହିପରି ଯେଉଁ ସ୍ଥାନରେ ମହିଳାମାନେ ରାତିରେ କାମ କରିବାକୁ ଚାହିଁବେ, ସେଠାରେ ସର୍ବନିମ୍ନ ୩ ଜଣ ମହିଳା କାମ କରୁଥିବା ଦରକାର। ଏଥିସହ କାର୍ଯ୍ୟସ୍ଥଳୀରେ ନାରୀ ନିଯୁକ୍ତିକର୍ତ୍ତା ରହିବା ଜରୁରୀ। ସେହିପରି ରାତିରେ ମହିଳା କର୍ମଚାରୀଙ୍କୁ ତାଙ୍କ ଘରୁ ଆଣିବା କିମ୍ବା ଛାଡ଼ିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ଥିବା ଗାଡ଼ି ବ୍ୟବହାର ହେବ, ନଚେତ୍ କାର୍ଯ୍ୟକ୍ଷେତ୍ର ନିକଟରେ ତାଙ୍କ ପାଇଁ ରହିବାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବା ଜରୁରୀ। ଆହୁରି ରାତିରେ ଯେଉଁ ଗାଡ଼ି ମହିଳା କର୍ମଚାରୀମାନଙ୍କୁ ନେବା ଆଣିବା କରିବ, ତା'ର ଚାଳକଙ୍କର (ଯେଉଁମାନେ ପ୍ରତିଷ୍ଠାନ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ଜଣେ ସେବା ପ୍ରଦାନକାରୀ ମାଧ୍ୟମରେ ନିଯୁକ୍ତ) ବ୍ୟକ୍ତିଗତ ତଥ୍ୟ ପୁଲିସ୍ ଯାଞ୍ଚ କରିବ। ➪ପୃଷ୍ଠା-୬

## ପରଲୋକରେ ଶିବୁ ସୋରେନ

- ୯ ଥର ସାଂସଦ, ୩ ଥର ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ



**ନୂଆଦିଲ୍ଲୀ,୪।୮:** ରାଜ୍ୟସଭା ସାଂସଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଅନ୍ୟତମ ପ୍ରତିଷ୍ଠାତା ଶିବୁ ସୋରେନ ଆଉ ନାହାନ୍ତି। ଆଜି ୮୧ ବର୍ଷ ବୟସରେ ସେ ସବୁ ଦିନ ପାଇଁ ଆଖି ବୁଜିଛନ୍ତି। ଅସୁସ୍ଥତା କାରଣରୁ ପ୍ରାୟ ମାସେ ହେବ ଶିବୁ ସୋରେନ ଦିଲ୍ଲୀର ସାର ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଆଜି ସେ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ଶିବୁ ସୋରେନଙ୍କ ପୁଅ ତଥା ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁଃଖଦ ଖବର ସମସ୍ତଙ୍କୁ ଜଣାଇଛନ୍ତି। ସେ କହିଛନ୍ତି, "ପ୍ରିୟର ଦିଶୋମ ଗୁରୁଜୀ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ମୁଁ ଆଜି ସବୁ କିଛି ହରାଇ ଦେଲି।" ହସ୍ପିଟାଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଶ୍ରୀ ସୋରେନ ଜୁନ ୧୯ରେ ଆଡମିଟ ହୋଇଥିଲେ। ବରିଷ୍ଠ ଡାକ୍ତର ଏକେ ଭଲ୍ଲାଙ୍କ ନେତୃତ୍ୱରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ସବୁ ପ୍ରକାରର ଚେଷ୍ଟା ଓ ଚିକିତ୍ସା ସତ୍ତ୍ୱେ ଆଜି ଶ୍ରୀ ସୋରେନଙ୍କ ଦେହାନ୍ତ ହୋଇଛି। ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ରାଜନୀତିରେ ସକ୍ରିୟ ଥିବା ଶ୍ରୀ ସୋରେନ ୭ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ଦୁଇ ଥର ରାଜ୍ୟସଭାକୁ ମଧ୍ୟ ଯାଇଥିଲେ। ରାଜ୍ୟସଭାରେ ଏବେ ବି ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଶେଷ ହୋଇ ନଥିଲା। ➪ପୃଷ୍ଠା-୬

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମର ସମୀକ୍ଷା

## ରାଜ୍ୟରେ ହେବ ଆଉ ୮୩୫ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ



- ବିଦ୍ୟାଳୟ ପିଛା ଖର୍ଚ୍ଚ ହେବ ୭ କୋଟି
- ଦୁର୍ଗମ ଅଞ୍ଚଳ ଛାତ୍ରଛାତ୍ରୀଙ୍କୁ ମାଗଣା ଯାତାୟାତ ସୁବିଧା

**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି ଯେ ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ। ଏହି ବିଦ୍ୟାଳୟଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି। ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ ଏବଂ ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଥିବ, ସେହି ସ୍କୁଲ ଗୁଡ଼ିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ। ➪ପୃଷ୍ଠା-୬

## ବନ୍ଧାହେଲେ ଏମ୍‌ଭିଆଇ

- ୪୪ ପ୍ଲଟ୍ ସହ କିଲେ ସୁନା ଜବତ
- ୧.୩୪ କୋଟି ଟଙ୍କାର ଜମା, ବୀମା



**ବୌଦ୍ଧ,୪।୮(ସଂଚାର ବ୍ୟୁରୋ):** ଶେଷରେ ବନ୍ଧା ହୋଇଛନ୍ତି କୋଟିପତି ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ତାଙ୍କ ସହ ଜଡ଼ିତ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ପ୍ଲଟ୍ ସହ ପାଖାପାଖି ଏକ କିଲୋ ଓଜନର ସୁନା ଜବତ କରାଯାଇଛି। ଶ୍ରୀ ହାଁସଦାଙ୍କ ନାମରେ ବାଲେଶ୍ୱର ଓ ବାରିପଦା ସହରରେ ୪୪ଟି ପ୍ଲଟ୍ ଠାବ କରାଯାଇଛି। ତାଙ୍କ ନାମରେ ବାରିପଦାର ପ୍ରଫୁଲ୍ଲ ନଗରଠାରେ ୩୩୦୦ ବର୍ଗଫୁଟ ପରିମିତ ଏକ ଦ୍ୱିତଳ ପ୍ରାସାଦ ସହ ଚଢ଼ାଉ ସମୟରେ ୨ ଲକ୍ଷ ୩୮ ହଜାର ଟଙ୍କା ନଗଦ ଜବତ ହୋଇଛି। ସେହିପରି ତାଙ୍କ ନିକଟରୁ ପାଖାପାଖି ଅଢ଼େଇ କିଲୋ ଓଜନର ରୁପା ଅଳଙ୍କାର ମଧ୍ୟ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି। ଏଥିସହ ଚଢ଼ାଉ ➪ପୃଷ୍ଠା-୬

### ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

## ଷଡ଼ଯନ୍ତ୍ର ଅଭିଯୋଗରେ ୨ ଗିରଫ



- ସାମନାକୁ ଆସିଲା ଛାତ୍ରୀଙ୍କ ସାଇକେଲରେ ଯାଉଥିବା ଭିଡିଓ
- ଚାଲିଛି ସତ୍ୟାସତ୍ୟ ଯାଞ୍ଚ

**ବାଲେଶ୍ୱର, ୪।୮ (ସଂଚାର ବ୍ୟୁରୋ) :** ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଅନ୍ଧାରରେ ବାଡି ବୁଲାଉଥିବା କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଦୁଇଟି ପ୍ରମାଣ। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ସାମନାକୁ ଆସିଛି ଏକ ସିସିଟିଭି ଫୁଟେଜ। ଆତ୍ମାହୁତି ପୂର୍ବରୁ ପୀଡ଼ିତା ସାଇକେଲରେ ଯାଉଥିବା ସମୟର ସିସିଟିଭି ଭିଡିଓ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ପୀଡ଼ିତାଙ୍କ ନିକଟରେ କିପରି ପେଟ୍ରୋଲ ପହଞ୍ଚିଲା ସେନେଇ ଏଯାଏ କ୍ରାଇମବ୍ରାଞ୍ଚ ହାତରେ କୌଣସି ➪ପୃଷ୍ଠା-୬

## ପ୍ରଦୂଷଣ ବୋର୍ଡ ପ୍ରଦୂଷିତ

### ବିଜେଡି ମାର୍କା ବାବୁଙ୍କ ଥଇଥାନ ପ୍ଲାନ




**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପ୍ରଦୂଷଣ ଦୂର ଦିଗରେ ପଦକ୍ଷେପ ନେବା ପାଇଁ ଗଠିତ ହୋଇଥିଲେ ମଧ୍ୟ ଏବେ ଏବେ ଧୀରେ ଧୀରେ ପ୍ରଦୂଷିତ ହେବାରେ ଲାଗିଛି। ଏଠାରେ ଥିବା କିଛି ବିଜେଡି ମାର୍କା ବାବୁ କୌଣସି ପ୍ରକାରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ହାତେଇବାକୁ ଲାଗି ପଡିଛନ୍ତି। ବିଶେଷକରି ମୁଖ୍ୟଯନ୍ତ୍ରୀ ପଦବୀରେ ବସିବା ପାଇଁ ଏଠାରେ ଏକପ୍ରକାର ସାପ ଶିଡ଼ି ଖେଳ ଚାଲିଛି। ଯେଉଁ ଅଧିକାରୀଙ୍କୁ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର ଅପାରଗତା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ହଟାଇ ଦେଇଥିଲେ, ସେହି ବାବୁ ଜଣଙ୍କ ଏବେ ମୁଖ୍ୟଯନ୍ତ୍ରୀ ପଦବୀରେ ବସିବାକୁ ଗୋଟି ଚଳାଉଛନ୍ତି। ତେବେ ଚର୍ଚ୍ଚାର ବିଷୟ ହେଲା ମୁଖ୍ୟଯନ୍ତ୍ରୀ ପଦବୀରେ ଜଣେ ମହିଳାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବାର ଦିନ କେଇଟା ଭିତରେ ତାଙ୍କୁ ହଟାଇବା ପାଇଁ ଏହି ବିଜେଡି ମାର୍କା ବାବୁ ଜଣଙ୍କ ଏକରକମ ଆକାଶପାତାଳ ଏକ କରିଦେଇଛନ୍ତି। ବୋର୍ଡରେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡି ସରକାର ସମୟରେ ଗେହ୍ଲାପୁଅ ସାଜିଥିବା ଏହି ଯନ୍ତ୍ରୀ ଜଣଙ୍କ ଏବେ ବିଜେପିର ଜଣେ ପୂର୍ବତନ ବିଧାୟକଙ୍କ ଶରଣାପନ୍ନ ହୋଇ ତାଙ୍କ ମାଧ୍ୟମରେ ମୁଖ୍ୟଯନ୍ତ୍ରୀ ପଦବୀ ଅଳଂକୃତ କରିବାକୁ ଟାକି ବସିଛନ୍ତି। ବୋର୍ଡର ଅଧ୍ୟକ୍ଷ ଭାବେ ଖୋଦ୍ ମୁଖ୍ୟ ଶାସନ ➪ପୃଷ୍ଠା-୬

### ଏନ୍‌ଇପି ମୂଳତତ୍ତ୍ୱକୁ କାର୍ଯ୍ୟକାରୀ କରିବ 'ପିପିସି'

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫'

- ପ୍ରମାଣପତ୍ର ଗ୍ରହଣ କଲେ ଧର୍ମେନ୍ଦ୍ରଙ୍କ ସମେତ ୩ କେନ୍ଦ୍ର ମନ୍ତ୍ରୀ
- ୩.୫୩ କୋଟିରୁ ଅଧିକ ପଞ୍ଜୀକରଣ ଓ ୨୧ କୋଟିରୁ ଅଧିକ ଦର୍ଶକ
- ପୂର୍ବରୁ 'ପହଲ' ପ୍ରମାଣପତ୍ର ବି ଗ୍ରହଣ କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ




**ନୂଆଦିଲ୍ଲୀ,୪।୮(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା (ପିପିସି) -୨୦୨୫ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ଓ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦଙ୍କ ସହ ଆନୁଷ୍ଠାନିକ ଭାବେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ଏକ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ ଖୁସି ବ୍ୟକ୍ତ କରିବା ସହ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ 'ପରୀକ୍ଷା ପେ ଚର୍ଚ୍ଚା' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଗ୍ରହଣ ତାଙ୍କ ପାଇଁ ଆନନ୍ଦ ଓ ଆତ୍ମସନ୍ତୋଷର ବିଷୟ। ୩ କୋଟି ୫୩ ଲକ୍ଷରୁ ଅଧିକ ପଞ୍ଜୀକରଣ ➪ପୃଷ୍ଠା-୬



### କାନ ଡେରିଥା

ରକ୍ତଦାନ ଏଠି ପ୍ରବଳ ଚାଲୁଛି
ରକ୍ତ ପାଉନାହିଁ ରୋଗୀ
ରକ୍ତ ପାଇଁ ରୋଗୀ ଜୀବନ
ହାରୁଛି
ରକ୍ତ ଖାଲି ମାଗି ମାଗି
ରକତ ନ ଦେଇ ତ୍ୟାଗୀ...
ରକ୍ତଦାନ ନାମେ ଡିଣ୍ଡିମ ପିଟନ୍ତି
ରୋଗୀଟା ତ ହତଭାଗୀ ।

■ ଦେବାଶିଷ

### ନିଗମ ନିଯୁକ୍ତି ରଣନୀତି

## ବାଦ୍ ପଡ଼ିବେ ହାରୁ ନେତା ଓ ଜିଲ୍ଲା ସଭାପତି

### ଆଗରେ ଅଛନ୍ତି ହେଡକ୍ୱାର୍ଟର କର୍ମକର୍ତ୍ତା




**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ତାହାର ସଭାପତି ନିଯୁକ୍ତି ପରେ ଏବେ ବିଭିନ୍ନ ସରକାରୀ ନିଗମ, ସଂସ୍ଥା ଆଦିରେ ନିଯୁକ୍ତି ପାଇଁ ପ୍ରସ୍ତୁତି ଚଳାଇଛି । ତେବେ ନିଯୁକ୍ତିରେ ବିଧାନସଭା ନିର୍ବାଚନ ହାରିଥିବା ପ୍ରାର୍ଥୀ ଓ ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ନେତାଙ୍କୁ ସାମିଲ କରାଯିବ ନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏମାନଙ୍କ ସ୍ଥାନରେ ହେଡକ୍ୱାର୍ଟର ସମ୍ଭାଳିଥିବା କର୍ମକର୍ତ୍ତାଙ୍କୁ ଅଧିକ ସଂଖ୍ୟାରେ ସୁଯୋଗ ମିଳିବ।

ରାଜ୍ୟରେ ସରକାର ଗଠନକୁ ୧୪ ମାସ ପୂରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସରକାରୀ ନିଗମ, ବିଭିନ୍ନ ସରକାରୀ ସଂସ୍ଥା, ରାଜ୍ୟ ଯୋଜନାବୋର୍ଡ ଆଦି ଖାଲି ପଡିଛି । ଏଥିରେ ନିଯୁକ୍ତି ପାଇବା ପାଇଁ ବିଜେପି ନେତାମାନେ ଚାତକ ଭଳି ଚାହିଁ ବସିଛନ୍ତି। ନିଗମ ଓ ଅନ୍ୟ ସରକାରୀ ସଂସ୍ଥାରେ ନିଯୁକ୍ତି ସୁରାକ ପାଇଲା ପରେ ଏବେ ଆଶାୟୀମାନେ ବିଭିନ୍ନ ସ୍ତରରେ ଲବି ଆରମ୍ଭ କରିଦେଇଛନ୍ତି। ଏନେଇ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଦୌଡ଼ ଆରମ୍ଭ ହୋଇଛି।

ନିଯୁକ୍ତି ନେଇ ମଧ୍ୟ ବିଜେପି ତା'ର ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନାନୁଯାୟୀ, ବିଧାନସଭା ନିର୍ବାଚନରେ ହାରିଥିବା ବିଧାୟକ ପ୍ରାର୍ଥୀଙ୍କୁ ଏହି ତାଲିକାରେ ସାମିଲ କରାଯିବ ନାହିଁ। କାରଣ ଦଳ ବିଚାରୁଛି ଯେ ଯଦି ଏମାନେ କ୍ଷମତାରେ ରହିବେ ତେବେ ନିଜ ନିଜ ନିର୍ବାଚନମଣ୍ଡଳୀ ପାଇଁ ଆଉ ସମୟ ଦେଇପାରିବେ ନାହିଁ। ଏପରିକି କିଛି ନେତା ନିଗମ ଓ ଅନ୍ୟ ସରକାରୀ ସଂସ୍ଥା ଚଉକିରେ ବସିବା ପରେ ନିଜ ନିଜ ଇଲାକା ଛାଡ଼ିଦେବାର ଆଶଙ୍କା କରାଯାଉଛି। ସେହିଭଳି ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ନେତାମାନଙ୍କୁ ବି କୌଣସି ପଦ ପଦବୀ ମିଳିବ ନାହିଁ। କାରଣ ମୁଣ୍ଡ ଉପରେ ପୌର, ପଞ୍ଚାୟତ ଓ ପରେ ପରେ ସାଧାରଣ ନିର୍ବାଚନ ଥିବାରୁ ଏମାନେ ସେଥିପ୍ରତି ଯେଭଳି ଅଧିକ ଗୁରୁତ୍ୱଦେବେ ତାହା ଉପରେ ଦଳ ଧ୍ୟାନ ଦେଉଛି।

ତେବେ ନିର୍ବାଚନରେ ହାରିଥିବା ଅନେକ ବିଧାୟକ ପ୍ରାର୍ଥୀ କିନ୍ତୁ ମନ୍ତ୍ରୀ ପାହ୍ୟା ଥିବା ଯୋଜନା ବୋର୍ଡ ସଦସ୍ୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଭଳି ସଂସ୍ଥାରେ ଥଇଥାନ ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। କୌଣସି ପ୍ରକାରେ ନିଜ ନିଜ ଇଲାକା ଓ କର୍ମୀଙ୍କ ନିକଟରେ ପତିଆରା ରକ୍ଷା ପାଇଁ ଏମାନେ ସରକାରୀ ପଦପଦବୀରେ ବସିବାକୁ ଲାଗି ପଡ଼ିଥିବା ବେଳେ ବର୍ତ୍ତମାନ ଦଳର ନୂଆ ଫର୍ମୁଲା ଶୁଣି ସେମାନଙ୍କ ମଧ୍ୟରୁ ଅନେକେ ମୁଣ୍ଡରେ ହାତଦେଇ ବସିଗଲେଣି।

ତେବେ ଦଳ କାର୍ଯ୍ୟାଳୟ ସମ୍ଭାଳିଥିବା ଦଳୀୟ ନେତାଙ୍କୁ ଥଇଥାନ କରିବା ପାଇଁ ଯେଉଁ ଯୋଜନା ପ୍ରସ୍ତୁତ ହେଉଛି, ତାହା ଅନେକ ସ୍ୱାଗତ କରିଛନ୍ତି। କାରଣ ନିର୍ବାଚନର ବହୁ ପୂର୍ବରୁ ଏମାନେ ଦଳର ମଙ୍ଗ ଧରିବା ସହ ବିଭିନ୍ନ ଫୋରମରେ ସରକାରୀ କଳକୁ ମୁକାବିଲା କରୁଥିଲେ। ଏପରିକି ସମସ୍ତ ପ୍ରତିକୂଳ ପରିସ୍ଥିତି ➪ପୃଷ୍ଠା-୬

## ୧୧ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ପ୍ରତିଷ୍ଠାରେ ମୋହର

**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟରେ ୧୧ଟି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ନେଇ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ହେବ। ସେହିପରି ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୁଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କି ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



## ଶ୍ରୀବଳଦେବଜୀଉଙ୍କ ଝୁଲଣଯାତ୍ରା ଆରମ୍ଭ

**କେନ୍ଦ୍ରାପଡ଼ା,୪।୮(ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ପବିତ୍ର ଝୁଲଣ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଛି । ଏଥର ଛଅ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଚାଲିବ । କାରଣ ଶ୍ରାବଣ ମାସ ଶୁକ୍ଳପକ୍ଷ ଷୋଳ ଦିନ ଥିବାରୁ ଦଶମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଛଅ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହେବ । ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ବାସୁଦେବ ମନ୍ଦିରରୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ରାଧାକୃଷ୍ଣଙ୍କୁ ଭଣ୍ଡାର ଗୃହରୁ ଆସିଥିବା ଗଉଣୀ ଓ ନୂତନ ବସ୍ତ୍ର ପିନ୍ଧାଯାଇ ସେବକଙ୍କ ଦ୍ୱାରା ବିଜେ କରାଯାଇ ଥିଲା । କୁଞ୍ଜଘରେ ରାଧାକୃଷ୍ଣଙ୍କ ଦିବ୍ୟଲୀଳା ଭକ୍ତଙ୍କୁ ବିମୋହିତ କରିଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ଚମ୍ପୁ ଛାନ୍ଦ ଲୋକକଳା ପରିବେଷଣ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିବପ୍ରସାଦ ବିଜେଡି ଜିଲ୍ଲା ସଭାପତି



**କେନ୍ଦ୍ରାପଡ଼ା,୪।୮(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଶିବ ପ୍ରସାଦ ଭଳଙ୍କ ନାମ କେନ୍ଦ୍ରାପଡା ଜିଲ୍ଲା ସଭାପତି ଭାବେ ଘୋଷଣା କରିଛନ୍ତି । ଶ୍ରୀ ଭଳ ଜଣେ ଦକ୍ଷ ସଂଗଠକ ଭାବେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରିଛନ୍ତି । ୨୦୨୦ମସିହାରେ ବିଜୁ ଜନତା ଦଳ ସମର୍ଥନରେ ଉପନିର୍ବାଚନରେ କେନ୍ଦ୍ରାପଡ଼ା ପାୟତ ସମିତିର ଅଧକ୍ଷ ଭାବେ ନିର୍ବାଚିତ ହୋଇ ପାୟତ ସମିତିର ବହୁବିଧ ବିକାଶ କରିଥିଲେ । ୨୦୨୨ମସିହାରେ ଶ୍ରୀ ଭଳଙ୍କ ପତ୍ନୀ ନିବେଦିତା ସାମଲ କେନ୍ଦ୍ରାପଡା ପାୟତ ସମିତିର ଅଧକ୍ଷ ହୋଇଥିଲେ । ଏକ ରାଜନୈତିକ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଭଳଙ୍କୁ ଏହି ପଦରେ ନିଯୁକ୍ତି ମିଳିଥିବାରୁ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ଭଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବିଜେଡି ସୁପ୍ରିମୋ ମୋ ଉପରେ ଭରସା କରି ଯେଉଁ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି ତାହାକୁ ସୁଚାରୁ ରୂପେ ସମ୍ପାଦନ କରି ଦଳକୁ ଅଧିକ ସୁଦୃଢ଼ କରିବାକୁ ଉଦ୍ୟମ କରିବି । ସମସ୍ତ ଦଳୀୟ କର୍ମୀଙ୍କ ସାଥିରେ ନେଇ ଜିଲ୍ଲାର ବିକାଶ ପାଇଁ ସଂଗ୍ରାମ ଜାରି ରଖିବି ବୋଲି ସେ କହିଛନ୍ତି ।

## ନଳକୂପ ଖନନ ପାଇଁ ବିଧାୟକଙ୍କୁ ଧନ୍ୟବାଦ



**ମହାକାଳପଡ଼ା,୪।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପେଟଛେଲା ଗ୍ରାମ ପଞ୍ଚାୟତ ପେଟଛେଲା ଗ୍ରାମର ମାଳ୍ପା ସାହିର ୨୫ ପରିବାର ପାଖାପାଖି ୧୫୦ ଲୋକଙ୍କର ଦୀର୍ଘ ବର୍ଷ ଧରି ପାନୀୟ ଜଳ ପାଇଁ ସମସ୍ୟା ରହିଥିଲା । ସ୍କୁଲ ପାଖରେ ଥିବା ନଳକୂପରୁ ପାନୀୟ ଜଳ ପାଇଁ ନିର୍ଭର କରୁଥିଲେ । ସାହି ଲୋକେ ନୂତନ ନଳକୂପଟିଏ ଖନନ ପାଇଁ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଜଣାଇବା ପରେ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ନୂତନ ନଳକୂପ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଯେଉଁଥିପାଇଁ ସାହିବାସୀ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମେଡିସିନ ବଣ୍ଟନକୁ ନେଇ ଉତ୍ତେଜନା



**ମହାକାଳପଡ଼ା,୪।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରାମନଗର ଗ୍ରାମ ପଞ୍ଚାୟତ ର ସରକାରପଡା ପ୍ରାଥମିକ ବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀମାନଙ୍କ ଓଜନ ମାପ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ କରାଯାଉଥିଲା। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ମେଡିକାଲ ଅଫିସର ଡଃ ହୃଷୀକେଶ ଲେଙ୍କା ଓ ଏନଏମ ଡଃ ସ୍ମିତା ସ୍ୱରିତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ଔଷଧ ଦେବା ସମୟରେ କିଛି ଔଷଧର ଅବଧି ଶେଷ ତାରିଖ ୩୦ ଅଗଷ୍ଟ ଦେଖିବାକୁ ମିଳିଥିଲା। ଅଗଷ୍ଟ ୪ ତାରିଖରେ ଅଗଷ୍ଟ ୩୦ ରେ ଏକ୍ସପାରୀ ତାରିଖ ଥିବା ଔଷଧ କାହିଁକି ଦିଆଯାଉଛି ବୋଲି ଲୋକେ ପଚାରିଥିଲେ। ପାଖରେ ଥିବା ଡ଼ାକ୍ତର ମଧ ଲୋକଙ୍କୁ ଆଉ ମାସେ ପର୍ଯ୍ୟନ୍ତ ତାରିଖ ଅଛି ବୋଲି କହିଥିଲେ। ହେଲେ ଦିଦି ଜଣଙ୍କ ରାଗିକି କଥା କହିବାରୁ ଲୋକଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। କିଛି ସମୟ ପରେ ଶାନ୍ତ ପଡିଥିଲା ପରିବେଶ।

### ରାସନ୍ କାର୍ଡ ଥାଇ ଚାଉଳ ନ ମିଳିବା ଘଟଣା

# ସରିଲା ଇ-କେୱାଇସି, ମିଳିବ ରାସନ୍ ଚାଉଳ

**ମହାକାଳପଡ଼ା,୪।୮ (ସଂଚାର ବ୍ୟୁରୋ):** ନିଜ ନାମରେ ରାସନ୍ କାର୍ଡ ଅଛି ହେଲେ ୬ ମାସ ହେବ ଚାଉଳ ମିଳୁନି ବୋଲି ଅଭିଯୋଗ ଆଣିଥିଲେ ହିତାଧିକାରୀ। ଏନେଇ 'ସଂଚାର'ରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ଆଜି ତାଙ୍କର ଇ କେୱାଇସି ସମ୍ପୂର୍ଣ୍ଣ କରାଯାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମ ର ଅନନ୍ତ ମହାନ୍ତି ଙ୍କ ଝିଅ ବନିତା ବେୱା ଙ୍କ ରାସନ୍ କାର୍ଡ ଅଛି ହେଲେ ଦୀର୍ଘ ୬ ମାସ ହେବ ତାଙ୍କୁ ରାସନ୍ ଚାଉଳ ମିଳୁନଥିବା ସେ ଅଭିଯୋଗ କରିଥିଲେ।



ଏନେଇ ୩୦ ଜୁଲାଇ ଦିନ "ରାସନ୍ କାର୍ଡ ଅଛି, ଚାଉଳ ମିଳୁନି" ଶୀର୍ଷକ ଦୈନିକ ଖବରକାଗଜ 'ସଂଚାର'ରେ ପ୍ରକାଶ ପାଇଥିଲା। ସେ ଲଗାତାର ୭ ମାସ ଧରି ରାସନ୍ ସାମଗ୍ରୀ ନେଉନଥିବାରୁ ତାଙ୍କ ନାମରେ ଥିବା କାର୍ଡ କଟି ଯାଇଥିବା ବିଭାଗ ତରଫରୁ ସୂଚନା ମିଳିଥିଲା।

ଆଜି ବ୍ଲକ୍ କାର୍ଯ୍ୟାଳୟରେ ବନିତାଙ୍କର ଇ କେୱାଇସି ସମ୍ପୂର୍ଣ୍ଣ କରାଯାଇ ତାଙ୍କ କାର୍ଡ ଆକ୍ଟିଭ କରାଯାଇଛି। ସେ ପୁଣି ରାସନ୍ ଚାଉଳ ପାଇପାରିବେ। ଏଥିପାଇଁ ସେ ସଂଚାର ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ କୁ ଧନ୍ୟବାଦ ଜଣାଇଛନ୍ତି।



## ହାତ ପାହାନ୍ତାରେ ବିଦ୍ୟୁତ ତାର

**ମହାକାଳପଡ଼ା,୪।୮(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ହାତ ପାହାନ୍ତାରେ ଝୁଲିକି ରହିଛି। କେତେବେଳେ ଯେ କେଉଁ ଅଘଟଣ ଘଟିବ ସେଥିପାଇଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନଥିବା ଅଭିଯୋଗ ହେଉଛି।

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ବାଙ୍କିଛନ୍ଦା ଗ୍ରାମର ଠାକୁରାଣୀ ମନ୍ଦିର ଖୁଣ୍ଟ ଠାରୁ ହିମାଂଶୁ ରାଉତଙ୍କ ଘର ପର୍ଯ୍ୟନ୍ତ ଏମିତି ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ତାର ଓହଳିକି ରହିଛି। ହାତ ପାହାନ୍ତାରେ ଝୁଲିକି ରହିଥିବା ବିଦ୍ୟୁତ ତାର ରାସ୍ତାକଡ଼ ଲଟାବୁଦା ଭିତରେ ଲୁଚି ଗଲାଣି। ଯାହା ଏବେ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ତୁରନ୍ତ ବିଦ୍ୟୁତ ବିଭାଗ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କାର୍ଯ୍ୟକାରୀ ହେଉନାହିଁ ସୂଚନା ଅଧିକାର ଆଇନ, ଜିଲ୍ଲାପାଳଙ୍କୁ ଅଭିଯୋଗ



**କେନ୍ଦ୍ରାପଡ଼ା,୪।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ନଦୀ ତଟବନ୍ଧ ଉପ ବିଭାଜନ କାର୍ଯ୍ୟାଳୟ ରେ ଆର୍ଥିକ ବର୍ଷ ୨୦୧୮-୨୦ ରୁ ଅନେକ ଦୁର୍ନିତି ର ଅଭିଯୋଗ ସାମ୍ନା କୁ ଆସୁଥିବା ବେଳେ ବାରମ୍ବାର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ସୁଦ୍ଧା କୌଣସି ଉତ୍ତର ବା ତଥ୍ୟ ମିଳୁନାହିଁ । ଯାହା ପାଇଁ ଜିଲ୍ଲାପାଳ ଙ୍କ ମିଳିତ ଜନ ଶୁଣାଣି ରେ ଲିଖିତ ଅଭିଯୋଗ କରିଛନ୍ତି କେନ୍ଦ୍ରାପଡ଼ା ସୁଚନା ଅଧିକାର କର୍ମୀ ତଥା ଯୁବ ସାମ୍ବାଦିକ ଉମେଶ ପାଢ଼ୀ। ଉକ୍ତ କାର୍ଯ୍ୟାଳୟ ରେ ଜନ ସୁଚନା ଅଧିକାରୀ ଅଛନ୍ତି କି ନାହିଁ ତାହାର ମଧ୍ଯ ତଦନ୍ତ କରିବା ଆବଶ୍ୟକ ବୋଲି ଶ୍ରୀ ପାଢ଼ୀ ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି। ଏବଂ ଆର୍ଥିକ ବର୍ଷ ୨୦୧୯-୨୦ ରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି ମଧ କରିଛନ୍ତି ।

### ପଇସା ନେଉଛନ୍ତି ସିଆରପି ଦିଦି !

# ଲକ୍ଷପତି ଦିଦି ନାଁରେ ଅର୍ଥ ଆଦାୟ

**ମହାକାଳପଡ଼ା,୪।୮(ସଂଚାର ବ୍ୟୁରୋ):** ଲକ୍ଷପତି ଦିଦି ପାଇଁ ସିଆରପି ଦିଦି ମହିଳା ମାନଙ୍କ ଠାରୁ ନେଉଛନ୍ତି ଟଙ୍କା। ୭୩୦ ଟଙ୍କା ଲେଖାଏଁ ଦେଲେ ଲକ୍ଷପତି ଦିଦି କରିଦେବେ ଦିଦି। କେବଳ ସେତିକି ନୁହେଁ ବିନା ଅଧିବେଶନରେ ମହିଳାଙ୍କ ଠାରୁ ଦସ୍ତଖତ କରି ନେଉଥିବା ଖବର ଏବେ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାଇରାଲ ହେଉଥିବା ଖବର ଅନୁଯାୟୀ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ସୋବଳା ଗ୍ରାମର ସିଆରପି ସୁଜାତା ମହାନ୍ତି ମହିଳାଙ୍କ ଠାରୁ ଗୋଷ୍ଠୀ ଖାତାରେ ବିନା ରେଜୁଲେସନ ରେ ଦସ୍ତଖତ ନେଉଥିବା ସମୟରେ କାହିଁକି ସାଧା ଖାତାରେ ମହିଳାଙ୍କ

**ବିନା ଅଧିବେଶନରେ ଦସ୍ତଖତ**

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ଦସ୍ତଖତ କରାଯାଉଛି ବୋଲି ସେହି ଅଞ୍ଚଳର କିଛି ଯୁବକ ପ୍ରତିବାଦ କରିଥିଲେ। ମିଟିଂ ରେ ବସି ରେଜୁଲେସନ ଲେଖିବା ପାଇଁ ମାଆ ମାନଙ୍କ ପାଖରେ ସମୟ ନଥିବା ସିଆରପି ଦିଦି କହୁଥିବା ଶୁଣିବାକୁ ମିଳୁଛି। ଏତମାମ ଘଟଣା ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି। କେବଳ ସେତିକି ନୁହେଁ ସିଆରପି ଦିଦି ଲକ୍ଷପତି ଦିଦି କରାଇଦେବା ପାଇଁ ୭୩୦ ଟଙ୍କା ଲେଖାଏଁ ନେଇଥିବା ଏକ କଲ୍ ରେକର୍ଡିଂ ରେ ମଧ କିଛି ମହିଳା କହୁଥିବା ଶୁଣିବାକୁ ମିଳୁଛି।

ସରକାର ମହିଳାଙ୍କୁ ସଶକ୍ତିକରଣ ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଦିଦିଙ୍କ ଏମିତି କାର୍ଯ୍ୟକଳାପ ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ସରକାରଙ୍କ ଯୋଜନା ପ୍ରକୃତରେ କେମିତି ରୂପାୟନ ହେଉଛି ତାହା ଏବେ ସନ୍ଦେହ ଘେରରେ।

ଏମିତି ଘଟଣା ସାମ୍ନାକୁ ଆସିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାରେ ବିଭାଗୀୟ ଅଧିକାରୀ ତଦନ୍ତ କରି ଘଟଣାର ସତ୍ୟତା ଥିଲେ ଏମିତି ବେଆଇନ୍ କାର୍ଯ୍ୟରେ ଲିପ୍ତ ଥିବା କର୍ମୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ଅଧା ରହିଲା ୱାନ ସି କେନାଲ ସଫେଇ

# ଚାଷୀଙ୍କ ଜୀବିକା ସହିତ ଖେଳୁଛି ଜଳ ସମ୍ପଦ ବିଭାଗ



**ମାହାଙ୍ଗା,୪।୮ (ସଂଚାର ବ୍ୟୁରୋ):** ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ କରୁଥିବା ବେଳେ ତଳସ୍ତରରେ ଯୋଜନାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଗତପୁର ଜଳ ସମ୍ପଦ ବିଭାଗରେ।

ଚାଷୀଙ୍କ ସମସ୍ୟାକୁ ଆଖିବୁଜି ଦେଉଛି ଜଳ ସମ୍ପଦ ବିଭାଗ। ସମସରପୁର, କଇଥା, ବାଜପୁରା ଗ୍ରାମ ପଞ୍ଚାୟତର ଚାଷୀମାନେ ଧାନ ଚାଷ ପାଇଁ ୱାନ ସି କେନାଲ ଉପରେ ନିର୍ଭର କରିଥାଆନ୍ତି। ଏହି କେନାଲର ସଫେଇ ଅଗଷ୍ଟ ମାସରେ ଆରମ୍ଭ ହୋଇ ଭୋଳିଦାସପୁର ଗ୍ରାମ ପାଖରେ ଅଟକି ରହିଛି। ଭୋଳିଦାସପୁରରୁ ବାଜପୁରା କେନାଲ ସଫେଇ ହେଲାନାହିଁ। ଏହି ଅଞ୍ଚଳର ଚାଷୀ ପାଣି ପାଇବେ କିପରି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହିତ ଜଗତପୁର ଜଳ ସମ୍ପଦ ବିଭାଗ କାର୍ଯ୍ୟଦକ୍ଷତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହି ଘଟଣାର ତଦନ୍ତ କରି ସଂପୃକ୍ତ ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ଅଞ୍ଚଳର ଚାଷୀମାନେ ଦାବୀ କରିଛନ୍ତି।

## ଦଶିପୁର ପଞ୍ଚାୟତରେ ମିନି ଧାନମଣ୍ଡି ଖୋଲିବାକୁ ଦାବି





**କେନ୍ଦ୍ରାପଡ଼ା,୪।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନଦୀନାଳ ଘେରା ଦଶିପୁର ଗ୍ରାମପାୟତରେ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଖୋଲିବାକୁ ପାୟତବାସୀଙ୍କ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ପୌରସଂସ୍ଥା ଟାଉନହଲ ପରିସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଜନ ଶୁଣାଣି ଶିବିରରେ ଦାବି କରାଯାଇଛି । ପାୟତବାସୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆଳି ବ୍ଲକର ଦଶିପୁର ପାୟତ ହେଉଛି ଏକ ନଦୀନାଳ ଘେରା ପାୟତ । ପୂର୍ବରୁ ସେମାନେ ଦେମାଳ ଗ୍ରାମପାୟତ ଅଧିନରେ ଥିବାରୁ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ରହିଥିଲେ । ସେତେବେଳେ ସେମାନେ ଦେମାଳ ସମିତି ମଣ୍ଡିରେ ଧାନ ବିକିବାର ସୁବିଧା ପାଉନଥିବା ବେଳେ ଏବେ ମଧ ସେମାନେ ଏହି ସୁଯୋଗରୁ ବିତ ହେଉଥିବା ଅଭିଯୋଗ କରିଛନ୍ତି । କାରଣ ନଦୀ ନାଳ ପାରି ହୋଇ ସେମାନଙ୍କ ଧାନ ଦେମାଳ ସମବାୟ ସମିତିକୁ ଆଣି ବିକ୍ରୀ କରିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ସେମାନଙ୍କ ଧାନ ବିକ୍ରୀ ହୋଇପାରୁନଥିବାରୁ ବାଧହୋଇ ସେମାନେ ବ୍ୟବସାୟୀଙ୍କୁ ଅଦର ଦରରେ ଧାନ ବିକ୍ରୀ କରି ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି । ତେଣୁ ଚଳିତ ବର୍ଷ ଦଶିପୁର ପାୟତରେ ଚାଷୀମାନଙ୍କ ବୃହର ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଦଶିପୁରରେ ଖୋଲାଯିବାକୁ ପାୟତବାସୀଙ୍କ ପକ୍ଷରୁ ବିବେକାନନ୍ଦ ଦାଶ, ସରପ ପ୍ରଦ୍ୟୁତ ମହାନ୍ତି, କେଶବ ମଳିକ, ଅକ୍ଷୟ ସାହୁ, ତ୍ରିଲୋଚନ ମଳିକ, ପ୍ରମୋଦ ମଳିକ, କିଶୋର ମଳିକ, ଶାନ୍ତନୁ ମଳିକ, ସତ୍ୟବ୍ରତ ବରଜ, ରଞ୍ଜନ ଦାଶ, ସରୋଜ ମଳିକ ପ୍ରମୁଖ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଦାବି କରିଛନ୍ତି ।

## ଉଦ୍‌ଘାଟିତ ହେଲା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ



**ଆଳି,୪।୮(ସଂଚାର ବ୍ୟୁରୋ):** ଆଳି ବ୍ଲକ ନିଆଳ ହାଟ ଠାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ନୂତନ କାର୍ଯ୍ୟାଳୟ ଉଦଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ଅରୁଣ ସାହୁ,ସୁଜାତା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟାଳୟକୁ ଫିତା କାଟି ଉଦଘାଟନ କରିଥିଲେ । ଏହି ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପରିଚାଳକ ନିହାର ସ୍ୱାଇଁ, ଆକାଉଣ୍ଟାଣ୍ଟ ବାସୁଦେବ ମହାରଣା, ସୌଭାଗ୍ୟ ରଞ୍ଜନ ଦାସପ୍ରମୁଖଙ୍କ ସହ ବ୍ୟାଙ୍କର ସମସ୍ତ କର୍ମଚାରୀ,ଆଳି ବ୍ଲକର ୨୨ ଟି ସମବାୟ ସମିତିର ସଂପାଦକ, ସଭାପତିଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବିଗତ ଦିନରେ ଏହି କାର୍ଯ୍ୟାଳୟରେ ଚାଷୀ ମାନଙ୍କୁ ଶୋଷଣ କରୁଥିବା ବେଳେ ନୂତନ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ସହ ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ଶାଖା ପରିଚାଳକ ନିହାର ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

● ମୋଟ୍ ୧୭୫ ଅଭିଯୋଗରୁ ୧୫୫ଟି ବ୍ୟକ୍ତିଗତ ୨୦ଟି ସାମୂହିକ

**କେନ୍ଦ୍ରାପଡ଼ା,୪।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ମ୍ୟୁନିସପାଲିଟି ଟାଉନ ହଲ ଠାରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ମୋଟ ୧୭୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧରୁ ଟି ୧୫୫ ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ରେଡ଼କ୍ରସରୁ ଜଣଙ୍କୁ ୩ ହଜାର ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୪ ଜଣଙ୍କୁ ୭୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣି କରିଥିବା ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ନିର୍ବାହୀ ଅଧିକାରୀ ପୌରପରିଷଦ ଅଜିତ ନାରାୟଣ ଗିରି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନା ଯେ,୧୧ ଅଗଷ୍ଟରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ, ୧୮ ଅଗଷ୍ଟରେ ରାଜକନିକା ବ୍ଲକ କାର୍ଯ୍ୟାଳୟ, ଏବଂ ୨୫ ଅଗଷ୍ଟରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ।

# ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

**କେନ୍ଦ୍ରାପଡ଼ା,୪।୮(ସଂଚାର ବ୍ୟୁରୋ):** ଜାତୀୟ ଶିକ୍ଷାନୀତି-୨୦୨୦ର ୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବଳଦେବ ହାଇସ୍କୁଲ ପରିସରରେ ଏକ ଚଷମା ବଣ୍ଟନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାର ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ରାଜଲକ୍ଷ୍ମୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ବିଶିଷ୍ଟ ଅତିଥି ଏବଂ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତ, ବଳଦେବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁବିନା ପ୍ରଧାନ



ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ଅତିଥିମାନେ କହିଥିଲେ ଯେ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ବିଦ୍ୟାଳୟରେ ଅଧ୍ୟୟନରତ ଦୃଷ୍ଟି ବାଧିତ ଏବଂ ସ୍ୱଳ୍ପ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀମାନଙ୍କ ଦୃଷ୍ଟିଶକ୍ତି ବୃଦ୍ଧି ନିମନ୍ତେ ନିଆଯାଉଥିବା ପଦକ୍ଷେପ ଓ ଯୋଜନା ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁମୂଲ୍ୟ ଯୋଜନା ଭାବେ ଲୋକାଭିମୁଖୀ ହୋଇପାରିଛି । ପୂର୍ବରୁ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ ଚକ୍ଷୁ ପରୀକ୍ଷା କରିବା ପରେ ଚଷମା ପାଇବାକୁ ଯୋଗ୍ୟ ବିବେଚିତ ବିଭିନ୍ନ କ୍ଲଷ୍ଟର ଅଧିନରେ ଥିବା ବିଦ୍ୟାଳୟ ଗୁଡିକରୁ ୧୬୦ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଆଜିର ଏହି ଶିବିରରେ ଅତିଥିମାନେ ଚଷମା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ହିମାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷା ସ୍ୱେଚ୍ଛାସେବୀ ଆଶିଷ କୁମାର ସ୍ୱାଇଁ, ଅଭିଜିତ ଥାଟୋଇ ଓ ର୍କିଲତା ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ ।

## ଯୁବଶିକ୍ଷକଙ୍କ ଅକାଳ ବିୟୋଗ

**ନୀଳଗିରି,୪।୮ (ସଂଚାର ବ୍ୟୁରୋ):** ଜଣେ ଛାତ୍ରବତ୍ସଳ ଏବଂ ଶିକ୍ଷକନେତା ଭାବରେ ପରିଚିତ ନୀଳଗିରି ଏକ୍ସ କ୍ୟାଡ଼ର ଶିକ୍ଷକ(ଗଣଶିକ୍ଷକ) ମନ୍ମଥ କୁମାର ମଲ୍ଲିକଙ୍କ ୪୫ବର୍ଷ ବୟସରେ ଶ୍ୱାସକ୍ରିୟା ଇନଫେକ୍ସ ଜନିତ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ଧୋବଶିଳା ଗ୍ରାମର ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କ ଜ୍ୟେଷ୍ଠପୁତ୍ର ମନ୍ମଥ ୨୦୦୮ମସିହାରେ ଗଣଶିକ୍ଷକ ଭାବେ ନିଯୁକ୍ତିପାଇ ଏକ୍ସକ୍ୟାଡ଼ର ଶିକ୍ଷକନେତା ଭାବେ ଶିକ୍ଷକଙ୍କ ବହୁ ସମସ୍ୟାରେ ଜଡ଼ିତ ରହିଥିଲେ।ମୃତ୍ୟୁବେଳକୁ ନୀଳଗିରି ଗୋପୀନାଥପୁର ନୋଡାଲ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ରବିବାର ରାତିରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ରେମୁଣାସ୍ଥିତ ଏଫ.ଏମ ମେଡିକାଲ କଲେଜରେ ଚିକିତ୍ସା କରାଯିବା ପରେ ଉନ୍ନତଚିକିତ୍ସା ପାଇଁ କଟକ ବଡ଼ମେଡ଼ିକାଲ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଖବରପାଇ ନୀଳଗିରି ସଂଘର ବହୁ ଶିକ୍ଷକ/ଶିକ୍ଷୟିତ୍ରୀ, ନୀଳଗିରି ଗୋଷ୍ଠୀ ଶିକ୍ଷାବିଭାଗର ସହକାରୀ ଶିକ୍ଷାଧିକାରୀ, ସଭାପତି ପ୍ରମୁଖ ତାଙ୍କ ଧୋବଶିଳା ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ବିଇଓ ଅଫିସ୍ ତରଫରୁ ୧୦ହଜାର ଟଙ୍କା ଶବସଂସ୍କାର ପାଇଁ ଦିଆଯାଇଥିବା ସୂଚନା ମିଳିଛି।

## ପାଲା ଗାୟକ ପ୍ରଶାନ୍ତ ନାଥଶର୍ମାଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୪।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତରଡିପାଳର ଯୁବ ପାଲା ଗାୟକ ଜ୍ଞାନରତ୍ନ ପ୍ରଶାନ୍ତ ନାଥ ଶର୍ମାଙ୍କର ପରଲୋକ ହୋଇଯାଇଛି। ଯକୃତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଦୀର୍ଘଦିନ ଚିକିତ୍ସିତ ହେଉଥିଲେ । ସ୍ୱର୍ଗତଃ ଶର୍ମା ଓଡ଼ିଶାର ଏକ ଆଗଧାଡ଼ିର ପାଲା ଗାୟକ ଭାବେ ପାଲା,ସାହିତ୍ୟ, ଜଗନ୍ନାଥ ସଂସ୍କୃତିରେ ଅଗାଧ ପାଣ୍ଡିତ୍ୟ ପାଇଁ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।ଗାୟକରତ୍ନ ହରି ନାଥଙ୍କ ପରେ ସେ ତରଡିପାଳ ଗ୍ରାମର ଏକମାତ୍ର ପାଲା ଗାୟକ ରୂପେ ପାଲା ସଂସ୍କୃତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।ତାଙ୍କର ଅକାଳ ବିୟୋଗରେ ସମଗ୍ର ପାଲାଜଗତ ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆସୁଛି ଲଘୁଚାପ, ୮ ତାରିଖ ଯାଏଁ ଅଧା ଓଡ଼ିଶାକୁ ୱାର୍ଣ୍ଣିଂ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ) : ଆସୁଛି ଲଘୁଚାପ। ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରିଛନ୍ତି ଅନ୍ତର୍ଜାତୀୟ ପାଣିପାଗ ବିଜ୍ଞାନୀ ଜାସନ୍ ନିକୋଲସ୍ । ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି। ଅନ୍ୟପଟେ ୮ ତାରିଖ ତାରିଖ ଯାଏଁ ଅଧା ଓଡ଼ିଶାକୁ ୱାର୍ଣ୍ଣିଂ ଜାରି କରାଯାଇଛି। ଆଜି ଓ ଆସନ୍ତାକାଲି ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୬ ତାରିଖ ଦିନ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦-୪୦କିମି ବେଗରେ ଝଟକା ପବନ ନେଇ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ପ୍ରବଳ ବର୍ଷା ପାଇଁ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି ଦୁଇ ଜିଲ୍ଲାରେ ପ୍ରବଳ ବର୍ଷା ହେବ । ୭ ତାରିଖ ଦିନ ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ପ୍ରବଳ ବର୍ଷା ପାଇଁ ୫ ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନକେନ୍ଦ୍ର । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୨୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ସ୍ୱାଧୀନତା ଦିବସ ପ୍ରସ୍ତୁତି



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ଓ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଆଜି ଅପରାହ୍ନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୫ ପାଳନର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ସମସ୍ତଙ୍କ ପାଇଁ ଏକ ରାଷ୍ଟ୍ରୀୟ ଉତ୍ସବ ଓ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ସମୟରେ ପ୍ରତିଟି ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଶ୍ରୀ ଶର୍ମା ଗୁରୁତ୍ୱ ଦେଇଛନ୍ତି।

ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ପୂର୍ବରୁ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗରେ ଅଭ୍ୟାସ ପ୍ୟାରେଡ୍‌ର ସୁପରିଚାଳନା କରାଯିବ। ଅଗଷ୍ଟ ୧୫ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପ୍ୟାରେଡ୍ ଓ ପତାକା ଉତ୍ତୋଳନ ସ୍ଥାନରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ମୁଖ୍ୟ ମଞ୍ଚ ଓ ପ୍ୟାରେଡ୍ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବସ୍ଥା, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମରେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ବିଶିଷ୍ଟ ଅତିଥି, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପବେଶନ ବ୍ୟବସ୍ଥା, ଉତ୍ସବ ସ୍ଥଳର ସାଜସଜା ନେଇ ବିସ୍ତୃତ ଆଲୋଚନା ହୋଇଛି। ସାଧାରଣତନ୍ତ୍ର ଦିବସ-୨୦୨୫ରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରଜ୍ଞାପନ ମେଢ଼ ଓ ପ୍ୟାରେଡ୍ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ' ଓ ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ମଧ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବ। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ। ଏଥିସହ ଉତ୍ସବସ୍ଥଳର ଆକର୍ଷଣୀୟ ସାଜସଜା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ନିମନ୍ତ୍ରଣପତ୍ର ଓ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ। ସେହିପରି ଆର୍‌ଡିସି ଜୋନ୍, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ସ୍ୱାଧୀନତା ଦିବସ ମଧ୍ୟ ପାଳିତ ହେବ। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବି

# ୭ ତାରିଖରେ ବିଜେଡିର ପୁରୀ ବନ୍ଦ



ପୁରୀ,୪।୮(ସଂଚାର ବ୍ୟୁରୋ): ଆସନ୍ତା ୭ ତାରିଖରେ ପୁରୀ ବନ୍ଦ ପାଇଁ ଡାକରା ଦେଇଛି ବିଜେଡି। ନିକଟରେ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପୁରୀ ବଳଙ୍ଗା ୧୫ ବର୍ଷୀୟା ନାବାଳିକା ମୃତ୍ୟୁବରଣ କରିବା ପରେ ତାଙ୍କୁ ନ୍ୟାୟ ପ୍ରଦାନ ଦାବି ନେଇ ବିଜେଡି ଆସନ୍ତା ୭ ତାରିଖରେ ୬ ଘଣ୍ଟା ପାଇଁ ପୁରୀ ବନ୍ଦ ସକାଶେ ଡାକରା ଦେଇଛି। ଏନେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସୂଚନାନୁସାରେ, ଆସନ୍ତା ୭ ତାରିଖ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପୁଲିସ୍ ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନଥିବାରୁ ମନଗଢ଼ା କାହାଣୀ କହୁଛି। ଏହି ଘଟଣାରେ କାହାର ବି ସମ୍ପୃକ୍ତି ନାହିଁ ବୋଲି ପୁଲିସ୍ କହିଥିବାରୁ ଏହା କୌଣସି ଦୃଷ୍ଟିକୋଣରୁ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଦଳ ପକ୍ଷରୁ କୁହାଯିବା ସହ ଏହି ଘଟଣାର ସତ୍ୟାସତ୍ୟ ସରକାର ଉନ୍ମୋଚନ କରିବା ଦରକାର ବୋଲି ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି। ସେହିପରି ପୁଲିସ୍ ଜାଣିଶୁଣି ଅଭିଯୁକ୍ତମାନଙ୍କୁ ଗିରଫ କରିନଥିବା ସେ ଅଭିଯୋଗ କରିବା ସହ ତୁରନ୍ତ ସତ୍ୟତା ସାମ୍ନାକୁ ନ ଆସିଲେ ଏହା ପ୍ରତିବାଦରେ ଦଳ ଆନ୍ଦୋଳନ ଜାରି ରଖିବ ବୋଲି ସେ ଚେତାବନୀ ଦେଇଛନ୍ତି। ତେବେ ଏହାର ଜବାବ ଦେବାକୁ ଯାଇ ବିଜେପି ପକ୍ଷରୁ କୁହାଯାଇଛି ଯେ ସରକାର ମହିଳା ବିରୋଧୀ ଅପରାଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ଦୋଷୀ ଯିଏ ବି ହେଉ, ଗିରଫଦାରୀରେ କୌଣସି ପ୍ରକାର ବାଛବିଚାର କରାଯାଉନାହିଁ। ଏଥିସହ ଦୋଷୀମାନଙ୍କ ବିରୋଧରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରୁଛନ୍ତି। ତେଣୁ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ବିଜେଡି ରାଜନୀତି ନକରି ବିତର୍କକୁ ଆସୁ ବୋଲି ଦଳୀୟ ନେତା ଅମର ନାୟକ ଆହ୍ୱାନ ଦେଇଛନ୍ତି।

### ମହିଳା ନିର୍ଯାତନା ଘଟଣାରେ ଗର୍ଜିଲା ପ୍ରଦେଶ ଯୁବ କଂଗ୍ରେସ

# ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ




ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଦିବଂଗତା ବଳଙ୍ଗା ପୀଡ଼ିତା, ଏଫଏମ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଓ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଅତ୍ୟାଚାରିତାଙ୍କୁ ନ୍ୟାୟ ଦାବିରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ପୁଲିସ ସହ ଧସ୍ତାଧସ୍ତି ପରେ ଯୁବ କଂଗ୍ରେସର କର୍ମୀମାନଙ୍କୁ ପୁଲିସ ସେଠାରୁ ଗିରଫ କରି ନେଇଯାଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଓଡ଼ିଶାର ନାରୀଙ୍କୁ ନ୍ୟାୟ ଦେବାରେ ବିଜେପି ସରକାର ବିଫଳ ହୋଇଛନ୍ତି। ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବଳଙ୍ଗା ପୀଡ଼ିତାଙ୍କୁ ହତ୍ୟା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଘଟୁଛି ବୋଲି କହିଥିଲେ, କିନ୍ତୁ ତାଙ୍କର ମୃତ୍ୟୁ ହେଲା କିପରି? ତେଣୁ ଶ୍ରୀମତୀ ପରିଡ଼ାଙ୍କ ରଚିତ କାହାଣୀକୁ ଆଧାର କରି ପୁଲିସ ରିପୋର୍ଟ ପ୍ରସ୍ତୁତ କରିଛି। କାହାଣୀକ୍ରମରୁ ଅପରାଧୀଙ୍କୁ ଶ୍ରୀମତୀ ପରିଡ଼ା ଜାଣିଥିବା ଅନୁମାନ କରାଯାଉଛି। ଅପରାଧୀକୁ ଘଣ୍ଟ ଘୋଡ଼ାଇବା ପାଇଁ ପ୍ରଶାସନ ଲାଗିପଡ଼ିଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ପୀଡ଼ିତାଙ୍କ ପରିବାର ଏକ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସକାଶେ ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପିର ଭୂମିକା ରହିଛି। ତେଣୁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଏବିଭିପି କାର୍ଯ୍ୟକ୍ରମକୁ ସରକାର ଅସିଦ୍ଧ ଘୋଷଣା କରାଯିବା ଉଚିତ। ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡାଙ୍କ ବୟାନବାଜି ଏବେ ବନ୍ଦ ହୋଇଯାଇଛି। ସେ କେବେ ଓଡ଼ିଆ ଯୁବକଙ୍କ ସ୍ୱାର୍ଥପାଇଁ ଲଢ଼ିନାହାନ୍ତି। ଏବେ ସେ ଏଫ୍‌ଏମ୍ ମହାବିଦ୍ୟାଳୟ ପରିସରରେ ଏବିଭିପିର ନିନ୍ଦନୀୟ ଭୂମିକା ପାଇଁ ଶ୍ରୀ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ନିନ୍ଦା କରିବାକୁ ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି। ସେହିପରି ଧର୍ମଶାଳା ବିଧାୟକ ଯେଉଁଭଳି ଜଣେ ମହିଳାଙ୍କୁ ଆକ୍ରମଣ କଲେ ଓ ସମ୍ପୃକ୍ତ ମହିଳା ଜଣଙ୍କ ତାଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ୍ ନିରବଦ୍ରଷ୍ଟା ସାଜିବା କ୍ଷୋଭର ବିଷୟ। ତେଣୁ ଏହି ମାମଲାରେ ତୁରନ୍ତ କାର୍ଯାନୁଷ୍ଠାନ ଗ୍ରହଣ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ନିହାର ବେହେରା, ମହମ୍ମଦ ଗୁଲଫାମ, ଆଲୋକ ଦାସ, ଜାଭେଦ ଅକତାର, ବିରଞ୍ଚି ବାରିକ, ଅମରେଶ ପରିଡ଼ା, ସାଗର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମୟୂରଭଞ୍ଜରେ କଂଗ୍ରେସର ମିଶ୍ରଣ ପର୍ବ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ସଂଯୋଜକ (ପୂର୍ବ) ଅରବିନ୍ଦ ଦାସ ଓ ସଂଯୋଜକ (ପଶ୍ଚିମ) ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଆଜି କଂଗ୍ରେସ ଭବନଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କଂଗ୍ରେସର ଚିନ୍ତାଧାରା, ରାହୁଲ ଗାନ୍ଧୀଙ୍କ ନୀତିଆଦର୍ଶ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଜେଏମଏମ ବିଧାୟକ ପ୍ରାର୍ଥୀ ବିଷ୍ଣୁ ସିଂ, ଜେଏମଏମ ଜିଲ୍ଲା ପରିଷଦ ପ୍ରାର୍ଥୀ ଦେବେନ୍ଦ୍ର ସିଂଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାର ଜେଏମଏମ, ବିଜେଡି, ବିଜେପିର ଶତାଧିକ କର୍ମୀ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ୍ ହୋଇଛନ୍ତି। ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଓ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ,ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପିସିସି ସଭାପତି ଶ୍ରୀ ଦାସ ଦଳରେ ସାମିଲ୍ ହୋଇଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ ବର୍ତ୍ତମାନର ସରକାର ଏକ ଆଦିବାସୀ ଓ ଦଳିତ ବିରୋଧୀ ସରକାର। ଆଦିବାସୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ବିଶେଷକରି ମୟୂରଭଞ୍ଜରେ ବିସ୍ଥାପିତ, ଭୂମିହୀନଙ୍କ ପାଇଁ ଜମି ପଟ୍ଟା ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ତେଣୁ ଆଦିବାସୀଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ସବୁ ପ୍ରକାର ସହଯୋଗ କରିବ। ସମସ୍ତ ଅତ୍ୟାଚାରିତଙ୍କୁ ନ୍ୟାୟ ପ୍ରଦାନ କଂଗ୍ରେସର ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ଦାସ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ବିଶିଷ୍ଟ ଆଦିବାସୀ ନେତା ତଥା ଝାଡ଼ଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ମିଡିଆ ସେଲ ଅଧ୍ୟକ୍ଷ ଶ୍ରୀ ଦାସ ଏହି ମିଶ୍ରଣ ପର୍ବ ପାଇଁ ମୟୂରଭଞ୍ଜ ଜିଲ୍ଲାର ଦୁଇ ସଂଯୋଜକ ତଥା ଦୂରଦୂରାନ୍ତରୁ ଆସିଥିବା କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ଫାଇଲେରିଆ ନିରାକରଣ ପାଇଁ ଆରମ୍ଭ ହେବ ଏମ୍‌ଡିଏ

# ଏକଲବ୍ୟ ଆଦର୍ଶ ଆବାସିକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ରାଜ୍ୟରେ ଲିମ୍ଫାଟିକ୍ ଫାଇଲେରିଆସିସ୍ ରୋଗର ଦୂରୀକରଣ ନିମନ୍ତେ ମାସ୍ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ (ଏମଡିଏ) କାର୍ଯ୍ୟକ୍ରମ ୧୨ଟି ଜିଲ୍ଲାର ନିର୍ଦ୍ଦିଷ୍ଟ ବ୍ଲକରେ ପରିଚାଳିତ ହେବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହଯୋଗରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ୪୭ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୫୬୦୦ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଲିମ୍ଫାଟିକ୍ ଫାଇଲେରିଆସିସ୍ ବିଷୟରେ ସଚେତନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କୁଲରେ ପରିଚାଳିତ ହେବାକୁ ଥିବା ଏମଡିଏ ବୁଥ୍‌ରେ ଆଣ୍ଟି ଫାଇଲେରିଆ ମେଡିସିନ୍ ସେବନ କରିବା ସହ ନିଜ ନିଜ ସମ୍ପ୍ରଦାୟକୁ ଏନେଇ ସଚେତନ କରିବାକୁ ମଧ୍ୟ କୁହାଯାଇଛି। ବୈଠକରେ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ତଥା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନୋଡାଲ ଅଫିସର ପ୍ରଣତି ପାତ୍ର, ଭେକ୍ଟର ବୋର୍ନ୍ ଡିଜିଜ୍‌ର ନୋଡାଲ ଅଫିସର ତଥା ଅତିରିକ୍ତ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ, ଯୁଗ୍ମ ନିର୍ଦ୍ଦେଶିକ ଡ. ଶୁଭାଶିଷ ମହାନ୍ତି, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଆଇଇସି ପରାମର୍ଶଦାତା ଦେବକାନ୍ତ ସାନ୍ଧିବିଗ୍ରହ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଡ. ବିଶ୍ୱ ପ୍ରକାଶ ଦତ୍ତ, ପିସିଆଇରୁ ଡ଼ଃ ଅଜିତ ବସନ୍ତ ରାୟ ଓ ଶ୍ରୀ ସୋମନାଥ ବାନାର୍ଜୀ ଉପସ୍ଥିତ ରହି ଏମ୍‌ଡିଏ ସମ୍ପର୍କରେ ସୂଚନା ଦେଇଥିଲେ।

ଡ. ପ୍ରଭାକର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଣ୍ଟି ଫାଇଲେରିଆ ଡ୍ରଗ୍ ଖାଇବାକୁ ଆହ୍ୱାନ ଦେବା ସହ ସେମାନେ ନିଜ ନିଜ ପରିବାର ସଦସ୍ୟଙ୍କୁ ମଧ୍ୟ ଏହା ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ମାଧ୍ୟମରେ ମିଳିତ ପ୍ରୟାସରେ ରାଜ୍ୟକୁ ଫାଇଲେରିଆମୁକ୍ତ କରାଯାଇପାରିବ ବୋଲି ସମସ୍ତେ ମତ ବ୍ୟକ୍ତ କରିଛନ୍ତି।

# ପୁଣି ଶ୍ରୀମନ୍ଦିରରୁ ସ୍ପାଏ କ୍ୟାମେରା ଜବତ, ଜଣେ ଗିରଫ



ପୁରୀ,୪।୮(ସଂଚାର ବ୍ୟୁରୋ) : ପୁଣି ପୁରୀ ଶ୍ରୀମନ୍ଦିରରୁ ସ୍ପାଏ କ୍ୟାମେରା ଜବତ କରାଯାଇଛି । ହିଡେନ କ୍ୟାମେରା ଦ୍ୱାରା ଶ୍ରୀମନ୍ଦିର ଭିତରେ ଫଟୋ ଉଠାଉଥିବା ଗୁଜରାଟର ବିପୁଲ୍ ପଟେଲ ଗିରଫ । ହିଡେନ କ୍ୟାମେରା ଥିବା ଚଷମା ଓ ମୋବାଇଲ ଫୋନ୍ ଜବତ କରାଯାଇଛି । ଗିରଫ ବ୍ୟକ୍ତି ପୁରୀର ଏକ ହୋଟେଲରେ ଅବସ୍ଥାନ କରିବା ସହ ହୋଟେଲରେ ଥିବା ମୋବାଇଲ ଫୋନ୍ ଦ୍ୱାରା ହିଡେନ କ୍ୟାମେରା ଅପରେଟ କରିଥିଲେ । ସେ ଅଗଷ୍ଟ ୩ ତାରିଖରୁ ଉକ୍ତ ହୋଟେଲରେ ରହୁଛନ୍ତି । ଆଜି ସିଂହ ଦ୍ୱାର ଥାନା ସବ ଇନ୍ସପେକ୍ଟର ଓ ଜେଟିପି ପୋଲିସ ତାଙ୍କୁ ଚିହ୍ନଟ କରି ଶ୍ରୀମନ୍ଦିର ସିଂହ ଦ୍ୱାର ଥାନା ପୋଲିସର ଜିମା ଦେଇଥିଲେ । ଆଜି ଅପରାହ୍ନରେ ଏହି ଘଟଣା ଘଟିଥିବା ସିଂହ ଦ୍ୱାର ଥାନା ପୋଲିସ ସୂଚନା ଦେଇଛି ।

### ଭଡ଼ାରେ ଲାଗିଛି ପାର୍କିଂ ସ୍ଥଳ!

# ନୋଟିସ୍ ପରେ ବି ସୁଧୁରୁନି ସମସ୍ୟା

କଟକ,୪।୮(ସଂଚାର ବ୍ୟୁରୋ): କଟକ ସହରରେ କଟକ ମହାନଗର ନିଗମ (ସିଏମସି)ର ଅନେକ ପାର୍କିଂ ସ୍ଥଳ ଏବେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ଥିବା ଯୋଗୁଁ ଟେଣ୍ଡର ପ୍ରକ୍ରିୟାରେ କେହି ଭାଗ ନେଉନାହାଁନ୍ତି। ଯାହାଦ୍ୱାରା ସିଏମସିର ବ୍ୟାପକ ରାଜସ୍ୱ ହାନି ହେଉଥିବା ବେଳେ ବିଭାଗୀୟ ଅଧିକାରୀ ପାର୍କିଂ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରୁନଥିବା ଦେଖାଯାଉଛି। ପାର୍କିଂ ସ୍ଥାନରେ ବେଆଇନ ଜବରଦଖଲ ସମ୍ପର୍କରେ କମିଶନର ଓ ମେୟରଙ୍କୁ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କମିଶନରଙ୍କ ବାରମ୍ବାର ବଦଳି ଯୋଗୁଁ ଅଧିକାରୀମାନେ କେହି ନିଜ ମୁଣ୍ଡକୁ ଦୋଷ ନେଇ ସ୍ଥାୟୀ ଉଚ୍ଛେଦ ପ୍ରତି ମନଧ୍ୟାନ ଦେଉନାହାନ୍ତି। କଟକ କଲେଜ ଛକର ଜନଗହଳିପୂର୍ଣ୍ଣ ସ୍ଥାନ ଅରବିନ୍ଦ ଲଜିଂ ସମ୍ମୁଖ ପାର୍କିଂସ୍ଥଳକୁ ଚଳିତ ବର୍ଷ ୩ ଲକ୍ଷ ୫୦ ହଜାର ଟଙ୍କାରେ ନିଲାମ ନେଇ ନିଲାମଧାରୀ ସେଠାରେ ଗୁପଚୁପ୍, ମୋମୋ, ଫାଷ୍ଟଫୁଡ୍ ଉଠାଦୋକାନୀଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି। ପାର୍କିଂ ସ୍ଥଳରେ ଦୋକାନ ଚାଲୁଥିବାରୁ ଅପରାହ୍ନ ୫ଟାରୁ ରାତି ୧୦ଟା




ପର୍ଯ୍ୟନ୍ତ ସେଠାରେ ଭିଡ଼ ଜମୁଛି। ଏହି କାରଣରୁ ଯାନବାହନ ପାର୍କିଂ ନେଇ ଜନସାଧାରଣ ହଇରାଣ ହରକତ ହେଉଛନ୍ତି। ପାର୍କିଂ ସ୍ଥଳ ଅଭାବରୁ ସେମାନେ ଅଧିକାଂଶ ସମୟରେ ପାର୍କିଂ ବାବଦ ଫାଇନ୍ ଦେବାକୁ ମଧ୍ୟ ବାଧ୍ୟ ହେଉଛନ୍ତି। ଏଥିସହ ଟ୍ରାଫିକ୍ ସମସ୍ୟା ମଧ୍ୟ ଦିନକୁ ଦିନ ଜଟିଳ ହେଉଛି। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଷ୍ଟେସନ, ଏସସିବି ମେଡିକାଲକୁ ସନ୍ଧ୍ୟା ସମୟରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅରବିନ୍ଦ ଲଜିଂ ସମ୍ମୁଖ ପାର୍କିଂ ସ୍ଥାନ ନେଇଥିବା ନିଲାମଧାରୀଙ୍କୁ ସିଏମସି କାରଣ ଦର୍ଶାଅ ନୋଟିସ୍ ଜାରି କରୁଥିବା ସତ୍ତ୍ୱେ ଏହାକୁ ବେଖାତିର କରି ପୂର୍ବପରି ସନ୍ଧ୍ୟା ସମୟରେ ଉଠାଦୋକାନୀଙ୍କ ଭିଡ଼ ଲାଗିରହୁଥିବା ଦେଖିବାକୁ ମିଳୁଛି। ଅର୍ଥାତ୍ ନୋଟିସ୍ ସତ୍ତ୍ୱେ ବି ଉକ୍ତ ସ୍ଥାନରେ ସମସ୍ୟା ପୂର୍ବବତ୍ ଜାରି ରହିଛି। ପାର୍କିଂ ସ୍ଥଳରୁ ଜବରଦଖଲ ଉଚ୍ଛେଦ ହେଉନଥିବା ପଛରେ ନିଲାମଧାରୀମାନେ ସିଏମସି ଅଧିକାରୀଙ୍କୁ ଦେଉଥିବା ହାତଗୁଞ୍ଜା ପ୍ରମୁଖ କାରଣ ବୋଲି ଆଲୋଚନା ହେଉଛି। ସିଏମସିର କାରଣ ଦର୍ଶାଅ ନୋଟିସ୍ ପରେ ସିଏମସି ନୂଆ କମିଶନର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

# କଡ଼ା ନିୟମ ନାହିଁ, ବାବୁ କିଣୁଛନ୍ତି ପ୍ଲଟ୍



ଭୁବନେଶ୍ୱର,୪।୮: ଭିଜିଲାନ୍ସ ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କର ଯେତେସବୁ ପ୍ଲଟ ସାମ୍ନାକୁ ଆସୁଛି ସେଥିରୁ ଅନେକ ରାଜଧାନୀରେ କିଣିଥିବା ଦେଖିବାକୁ ମିଳିଛି । ଏମାନେ ନିଜ ନାଁରେ ହେଉ କିମ୍ବା ସମ୍ପର୍କୀୟଙ୍କ ନାଁରେ ହେଉ, ରାଜଧାନୀରେ ଜମି କିଣିବା ସହିତ ତାହାକୁ ପକାଇ ରଖି ଅଧିକ ଦରରେ ବିକ୍ରି କରୁଛନ୍ତି । ବେସରକାରୀ ଜମି କିଣିଲାପରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘର କରିବାକୁ ସରକାରୀ ନିୟମ ନଥିବାରୁ ଏହା ବାବୁମାନଙ୍କୁ ବେଶ୍ ସୁହାଇଛି ।

ରାଜଧାନୀ ଓ ଏହାର ଆଖପାଖରେ ସରକାରୀ ସଂସ୍ଥାଗୁଡିକ ଠାରୁ କିଣାଯାଉଥିବା ଜମି ଉପରେ ୩୬ମାସ ମଧ୍ୟରେ ନିଶ୍ଚିତ ଭାବେ ଘର କରିବାର ନିୟମ ରହିଛି । ତେବେ ବେସରକାରୀ ସଂସ୍ଥା କିମ୍ବା ଘରୋଇ ବ୍ୟକ୍ତିଙ୍କ ଠାରୁ କିଣାଯାଉଥିବା ଜମି ପାଇଁ ଏଭଳି ନିୟମ ନାହିଁ । ଘର ତିଆରି ପାଇଁ ସରକାରୀ ସଂସ୍ଥାଠାରୁ ଅନୁମତି ପାଇଲା ପରେ ୩ବର୍ଷ ମଧ୍ୟରେ ଘର କାମ ସାରିବାକୁ କୁହାଯାଇଛି ।

ଯେହେତୁ ବେସରକାରୀ ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ଠାରୁ ଜମି କିଣି ଘର କରିବାପାଇଁ କୌଣସି ସମୟସୀମା ନାହିଁ ତେଣୁ ବାବୁମାନେ କଳା ପଇସାରେ ଏକାଧିକ ପ୍ଲଟ ଖରିଦ କରୁଛନ୍ତି ଓ ତାହାକୁ ପକାଇରଖି ଦର କଷୁଛନ୍ତି । ନିଜ କିମ୍ବା ନିଜ ପରିବାର ନାମରେ ଜମି କିମ୍ବା ଘର କିଣିଲେ ସେ ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରିବାର ନିୟମ ଥିଲେ ବି ତାହାକୁ କେହି ପ୍ରାୟତଃ ପାଳନ କରୁନାହାନ୍ତି ।

ତେବେ ସରକାରୀ ସଂସ୍ଥାଠାରୁ ରାଜଧାନୀରେ କିଣାଯାଉଥିବା ଜମି ଉପରେ ବି ଲୋକେ ଘର କରୁନାହାନ୍ତି। ବିଭିନ୍ନ ପ୍ରକାର ଆଳ ଦେଖାଇ ସମୟ ଗଡାଇ ଚାଲୁଛନ୍ତି । ଫଳରେ ଜମି ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଯେତେବେଳେ ଜମି ଦର ବହୁଗୁଣିତ ହେଉଛି ସୁବିଧା ଦେଖି ତାହାକୁ ବିକ୍ରି କରିନେଉଛନ୍ତି। ରାଜଧାନୀର ବିଭିନ୍ନ ୟୁନିଟ୍‌ରେ ଏଭଳି ଏକାଧିକ ପ୍ଲଟ ପଡି ରହିଛି। ଏଗୁଡିକରେ ଜଙ୍ଗଲ ଭଳି ପରିବେଶ ସୃଷ୍ଟି ହେଉଥିବାବେଳେ ଆଖପାଖ ଲୋକେ ଏହାକୁ ଡମ୍ପିଂ ୟାର୍ଡ ଭାବେ ବ୍ୟବହାର କରୁଛନ୍ତି । ଜମିର ମାଲିକ ଦଲାଲଙ୍କ ଡାବୁଡରୁ ରକ୍ଷା ପାଇବାପାଇଁ ଏହି ଜମିଟି ବିକ୍ରି ଯୋଗ୍ୟ ନୁହେଁ ବୋଲି ଲେଖିଦେଇ ଛୁ ମାରୁଛନ୍ତି। ବିଡିଏ, ବିଏମ୍‌ସି କିମ୍ବା ସାଧାରଣ ପ୍ରଶାସନ ଜମିକୁ ପକାଇ ରଖିଥିବା ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ।

ରାଜଧାନୀ ସହର ଭିତରେ ଏକାଧିକ ପ୍ଲଟ ପଡି ରହିବା ଫଳରେ ତାହା ଏବେ ମଶାବଂଶ ବୃଦ୍ଧିର ସ୍ଥାନ ପାଲଟିଛି । ଆଖପାଖ ଲୋକେ ମଶା କାମୁଡାରେ ଅତିଷ୍ଠ ହେଉଥିବାବେଳେ ଏ ନେଇ କିଛି କରିପାରୁ ନାହାନ୍ତି । ବିଏମ୍‌ସି କର୍ତ୍ତୃପକ୍ଷ ବି ନିଜଆଡୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଏକାଧିକ ଲୋକେ ରାଜଧାନୀ ଭିତରେ ଓ ଆଖପାଖରେ ବେନାମୀ ପ୍ଲଟ କିଣିବା ସହିତ ତାହାକୁ ପକାଇ ରଖି ଦର କଷିବାରେ ଲାଗିଛନ୍ତି। (ତଥ୍ୟ)

# ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଆଚାର୍ଯ୍ୟ ବିହାର ସାଇମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ରାଜ୍ୟର ବିଭିନ୍ନ ମନ୍ଦିରର ଟ୍ରଷ୍ଟି ଓ କର୍ମକର୍ତ୍ତାଙ୍କ ଯୋଗଦାନ ନେଇ ବୈଠକରେ ଆଲୋଚନା ହେବା ସହ ଅଧିକରୁ ଅଧିକ ଭକ୍ତ କିପରି ସମ୍ମିଳନୀରେ ଯୋଗଦେବେ, ତା' ଉପରେ ଗୁରୁତ୍ୱ ଦିଆଯାଇଛି।

ବୈକରେ ଆସନ୍ତା ସେପ୍ଟେମ୍ବର ୬ରେ ଜୟଦେବ ଭବନଠାରେ ସାଇଭକ୍ତ ସମ୍ମିଳନୀ ଆୟୋଜନ ସକାଶେ ନିଷ୍ପତ୍ତି ହୋଇଛି। ସମ୍ମିଳନୀ ଅବସରରେ ବାବାଙ୍କ ସମ୍ପର୍କିତ ପୁସ୍ତକ ତଥା ଫଟୋଚିତ୍ରକୁ ନେଇ ପ୍ରଦର୍ଶନୀ ଆୟୋଜନ ସହ କ୍ୱିଜ୍, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ଆଚାର୍ଯ୍ୟ ବିହାର ସାଇ ମନ୍ଦିର ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଲୋଚନାରେ ବିଜୟ କୁମାର ପାତ୍ର, ନବକିଶୋର ମହାଳିକ, ଜ୍ଞାନେନ୍ଦ୍ର ସେନାପତି, ଜିତୁ ଜେନା, ବିଦ୍ୟାଧର ମଲ୍ଲିକ, ଅକ୍ଷୟ କୁମାର ବିଶ୍ୱାଳ, ଅଞ୍ଜନ ଛୋଟରାୟ, ଜନ୍ମେଜୟ ପ୍ରଧାନ, ସତ୍ୟରଞ୍ଜନ ମହାନ୍ତି, ଚନ୍ଦ୍ରିକା ମଲ୍ଲିକ, ମିଲିରାଣୀ ନାୟକ, କଳ୍ପନା ମିଶ୍ର ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ ପବିତ୍ର ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଯୋଗ ଦେବାକୁ ଇଚ୍ଛୁକ ମନ୍ଦିର, ଅନୁଷ୍ଠାନ ଓ ଭକ୍ତମାନେ ୯୮୬୧୮୯୯୦୦୦/୭୯୭୮୬୫୮୦୪୭ରେ ଯୋଗାଯୋଗ କରିବାକୁ ଶ୍ରୀ ସାମଲ ନିବେଦନ କରିଛନ୍ତି। ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ଆସନ୍ତା ୧୦ରେ ସ୍ଥାନୀୟ ୮ ନମ୍ବର ସାଇ ମନ୍ଦିରଠାରେ ଭୁବନେଶ୍ୱରର ସମସ୍ତ ସାଇ ମନ୍ଦିର କର୍ତ୍ତୃପକ୍ଷଙ୍କ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୫ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Tuesday 5 August 2025, Bhubaneswar

# ଓଡ଼ିଶାରେ ନାରୀ ନିର୍ଯାତନା ଓ ରାଜନୀତି

ଓଡ଼ିଶାରେ ନାରୀ ନିର୍ଯାତନା ଏକ ଗମ୍ଭୀର ସାମାଜିକ ସମସ୍ୟା ହେଉଛି, ଯାହା ରାଜନୀତି ସହିତ ଜଡ଼ିତ ହୋଇ ଅଧିକ ଜଟିଳ ହୋଇପଡ଼ିଛି। ନାରୀ ନିର୍ଯାତନାରେ ଘରୋଇ ହିଂସା, ଯୌନ ଶୋଷଣ, କାର୍ଯ୍ୟକ୍ଷେତ୍ରରେ ଉତ୍ପୀଡ଼ନ ଓ ମାନସିକ ନିର୍ଯାତନା ଆଦି ଅନ୍ତର୍ଭୁକ୍ତ। ଏହା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ନାରୀ ସୁରକ୍ଷା ଓ ସଶକ୍ତିକରଣକୁ ନିର୍ବାଚନୀ ଏଜେଣ୍ଡା ଭାବେ ବ୍ୟବହାର କରିଥାନ୍ତି, କିନ୍ତୁ



ବାସ୍ତବ କାର୍ଯ୍ୟକାରୀତା ଅତି ଦୁର୍ବଳ। ଓଡ଼ିଶାରେ ନାରୀ ନିର୍ଯାତନାର ହାର ଉଦ୍‌ବେଗଜନକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ଅନୁଯାୟୀ, ଓଡ଼ିଶାରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଅପରାଧର ସଂଖ୍ୟା ବୃଦ୍ଧି ପାଉଛି। ଘରୋଇ ହିଂସା ଓ ଯୌତୁକ ନିର୍ଯାତନା ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଅନେକ କ୍ଷେତ୍ରରେ ରାଜନୈତିକ ନେତାମାନେ ଏହି ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି, କିନ୍ତୁ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି ବା ଚାପି ଦିଆଯାଉଛି। ଏହା ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ସୂଚାଇଥାଏ। ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ ବଢ଼ାଇବା ପାଇଁ ୩୩% ସଂରକ୍ଷଣ ବିଧେୟକ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଓଡ଼ିଶାରେ ରାଜନୈତିକ ଦଳଗୁଡ଼ିକ ନାରୀ ସଶକ୍ତିକରଣ ଓ ସୁରକ୍ଷା ପାଇଁ ସୁନ୍ଦର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ, ନିର୍ବାଚନ ପରେ ଏହା ଅଧାରେ ରହିଯାଉଛି। ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ନଗଣ୍ୟ ରହୁଛି, ଓ ଯେଉଁମାନେ ରାଜନୀତିରେ ଅଂଶଗ୍ରହଣ କରୁଛନ୍ତି, ସେମାନେ ପ୍ରାୟତଃ ପରିବାରବାଦ ସହ ଜଡ଼ିତ। ଏହା ନାରୀ ସଶକ୍ତିକରଣର ପ୍ରକୃତ ଲକ୍ଷ୍ୟକୁ ବାଧା ସୃଷ୍ଟି କରୁଛି। ସରକାରୀ ଯୋଜନା ଯଥା ମିଶନ ଶକ୍ତି ଓ ଶ୍ରୀ କାର୍ଯ୍ୟକ୍ରମ ମହିଳାଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ପାଇଁ ପ୍ରୟାସ କରୁଛି। କିନ୍ତୁ, ଏହି ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ସୀମିତ ରହିଛି। ପୁଲିସ ଓ ନ୍ୟାୟ ବ୍ୟବସ୍ଥାରେ ବିଳମ୍ବ ଓ ରାଜନୈତିକ ହସ୍ତକ୍ଷେପ ନିର୍ଯାତିତା ମହିଳାଙ୍କୁ ନ୍ୟାୟ ପାଇବାରେ ବାଧା ସୃଷ୍ଟି କରୁଛି। ଅନେକ ସମୟରେ, ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ଥାନାରେ ଅଭିଯୋଗ ଦାୟର କରିବା ସମୟରେ ଅପମାନ ଓ ଅନ୍ୟାୟର ଶିକାର ହେଉଛନ୍ତି। ରାଜନୈତିକ ଦଳଗୁଡ଼ିକ ନାରୀ ନିର୍ଯାତନାକୁ ରାଜନୈତିକ ମୁଦ୍ଦା ଭାବେ ବ୍ୟବହାର କରି ପରସ୍ପର ବିରୁଦ୍ଧରେ ଅଭିଯୋଗ କରୁଛନ୍ତି, କିନ୍ତୁ ମୂଳ ସମସ୍ୟାର ସମାଧାନ ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ନାରୀ ସୁରକ୍ଷା ଓ ସଶକ୍ତିକରଣ ପାଇଁ ଆଇନଗତ ଓ ସାମାଜିକ ସଂସ୍କାର ଆବଶ୍ୟକ। ସମାଜର ସମସ୍ତ ବର୍ଗର ସହଯୋଗ ଓ ରାଜନୈତିକ ଇଚ୍ଛାଶକ୍ତି ନ ହେଲେ ଏହି ସମସ୍ୟାର ସମାଧାନ କେବଳ ଏକ ରାଜନୈତିକ ସ୍ଲୋଗାନ ହିଁ ରହିଯିବ।

# ଓଡ଼ିଆ ଅସ୍ମିତା ଏବଂ ବିକଶିତ ଓଡ଼ିଆ ଭାଷା



**ପ୍ରଶାନ୍ତ କୁମାର ନାୟକ**

ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଗୌରବମୟ ଇତିହାସ ପାଇଁ ଜଣାଶୁଣା ଓଡ଼ିଶା ସର୍ବଦା ସ୍ଥିରତା ଓ ନିଷ୍ଠାର ପ୍ରତୀକ ହୋଇ ରହିଆସିଛି। ଓଡ଼ିଆ ଅସ୍ମିତା (ଓଡ଼ିଆର ପରିଚୟ) ର ଧାରଣା ଓଡ଼ିଆ ଲୋକଙ୍କ ଆତ୍ମା, ସେମାନଙ୍କ ଭାଷା, ସଂସ୍କୃତି, ସାହିତ୍ୟ, ଆମର ଅଭିମାନ, ସ୍ୱାଭିମାନ ଏବଂ ପରମ୍ପରାକୁ ହିଁ ଧାରଣା କରିଥାଏ। ଏହା ହିଁ ଆମର ଓଡ଼ିଆ ଅସ୍ମିତା। ଓଡ଼ିଆ ଅସ୍ମିତାରେ ନିହିତ ଅଛି ବିକଶିତ ଓଡ଼ିଶା ଗଠନର ମୂଳମନ୍ତ୍ର। ପ୍ରକୃତରେ ଓଡ଼ିଆ ଅସ୍ମିତା ଶବ୍ଦଟି ଅସ୍ମିତା ଶବ୍ଦରୁ ଆସିଥାଏ। ଅସ୍ + ଇତ = ଅସ୍ମିତା ଅସ୍ କହିଲେ ଅସ୍ତିତ୍ୱ ଏବଂ ଇତ କହିଲେ ପରିଚୟ। ଅର୍ଥାତ୍ ବର୍ତ୍ତମାନ ଅସ୍ତିତ୍ୱ ଓ ପରେ ଯାଇ ପରିଚୟ। ଗୋଟିଏ ଭାଷାହିଁ ଗୋଟିଏ ଜାତିର ପରିଚୟ ହୋଇଥାଏ। ଓଡ଼ିଆ ଅସ୍ମିତା କହିଲେ ସାଧାରଣତଃ ଆମ ଓଡ଼ିଆ ଭାଷାର ଅସ୍ତିତ୍ୱ ଏବଂ ତାର ପରିଚୟକୁ ବୁଝାଏ। ଏବେ ଭାଷା ବୋଲାଯାଉଥିବା ସଂସ୍କୃତ ଭାଷା ଆମ ଓଡ଼ିଆ ଭାଷା ସହିତ ମୌଳିକ ଭାବରେ ଜଡ଼ିତ। ସାଧାରଣ ଭାବରେ ଦେଖିବାକୁ ଗଲେ ଭାଷା ଓ ସାହିତ୍ୟ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ହୋଇଥାଏ। ତେଣୁ ଭାଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ପ୍ରଥମ ଓଡ଼ିଆ ସାହିତ୍ୟ ଭାବରେ ପରିଚିତ ହାତୀ ଗୁମ୍ଫା ଶିଳାଲେଖ ପ୍ରକାଶ କରେ ଯେ ସମୟର ସାମାଜିକ ଓ ସାଂସ୍କୃତିକ ଅବସ୍ଥା କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ଉପରେ ପ୍ରତିଷ୍ଠିତ ମଗଧ ବିଜୟକୁ ସ୍ମରଣୀୟ କରି ରଖିବା ପାଇଁ ଶିଳାଲେଖ ସାହିତ୍ୟର ସୃଷ୍ଟି ହୋଇଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟ କଳା, ସଂସ୍କୃତି, ସାହିତ୍ୟ ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ମଧ୍ୟ ବେଶ ସମୃଦ୍ଧଶାଳୀ। ଦିବ୍ୟଶିଳ୍ପୀ ଭାରତ ଭୂଖଣ୍ଡରେ ଓଡ଼ିଶା ଏକ ପ୍ରାଚୀନ ଏବଂ ସଂସ୍କୃତି ସମ୍ପନ୍ନ ରାଜ୍ୟ। ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶାବାସୀ ସମଗ୍ର ଭାରତ ବର୍ଷରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ମାନ୍ୟତା ଲାଭ କରିଥିଲା। ଆଧୁନିକ ଓଡ଼ିଶାର ଲୋକମାନେ ଓଡ଼ିଆ ଜାତିର ପ୍ରିୟ ଖାଦ୍ୟ ଶାଗ ପଖାଳ ଏବଂ ନାନାପ୍ରକାର ପିଠାପଣା ପରିବର୍ତ୍ତେ ବର୍ତ୍ତମାନ ପିଜା, ବର୍ଗର ଭଳି ବିଦେଶୀ ଖାଦ୍ୟ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଯାହାଦ୍ୱାରା ବର୍ତ୍ତମାନର ଯୁବପିଢ଼ୀ ରୋଗାଗ୍ରସ୍ତ ହୋଇ ପଡ଼ୁଛନ୍ତି। ଗୋଟିଏ ଜାତି ନିଜର ଅସ୍ତିତ୍ୱ, ଐତିହ୍ୟ ଏବଂ ପରମ୍ପରା ତଥା ସଂସ୍କୃତିକୁ ହରାଇ କଦାପି ଉନ୍ନତିର ସ୍ୱାଦ ଚାଖି ପାରିବ ନାହିଁ। ଅତଏବ ଖାଦ୍ୟପେୟ, ପର୍ବପର୍ବାଣି, ଲୋକକଳା, ଲୋକନୃତ୍ୟ, ମଠ, ମନ୍ଦିର, ଗୁମ୍ଫା, ଝୋଟିଚିତା ଇତ୍ୟାଦି ହେଉଛି ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ତଥା ସ୍ୱାଭିମାନର ପ୍ରତୀକ। ସେହିପରି କୋଟି କୋଟି ଓଡ଼ିଆଙ୍କ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଜାତୀୟ ଦେବତା। ଏକ ବିକଶିତ ଓଡ଼ିଶା ଗଠନରେ ଓଡ଼ିଆ ଅସ୍ମିତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯଥା- ୧. ଉତ୍କଳର ସମୃଦ୍ଧ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଓଡ଼ିଆ କଳା, ସାହିତ୍ୟ ଏବଂ ସଂସ୍କୃତିକୁ ପୁନର୍ଜୀବିତ କରିବା ୨. ଭୌଗୋଳିକ ଦୃଷ୍ଟିକୋଣରୁ ସୀମା ସରହଦ୍ ଅତିକ୍ରମଣରେ ସାରା ବିଶ୍ୱରେ ଅବସ୍ଥାପିତ ସମସ୍ତ ଓଡ଼ିଆ ମାନଙ୍କୁ ଏକଜୁଟ କରିବା ୩. ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ, କୁଟିର ଶିଳ୍ପ, ସଙ୍ଗୀତ, ଲୋକନୃତ୍ୟ, କଳାଓ କୌଶଳକୁ ସୁରକ୍ଷା ଦେବା ସହିତ ଏହାକୁ ପ୍ରୋତ୍ସାହିତ କରିବା ୪. ଶିକ୍ଷା ଓ ଦକ୍ଷତା ବିକାଶ ଦିଗରେ ପ୍ରୋତ୍ସାହନର ପ୍ରଚୁର ବ୍ୟବସ୍ଥା କରିବା ୫. ସ୍କୁଲ କଲେଜ ମାନଙ୍କରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି କରିବା ସହିତ ଓଡ଼ିଆ ଶିକ୍ଷା ଉପରେ ଗୁରୁତ୍ୱ ଦେବା ୬. ସାଢ଼େ ଚାରିକୋଟି ଓଡ଼ିଆଙ୍କ ମାତୃଭାଷା ବୋଲାଯାଉଥିବା ଓଡ଼ିଆ ଭାଷାକୁ ନିଯୁକ୍ତି /ରୋଜଗାରର ମାଧ୍ୟମ କରିବା ୭. ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଓଡ଼ିଆ ଭାଷାରେ କରିବା ଇତ୍ୟାଦି ବର୍ତ୍ତମାନ ପରିପ୍ରେକ୍ଷୀରେ ଆମ ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଓ କୃଷିକ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଛି ସତ, ମାତ୍ର ନିଜର ସ୍ୱାଭିମାନ ଓ ଅସ୍ତିତ୍ୱକୁ ପଛରେ ପକାଇ ଏଭଳି ବିକାଶର କୌଣସି ଅର୍ଥ ନଥାଏ। ତେଣୁ ପ୍ରାଥମିକତା ଭିତ୍ତିରେ ଆମେ ଆମର ସ୍ୱାଭିମାନକୁ ଏବଂ ଓଡ଼ିଆ ଅସ୍ମିତାକୁ ଯଥୋଚିତ ସମ୍ମାନ ଦେବା ଆବଶ୍ୟକ। ତେବେ ହିଁ ବିକଶିତ ଓଡ଼ିଶା ଗଠନରେ ଏହା ସହାୟକ ହୋଇପାରିବ।

ୟୁନିଟ-୫, ଭୁବନେଶ୍ୱର, ମୋବାଇଲ: ୮୨୪୯୬୫୦୪୧୪

# ଇତିହାସରେ ପ୍ରକୃତ ତଥ୍ୟ ସ୍ଥାନୀତ କରାଯିବା ଉଚିତ



**ଗୋପାଳ ମହାପାତ୍ର**

ଅନେକ ପ୍ରଖ୍ୟାତ ସାହିତ୍ୟିକ, ଗବେଷକ, ଐତିହାସିକ ସେମାନଙ୍କ ଲିଖିତ ପୁସ୍ତକ ମାନଙ୍କରେ ଉଲ୍ଲେଖ କରିଛନ୍ତି ଯେ 'ଭାରତରେ ଚିନ୍ତନ, ଗବେଷଣା, ଅନୁସନ୍ଧାନ ଏବଂ ବୌଦ୍ଧିକ ଉନ୍ନତିର ପ୍ରକ୍ରିୟା ଷଷ୍ଠ ଶତାବ୍ଦି ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ ଏହାକୁ ଅବରୋଧ ବା ଅଟକାଇ ଦିଆଯାଇଥିଲା। ବେଦ, ଉପନିଷଦ, ଗୀତା, ରାମାୟଣ, ମହାଭାରତ ଏବଂ ମହାକବି କାଳିଦାସଙ୍କ ପରେ ଶଙ୍କର, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ରାମାନନ୍ଦ, କବୀର, ସୁରଦାସ ଏବଂ ତୁଳସୀଦାସ ଙ୍କ ନାମ ଉଜାଗର ହୋଇଥିଲା। ଅସଲ କଥା ହେଉଛି ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ମହାମନିଷୀ ମାନେ ଯାହା ସବୁ ଚିନ୍ତା କରିଯାଇଥିଲେ ତାହାହିଁ ସାରାବିଶ୍ୱର ଚିନ୍ତା, ଚେତନା, ଗବେଷଣାର ପୁଞ୍ଜିଥିଲା। ଏହି ସମୟରେ ଭାରତର ଚିନ୍ତନ ଯେଉଁ ସବୁ ଦେଶରେ ପହଞ୍ôଚଥିଲା ସେସବୁ ଦେଶରେ ଏକ ନୂଆ ଚେତନା ଜାଗୃତ ହୋଇଥିଲା। ଭାରତର ଚିନ୍ତନରୁ ଯାହା ମିଳିଥିଲା ତାହା ୟୁରୋପର "ରେନେସା" ବା ପୁନଃଜାଗରଣ ପାଇଁ ଖୋରାକ ଯୋଗାଇଥିଲା। ଏବେ ଏନ୍‌ସିଇଆରଟି ର ୮ମ ଶ୍ରେଣୀ (୨୦୨୫-୨୬)ର ପୁସ୍ତକ କୁ ନେଇ ଯେଉଁ ବିମର୍ଷ ଚାଲିଛି ତାହା ଭାରତରେ ୟୁରୋପୀୟ ଦେଶ ମାନଙ୍କର ଔପନିବେଶିକ ସାମ୍ରାଜ୍ୟ ବାବଦରେ ଦିଆଯାଇଥିବା ତଥ୍ୟକୁ ନେଇ ଚାଲିଛି। ପୁସ୍ତକରେ ଲେଖାଯାଇଛି ଯେ ବିଟିଶ ସାମ୍ରାଜ୍ୟବାଦ ଭାରତରୁ ଅନେକ ଧନ ସମ୍ପତ୍ତି ନେଇଯାଇଛି। ଆମେରିକାର ଐତିହାସିକ ବିଲ ଡୁରାନ୍ତଙ୍କ ଲିଖିତ "ଷ୍ଟୋଲେନ ୱେଲଥ ଫ୍ରମ୍ ଇଣ୍ଡିଆ" କୌଣସି କାଳ୍ପନିକ ତଥ୍ୟ ନୁହେଁ, ବରଂ ଏକ ଐତିହାସିକ ସତ୍ୟ। ସେତେବେଳେ ବ୍ରିଟେନରେ ହେଉଥିବା ଔଦ୍ୟୋଗିକ କ୍ରାନ୍ତିକୁ ଯେତେବେଳେ ସମଗ୍ର ବିଶ୍ୱ କୌତୁହଳ ସହ ଦେଖୁଥିଲା ସେତେବେଳେ ତାର ବିକାଶ ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରାରମ୍ଭରେ " ଟ୍ରେଡ ନଟ ଟେରିଟୋରି" କଥା କହି ଭାରତରେ ପ୍ରବେଶ କରିଥିଲା। ଅର୍ଥାତ୍ ଭାରତରେ ବାଣିଜ୍ୟ କରିବା ପାଇଁ ଆସିଥିଲା, କିନ୍ତୁ କାଳାନ୍ତରରେ "ସୁନାର ପକ୍ଷୀ" କୁହାଯାଉଥିବା ଏହି ଦେଶ ଭାରତକୁ ନିର୍ମମତା ସହ "ଟ୍ରେଡ୍ ୱିଥ ଟେରିଟୋରି"ରେ ପରିଣତ କରି ଦେଇଥିଲା। ଫ୍ରାନ୍ସର ଲେଖକ ଡୋମିନିକ ଲାପିୟର ଏବଂ ଆମେରିକାର ସାମ୍ବାଦିକା ଲେରି କୋଲିନ୍ସଙ୍କୁ ଲିଖିତ ପୁସ୍ତକ "ଫ୍ରିଡ଼ମ ଆଟ ମିଡନାଇଟ"ରେ ଏ ବାବଦରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। ଭାରତ ବର୍ଷ ଇଂରେଜ ମାନଙ୍କ ପାଇଁ କେତେ ଗୁରୁତ୍ୱପୁର୍ଣ୍ଣ ଥିଲା ସେ ବାବଦରେ ସାର ଡେନିସ ରାଇଟ ମଧ ଲେଖିଛନ୍ତି। ଡେନିସ ରାଇଟ ୧୯୬୩ ରୁ ୧୯୭୧ ପର୍ଯ୍ୟନ୍ତ ଇରାନରେ ରାଷ୍ଟ୍ରଦୂତ ଥିଲେ। ତାଙ୍କ ଲିଖିତ ପୁସ୍ତକ "ଦି ଇଂଲିସ ଆମଙ୍ଗେଷ୍ଟ ଦି ପାର୍ସିଆନ୍ସ ଡିୟୁରିଙ୍ଗ ଦି କ୍ୟାଜାର ପିରିୟଡ଼ ୧୭୮୭ -୧୯୨୧" ରେ ଇଂରେଜ ମାନଙ୍କ ପାଇଁ ଭାରତର ଗୁରୁତ୍ୱ ବାବଦରେ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି। ତାଙ୍କ ପୁସ୍ତକର ପ୍ରସ୍ତାବନାରେ ଡେନିସ ରାଇଟ ଲେଖିଛନ୍ତି "ସଂପୁର୍ଣ୍ଣ ବିଶ୍ୱ ଉପରେ ଆଧିପତ୍ୟ ସମୟରେ ଇଂରେଜମାନେ ଇରାନ ଉପରେ ଅଧିକ ନଜର ରଖିଥିଲେ। କାରଣ ସେମାନଙ୍କର ଡ଼ର ଥିଲା ସୋଭିଏତ ୟୁନିୟନ (ବର୍ତ୍ତମାନର ଋଷ) ଯଦି ଇରାନ ଉପରେ କବ୍‌ଜା କରିଦିଏ ତେବେ ଇଂରେଜଙ୍କ "ଜୁଏଲ ଇନ୍ ଦି କ୍ରାଉନ ଇଣ୍ଡିଆ" ତାଙ୍କ ହାତରୁ ଖସି ଯାଇପାରେ।

ଏସବୁ ପରେ ତତ୍‌କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନଷ୍ଟନ ଚର୍ଚ୍ଚିଲ ୧୯୩୧ ମସିହା ଫେବୃୟାରୀ ମାସରେ ହାଉସ୍ ଅଫ କମନସ୍‌ରେ ଦେଇଥିବା ଭାଷଣରେ ଏକ ଅଂଶ ମଧ ଏଠାରେ ଉଲ୍ଲେଖ କରାଯିବା ଉଚିତ୍। ଚର୍ଚ୍ଚିଲ୍ କହିଥିଲେ "ଭାରତ ଆମ ହାତରୁ ଚାଲିଯିବା ଆମ ପାଇଁ ଫାଇନାଲ ନିଶ୍ଚୟ ଏବଂ ଏହା ଆବଶ୍ୟମ୍ଭାବୀ ଏବଂ ଏହାପରେ ବିଶ୍ୱରେ ବ୍ରିଟେନର ଶକ୍ତି ସିମୀତ ଅଥବା କମ ହୋଇଯିବ"। ଚର୍ଚ୍ଚିଲଙ୍କ ଏହି ବକ୍ତବ୍ୟରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଆର୍ଥୀକ, ସାମରିକ ଏବଂ ଦୃଷ୍ଟିକୋଣରୁ ବ୍ରିଟେନ ପାଇଁ ଭାରତ ଗୁରୁତ୍ୱପୂର୍ଣ୍ଣ ଥିଲା। ଦେଶ ସ୍ୱାଧିନ ହେବା ପରେ ଐତିହାସିକ ମାନେ ଏସବୁ ତଥ୍ୟକୁ ବୌଦ୍ଧିକ ବିମର୍ଷର ନାମ ଦେବା ସହ ବିଦେଶୀ କୃରତାକୁ ନ୍ୟାୟୋଚିତ ବୋଲି କହି ଭାରତୀୟ ଇତିହାସରେ ସାମିଲ କରିଦେଲେ। ଇଂରେଜୀକବି ରୁଡ଼ୟାଡ କିପଲିଙ୍ଗ୍ ଏହାକୁ ବିରୋଧ କରି ଏକ କବିତା ଲେଖିଥିଲେ। ତାଙ୍କ କବିତା "ଦି ହ୍ୱାଇଟ ମେନ୍ସ ବର୍ଡନ"ରେ କେମିତି ଐତିହାସିକ ମାନେ ପ୍ରକୃତ ତଥ୍ୟକୁ ଉପସ୍ଥାପନ କରିନାହାଁନ୍ତି ବୋଲି ଦର୍ଶାଇଥିଲେ।

ଇତିହାସ ଲିଖନ ବେଳେ ଭାରତୀୟତାକୁ ହୀନ ଭାବେ ଚିତ୍ରଣ କରାଇବା ଏବଂ ଭାରତର ଗୌରବଶାଳୀ ପରମ୍ପରାକୁ ଉପେକ୍ଷା କରାଯାଇଥିଲା। ଏହା ଏକ ସମାଜର ସାଂସ୍କୃତିକ ମୂଲ୍ୟ, ପରମ୍ପରା ଏବଂ ସଂସ୍କାର ମୌଳିକ ଋପର ଉଲଂଘନ ନିଶ୍ଚୟ। ଜନ ସୁଲିବନ ନାମକ ଜନୈକ ବ୍ରିଟିଶ ଅଧିକାରୀଙ୍କ ମତରେ "ଇଂରେଜ ମାନେ ଭାରତରୁ ଅନେକ ଧନ ସମ୍ପତ୍ତି ନେଇଛନ୍ତି। ଏସବୁ ତଥ୍ୟ ଏନସିଇଆରଟି ର ପୁସ୍ତକରେ ସ୍ଥାନ ପାଇଛି ଯାହା ବାବଦରେ ଅନେକ ତଥ୍ୟ ରହିଛି। ଏ ପ୍ରସଙ୍ଗରେ ଆମେରିକାନ ସାହିତ୍ୟର ପ୍ରଭାବଶାଳୀ ସାହିତ୍ୟକ ମାୟା ଏଞ୍ଜେଲେଙ୍କ ମତ ମଧ ପ୍ରଣିଧାନ ଯୋଗ୍ୟ। ସତ୍ୟକୁ ଚପାଇଦେବା ବଦଳରେ ସତ୍ୟକୁ ବାହାର କରିବା ଉଚିତ୍।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ସଂରକ୍ଷିତ ପଦବୀ ଖାଲି



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଭାରତୀୟ ରାଜନୈତିକ ଦଳମାନଙ୍କ ମଧ୍ୟରେ ସଂରକ୍ଷଣ ସର୍ବଦା ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି, ଜାତି, ଧର୍ମ, ବର୍ଣ୍ଣ ଏବଂ ସମ୍ପ୍ରଦାୟ ଆଧାରରେ ଶିକ୍ଷା ଠାରୁ ଆରମ୍ଭ କରି ନିଯୁକ୍ତି, ଏବଂ ନିର୍ବାଚନ କ୍ଷେତ୍ରରେ ସଂରକ୍ଷଣ ପାଇଁ ରାଜନୈତିକ ଦଳମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। କ୍ଷମତାରେ ଥିବା ଦଳ ମଧ ବିଭିନ୍ନ ସମୟରେ ବିଭିନ୍ନ ବର୍ଗ, ସମ୍ପ୍ରଦାୟ ପାଇଁ ହଠାତ୍ ସଂରକ୍ଷଣ ନିଷ୍ପତି ନେଇ ତୁଷ୍ଟୀକରଣ ରାଜନୀତିକୁ ପ୍ରୋତ୍ସାହନ ଦେବାର ବହୁ ନଜୀର ରହିଛି। ମାତ୍ର ସୁପ୍ରିମକୋର୍ଟ ସଂରକ୍ଷଣ ନେଇ ସୀମା ଧାର୍ଯ୍ୟ କରିଥିବାରୁ ଦେଶରେ ସଂରକ୍ଷଣ'ର ହାର ବୃଦ୍ଧି ହୋଇପାରୁନାହିଁ। ଆମ ଦେଶରେ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଅବସରପ୍ରାପ୍ତ ସେନା କର୍ମଚାରୀ, ଦିବ୍ୟାଙ୍ଗ, ମହିଳାଙ୍କ ପାଇଁ ଉଭୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କେତେକ ରାଜ୍ୟସ୍ତରରେ ବିଭିନ୍ନ ସମ୍ପ୍ରଦାୟ ପାଇଁ ମଧ ସଂରକ୍ଷଣ ବ୍ୟବସ୍ଥା ରହିଛି। ୯୦ଦଶକରେ ସମ୍ବିଧାନ ସଂଶୋଧନ କରି ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ତାହା ବହୁ ରାଜ୍ୟରେ କାର୍ଯ୍ୟକାରୀ ହୋଇପାରିନାହିଁ। ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ସୀମା ମୁଖ୍ୟ ପ୍ରତିବନ୍ଧକ ଥିବା କୁହାଯାଏ। ସେହିପରି ଆଞ୍ଚଳିକ ସ୍ତରରେ ହରିଆନା ଓ ଆନ୍ଧ୍ରପ୍ରଦେଶ ପରି କେତେକ ରାଜ୍ୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ



ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ୭୫ପ୍ରତିଶତ ସଂରକ୍ଷଣ ମଧ ଲାଗୁ କରିବା ପାଇଁ ଆଇନ ପ୍ରଣୟନ ହୋଇଛି। ଆହୁରି ମଧ ସ୍ଥାନ ସଂରକ୍ଷଣ କୋଟା ବୃଦ୍ଧି ଓ ସୁପ୍ରିମକୋର୍ଟଙ୍କ ସୀମା ଉଚ୍ଛେଦ ଏବଂ ଜାତିଭିତିକ ଜନଗଣନା ଦାବି ଯୋର ଧରିଥିବା ବେଳେ ସଂରକ୍ଷିତ ପଦବୀ ଖାଲି ନେଇ ଖୋଦ୍ କେନ୍ଦ୍ର ସରକାର ପାର୍ଲିଆମେଣ୍ଟରେ ଯେଉଁ ସୂଚନା ଦେଇଛନ୍ତି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି କୁହାଯାଇପାରେ। ରାଜ୍ୟସଭାରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ସଦସ୍ୟ ମନୋଜ କୁମାର ଝାଙ୍କ ପ୍ରଶ୍ନର ଉତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ପଛୁଆ ବର୍ଗଙ୍କ ପାଇଁ ସୁରକ୍ଷିତ ପ୍ରଫେସର ପଦବୀ ମଧ୍ୟରୁ ୮୦ ପ୍ରତିଶତରୁ ଅଧିକ ପଦବୀ ଖାଲି ପଡ଼ିଥିବାବେଳେ ଅନୁସୂଚିତ ଜନଜାତି ବର୍ଗରେ ୮୩ ପ୍ରତିଶତ ସଂରକ୍ଷିତ ପଦବୀ ଖାଲିପଡ଼ିଛି। ସେହିପରି ପଛୁଆ ବର୍ଗରେ ୬୯ପ୍ରତିଶତ ସହକାରୀ ପ୍ରଫେସର ଏବଂ ଅନୁସୂଚିତ ଜନଜାତି (ଏସଟି) ବର୍ଗଙ୍କର ୭୫ପ୍ରତିଶତ ସଂରକ୍ଷିତ ପଦବୀ ଖାଲିପଡ଼ିଛି। ଏହି ଦୁଇ ବର୍ଗ ତୁଳନାରେ ଅନୁସୂଚିତ ଜାତି(ଏସଟି) ବର୍ଗରେ ଅପେକ୍ଷାକୃତ କମ ତଥା ୫୧ପ୍ରତିଶତ ସଂରକ୍ଷିତ ପଦବୀ ଖାଲିପଡ଼ିଛି। ସଂରକ୍ଷିତ ସହକାରୀ ପ୍ରଫେସର ପଦବୀରେ ପଛୁଆ ବର୍ଗର ୨୩ ପ୍ରତିଶତ ଏସଟି ବର୍ଗର ୧୫ପ୍ରତିଶତ ଏବଂ ଏସସି ବର୍ଗର ୧୪ପ୍ରତିଶତ ପଦବୀ ଖାଲି ପଡ଼ିଛି। ସେହିପରି ସାଧାରଣ ବର୍ଗରେ ୩୯ପ୍ରତିଶତ ସଂରକ୍ଷିତ ପ୍ରଫେସର ପଦବୀ ଏବଂ ୧୬ପ୍ରତିଶତ ସହକାରୀ ପ୍ରଫେସର ପଦବୀ ପୁରଣ ହୋଇପାରିନାହିଁ। ଭାତ ହାଣ୍ଡିରୁ ଗୋଟିଏ ପରି ଦେଶରେ ଶିକ୍ଷା ବିଭାଗରେ କେତେ ସଂଖ୍ୟକ ସଂରକ୍ଷିତ ପଦବୀ ଖାଲି ପଡ଼ିଛି, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ଶିକ୍ଷା ବିଭାଗ ନୁହେଁ, ସ୍ୱରାଷ୍ଟ୍ର ବିଭାଗଠାରୁ ଆରମ୍ଭ କରି ଦେଶରେ ପ୍ରାୟ ସମସ୍ତ ବିଭାଗରେ ଏହିଭଳି ହଜାର ହଜାର ସଂରକ୍ଷିତ ପଦବୀ ଖାଲି ପଡ଼ିଛି। ଖାଲି ପଡ଼ିଥିବା ସୁରକ୍ଷିତ ପଦବୀ ଗୁଡିକ ପାଇଁ ସେହି ବର୍ଗରୁ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ହେଉଛନ୍ତି କି ନାହିଁ ସେ ନେଇ ସରକାରଙ୍କ ନିକଟରେ କୌଣସି ରେକର୍ଡ ନଥିବା ମନେ ହୁଏ। ସେହିପରି ତଥ୍ୟ ଜାଣିବାର ଅଧିକାର ବଳରେ ଖାଲି ପଦବୀ ସଂଖ୍ୟା ସମ୍ପର୍କରେ ତଥ୍ୟ ମଗାଯାଇଥିଲେ ମଧ ଯେଉଁ ଉତର ମିଳିଛି, ତାହା ଅସମ୍ପୂର୍ଣ୍ଣ ଏବଂ ସନ୍ତୋଷଜନକ ନଥିବା ଜଣେ ଆବେଦନକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସଟି, ଏସସି ବର୍ଗ ପାଇଁ ଖାଲି ପଡ଼ିଥିବା ଆସନ ପୁରଣ ପାଇଁ ଅଶୀ ଦଶକରେ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଇତି ମଧ୍ୟରେ ହଜାର ହଜାର ସଂରକ୍ଷିତ ପଦବୀ ଖାଲି ପଡ଼ିଲାଣି। କିନ୍ତୁ ଖାଲି ପଦ ପୂରଣ ପାଇଁ କୌଣସି ସ୍ୱତନ୍ତ୍ର ଉଦ୍ୟମ ହୋଇନାହିଁ। ଅନ୍ୟ ପକ୍ଷରେ ଦେଶରେ ବେକାର ଯୁବକଯୁବତୀ ସଂଖ୍ୟା ବଢ଼ି ଚାଲିଛି। ମଞ୍ଜୁରୀ ପ୍ରାପ୍ତ ସଂରକ୍ଷିତ ପଦବୀରେ ପୁରଣ ଉଦ୍ୟମ ହେବା ବର୍ତ୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା ଥିବା ମନେହୁଏ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ: ୭୯୭୮୬୬୫୪୦୩

# ଛବିଳ ମଧୁ ବର୍ଣ୍ଣବୋଧର ଅତୀତ ଓ ବର୍ତ୍ତମାନ ଇତିହାସ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଛବିଳ ମଧୁ ବର୍ଣ୍ଣବୋଧ ଓଡ଼ିଶାର ଏକ ଶିଶୁ ପୁସ୍ତକ ଅଟେ। ଏହା ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ୧୮୯୫ ମସିହାରେ ଲେଖା ଯାଇଥିଲା। ଓଡ଼ିଆ ଭାଷା ଶିଖିବା ପାଇଁ ବିଶେଷ କରି ପିଲାମାନଙ୍କ ପାଇଁ ଏକ ସଂପୂର୍ଣ ପୁସ୍ତକ ଅଟେ। ଏଥିରେ ଓଡ଼ିଆ ବର୍ଣ୍ଣମାଳା ସହ ମାତ୍ରା ଓ ଯୁକ୍ତାକ୍ଷର ରହିଛି, ଯାହାକି ପିଲାଙ୍କ ମନେ ରହିବା ପରି ଲେଖା ମାନଙ୍କରେ ଦର୍ଶାଯାଇଛି। ଏହି ବହିଟିରେ ଇଂରାଜୀ ଏବଂ ହିନ୍ଦୀ ବର୍ଣ୍ଣମାଳା ମଧ ଅଛି। ଏଥି ସହିତ ବହି ଶେଷରେ ପ୍ରାର୍ଥନା ଓ ପଣକିଆ ବହିଟିକୁ ଏକ ସଂପୂର୍ଣ୍ଣ ପ୍ରାଥମିକ ପୁସ୍ତକ କରିଛି। ଛବିଳ ମଧୁ ବର୍ଣ୍ଣବୋଧର ପ୍ରଥମ ସଂସ୍କରଣ ଲଣ୍ଡନଠାରେ ପ୍ରକାଶ କରାଯାଇଥିଲା। ୧୯୬୦ ବେଳକୁ ଏହି ବହି ବଜାରରେ ଆଉ ମିଳୁ ନଥିଲା। ଏହାର ବିକଳ୍ପ ଭାବରେ ଛବିଳ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧ ଓ ସହଜ ମଧୁ ବର୍ଣ୍ଣବୋଧ ନାମରେ ଅନେକ ବହି ବିକ୍ରୀ ହେଉଥିଲା। ସେହିପରି ୨୦୧୪ ମସିହାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ବହିଟିକୁ ପୁନଃ ପ୍ରକାଶନ କରି ଅନେକ ତୃଟି ବିଚ୍ୟୁତି ଯୋଗୁ ବିବାଦ ଘେରକୁ ଆସିଥିଲା L ତେବେ ଏବେ ଏ ବହିଟି ନୂତନ ଭାବରେ ପ୍ରକାଶ ହୋଇଥିବାରୁ ପୁଣି ଏହା ମଧ୍ଯ ବିବାଦ ଘେରରେ ରହିଛି L

ନିକଟରେ ଭକ୍ତକବି ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରକାଶ କରିଛନ୍ତି ବର୍ତ୍ତମାନର ଓଡ଼ିଆ ସରକାର। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ବର୍ଣ୍ଣବୋଧ'ର ପୁନଃମୁଦ୍ରିତ ସଂସ୍କରଣ ଓ ଏହାର ଡିଜିଟାଲ କପି ଉନ୍ମୋଚନ କରିଛନ୍ତି ବର୍ତ୍ତମାନର ଓଡ଼ିଶା ସରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଧ କହିଥିଲେ ଯେ ଚଳିତ ବର୍ଷ ଏହି ପୁସ୍ତକର ୧୦ ହଜାର କପି ଛପାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ପବିତ୍ର ଶ୍ରୀ ପଞ୍ଚମୀ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମତିଥି ଅବସରରେ ତାଙ୍କ ରଚିତ ବର୍ଣ୍ଣବୋଧକୁ ନୂତନ ଭାବେ ପ୍ରକାଶ କରିବା ଭକ୍ତକବିଙ୍କ ପ୍ରତି ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମଧ ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଥିଲେ ଯେ ଓଡ଼ିଆ ଭାଷାର ନିଜତ୍ୱ, ମୂଳ ସ୍ୱରୂପକୁ ଜନମାନସରେ ଆଦୃତ କରିବା ପାଇଁ ଲେଖା ହୋଇଥିଲା 'ବର୍ଣ୍ଣବୋଧ' ଓ ଏହାର ରଚୟିତା ଭକ୍ତକବି ମଧୁସୂଦନ ରାଓ ଅତି ଚମତ୍କାର ଭାବେ ଅକ୍ଷର, ବର୍ଣ୍ଣ, ଯୁକ୍ତାକ୍ଷର, ଶବ୍ଦ, ଶବ୍ଦ ଗଠନ, ବାକ୍ୟ ଗଠନକୁ କିପରି ସରଳ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କୁ ଶିଖାଇ ହେବ ଏହି ପୁସ୍ତକରେ ପ୍ରତିପାଦିତ ହୋଇଛି। ବର୍ଣ୍ଣବୋଧର ଭାଷା ଥିଲା ଅତ୍ୟନ୍ତ ସହଜ ଓ ସରଳ। ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି କୋମଳ ମନକୁ ଆକର୍ଷିତ କରିଥିଲେ। ଏହି ବହିଟି ଅତି କମ୍ ଦିନରେ ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟିଗଲା। ୧୮୯୫ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା। ଏହାର ଲୋକପ୍ରିୟତା ଏଭଳି ବଢ଼ିଥିଲା ଯେ ୧୮୯୫ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା। ଆମେ ସବୁ ଏହି 'ବର୍ଣ୍ଣବୋଧ'କୁ ପଢି ବଡ଼ ହୋଇଛୁ, ଓଡିଆ ଭାଷାକୁ ଶିଖିଛୁ। ବର୍ଣ୍ଣବୋଧ ଆମ ମାଟି, ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଛି। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ତେବେ ବର୍ଣ୍ଣୋବୋଧ ର ପ୍ରଚ୍ଛଦ ବଦଳିବା ଏବେ କିଛି ଲୋକଙ୍କୁ ଦୁଃଖ ଦେଇଛି ଓ ଏହାକୁ ନେଇ ସମାଲୋଚନା ମଧ ହୋଇଛି L ୧୮୫୩ରେ ଜନ୍ମିତ ମଧୁସୂଦନ ରାଓ ୧୮୯୫ରେ ବର୍ଣ୍ଣବୋଧର ରଚନା କରିଥିଲେ। ଯେଉଁଥିରେ ଓଡ଼ିଆର ଅକ୍ଷର, ବର୍ଣ୍ଣ, ଆକାର, ଶବ୍ଦ ବାବଦରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପରେ ଏଥିରେ ଛବି ଯୋଡ଼ାଯାଇ ପ୍ରଚ୍ଛଦରେ ବିଲେଇର ଫଟୋ ଥାଇ ଛବିଳ ମଧୁ ବର୍ଣ୍ଣବୋଧ ଭାବେ ବ୍ୟାପକ ଭାବେ ଆଦୃତ ହେଲା। ହେଲେ ଏବେର ସଂସ୍କରଣ ରେ ବିଲେଇ ବଦଳରେ ହରିଣ ପ୍ରଚ୍ଛଦ ଓ ରଙ୍ଗ କୁ ନେଇ କିଛି ଭାଷାବିତ୍ ଓ ବୁଦ୍ଧିଜିବୀ ମାନେ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ନୂତନ ରୂପେ ବଦଳି ଥିବା ବର୍ଣ୍ଣବୋଧରେ, ବିଲେଇ ବଦଳରେ ପ୍ରଚ୍ଛଦ ପୃଷ୍ଠାରେ ହରିଣ ଚିତ୍ର ସ୍ଥାନ ପାଇଛି। କଳାଧଳା ବଦଳରେ ରଙ୍ଗୀନ ହୋଇଛି ବର୍ଣ୍ଣବୋଧ। କାନ୍ଥବାଡ଼, କୋଠାବାଡ଼ିର ରଙ୍ଗ ଭଳି ବର୍ଣ୍ଣବୋଧ ବି ବିଭିନ୍ନ ରଙ୍ଗରେ ପ୍ରକାଶିତ ହୋଇଛି ଓ ଏହା ମଧ କୁହା ଯାଇଚି ଯେ ବିଲେଇ ବଦଳରେ ହରିଣ ଫଟୋ ଥିଲେ ବି ଏହାର ମୌଳିକତା ବଜାୟ ରହିଛି L ହେଲେ ବର୍ଣ୍ଣବୋଧର ନୂତନ ସଂସ୍କରଣ ଓ ଏହାର ଲେଖା, ଛବିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଷାବିତ ଓ ବୁଦ୍ଧିଜିବୀ ମାନେ। ୧୮୯୫ରେ ପ୍ରକାଶିତ ପ୍ରଥମ ସଂସ୍କରଣ ବହିର ନାଁ ଥିଲା ବର୍ଣ୍ଣବୋଧ। ପରେ ଏହାକୁ ଆଉ ଏକ ପ୍ରକାଶନ ସଂସ୍ଥା ଏଥିରେ କିଛି ଛବି ଯୋଡ଼ି ଛବିଳ ମଧୁ ବର୍ଣ୍ଣବୋଧ ନାଁରେ ବଜାରକୁ ଆସିଥିଲା। ହେଲେ ବିଲେଇ ଫଟୋ ଥିବା ଛବିଳ ମଧୁ ବର୍ଣ୍ଣବୋଧ ବ୍ୟାପକ ଭାବେ ଆଦୃତ ହୋଇଥିଲେ ବି ବହିର ଟାଇଟଲ ସହ




ମଧୁବାବୁଙ୍କ କିଛି ସମ୍ପର୍କ ନଥିଲା। ନୂତନ ସଂସ୍କରଣ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି କୁହାଯାଉଥିବା ବେଳେ ପୁରୁଣା ବହିରେ ଥିବା ବିଲେଇର ଛବିକୁ ହଟାଇ ଥିବା କୁ ନେଇ ଏହାକୁ ନାପସନ୍ଦ କରିଛନ୍ତି ଭାଷାବିତ ମାନେ। ଆମେ ଯଦି ଟିକେ ମଧୁସୂଦନ ରାଓଙ୍କ ବିଷୟରେ ଆଲୋକପାତ କରିବା ତେବେ ଏହାର ମୂଳ କଥାକୁ ଜାଣି ପାରିବା L ପଶୁ, ପକ୍ଷୀ, ସକାଳ, ସନ୍ଧ୍ୟା, ଆଖପାଖର ଦୃଶ୍ୟ ଭଳି ସହଜ ଉଦାହରଣ ସବୁ ଦେଇ, ଭକ୍ତକବି ମଧୁସୂଦନ ରାଓ କୋମଳ ମନକୁ ଆକର୍ଷିତ କରିଥିଲେ ମୂଳ ଲେଖା ମଧୁ ବର୍ଣ୍ଣବୋଧରେ। ଏହି ବହିଟି ପ୍ରତ୍ୟେକ ଓଡ଼ିଆ ପରିବାରର ଅଂଶ ପାଲଟି ଥିଲା। ଘରେ ଘରେ ବର୍ଣ୍ଣବୋଧ ବେଶ୍ ପରିଚିତ ଥିଲା। ୧୮୯୫ ରେ ବହିଟି ପ୍ରଥମେ ପ୍ରକାଶିତ ହୋଇଥିଲା। ଏହାର ଲୋକପ୍ରିୟତା ଏଭଳି ବଢ଼ିଗଲା ଯେ ୧୮୯୫ ରୁ ୧୯୦୧ ଭିତରେ ବହିର ଆଠଟି ସଂସ୍କରଣ ହୋଇଥିଲା। ଏହା ସତ୍ୟ ଯେ ଓଡିଶାର ପ୍ରତି ପୁରପଲ୍ଲୀରେ, ଗାଁରେ, ସହରରେ ବର୍ଣ୍ଣବୋଧ ଆମ ମାନଙ୍କର ମାଟି,ପାଣି ଓ ପବନରେ ପ୍ରଗାଢ଼ ଆସ୍ଥାର ଅଣୁ ପରମାଣୁ ହେଇ ସଂଚରି ଯାଇଥିଲା। ଆମ ପାଇଁ 'ବର୍ଣ୍ଣବୋଧ' କହିଲେ ଥିଲା, 'ଛବିଳ ମଧୁ ବର୍ଣ୍ଣବୋଧ'। ଓଡ଼ିଆ ଭାଷା ଶିକ୍ଷାଦାନ କରିବା ପାଇଁ ବର୍ଣ୍ଣବୋଧର ବିକଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ସରଳ ଭାଷାରେ ଓ ଛୋଟ ଛୋଟ ପଦ୍ୟ ମାଧମରେ ଶିକ୍ଷାଦାନକୁ ସେ ବୋଧଗମ୍ୟ କରିଥିଲେ ଯାହା ଅଦ୍ୱିତୀୟ L ବର୍ଣ୍ଣବୋଧ, ପ୍ରତି ଓଡ଼ିଆଙ୍କ ପ୍ରିୟ ପୁସ୍ତକ। ଏହା ଗୋଟିଏ ରାଜ୍ୟ ତଥା ସମୃଦ୍ଧ ଜାତିର ଶିକ୍ଷାକୁ କାଳ କାଳ ଧରି ପ୍ରଭାବିତ କରି ଆସିଥିବା ଏକ ଚିରନ୍ତନ ମହକ। ୧୩୦ ବର୍ଷ ପରେ ମଧ ଏହାର ବିକଳ୍ପ ନାହିଁ।

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେଉଛି 'ବର୍ଣ୍ଣବୋଧ'। ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ 'ବର୍ଣ୍ଣବୋଧ' ମାଧମରେ ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଛନ୍ତି। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ବର୍ଣ୍ଣବୋଧ ଯେତିକି ଉପାଦେୟ, ସେତିକି ଅପରିହାର୍ଯ୍ୟ। ହେଲେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଶିକ୍ଷାର ମୂଳଦୁଆଭାବେ ପରିଚିତ ବର୍ଣ୍ଣବୋଧ ଆଉ ବଜାରରେ ଆଖି ଦୃଶିଆ ମିଳୁନି। ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ପାଠ୍ୟକ୍ରମ ଯୁଗରେ ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ଏକାଧିକ ପୁସ୍ତକ ଓ ଅଧ୍ୟୟନ କୌଶଳ ପ୍ରକାଶିତ ହୋଇଛି। ହେଲେ ବର୍ଣ୍ଣବୋଧ ଆଜି ବି ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ନିଜ ଲୋକପ୍ରିୟତା ହରାଇନି। ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକଭାବେ ଏହାର ଆଦୃତି ଏବେ ବି ରହିଛି ଯୁଗ ଯୁଗ ପାଇଁ ରହିଥିବ ମଧ। କିନ୍ତୁ କିଛି ବେପାରୀ ପ୍ରକାଶକ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧକୁ ବିକୃତ କରି ଛାପିବାରୁ ଏହାର ମୌଳିକତା କିଛି ନଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଛବିଳ ମଧୁ ବର୍ଣ୍ଣବୋଧ, ଏହା ଏମିତି ଏକ ଉପାଦେୟ ବହି, ଯାହା ଯୁଗୋପଯୋଗୀ ଯାହାକି, ଭାଷା ଶୁଦ୍ଧ ହେବା ସହିତ ପିଲାଙ୍କ ଲେଖା ଶୈଳୀରେ ମଧ ପରିମାର୍ଜିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହେଲେ, ସମୟ ସୁଅରେ ଏବେ ଭାଷି ଯାଇଛି ଏହି ବିଲେଇ ବହି ବା ଛବିଳ ମଧୁ ବର୍ଣ୍ଣବୋଧ।

ଛବିଳ ମଧୁ ବର୍ଣ୍ଣବୋଧ, ଦେଖିବାକୁ ଛୋଟ ଚଟି ବହିଟିଏ। ଯାହାର ରଚୟିତା ଭକ୍ତ କବି ମଧୁସୂଦନ ରାଓ। ସମୟ ଥିଲା ଛୋଟ ପିଲା ମାନଙ୍କର ଛବିଳ ମଧୁ ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ମୂଳଦୁଆ ଭାବେ କଳ୍ପନା କରିହେଉ ନଥିଲା। ସେତେବେଳେ ପିଲା ମାନଙ୍କର ମଧୁ ବର୍ଣ୍ଣବୋଧ ଚାଟଶାଳି ଓ ପ୍ରାଥମିକ ବିଦ୍ୟାଳୟରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଯାହାକି, ଓଡିଶା ମାଟିର ସବୁ ପିଲାଙ୍କ ପାଇଁ ଏହି ଛବିଳ ମଧୁ ବର୍ଣ୍ଣବୋଧ ବହିଟି ଆଦ୍ୟ ଗୁରୁ ଅଟେ। ବର୍ତ୍ତମାନ ସମୟରେ ପିଲାମାନେ ଇଂରାଜୀରୁ ପାଠ ପଢିବା ଆରମ୍ଭ କଲେଣି। ପିଲାଙ୍କ ମନ ଭିତରୁ ଓଡ଼ିଆ ଶିକ୍ଷା ବିଲୁପ୍ତ ହେବାସହ ଇଂରାଜୀ ଆପଣେଇଲେଣି। ଯାହା ଫଳରେ ଛବିଳ ମଧୁ ବର୍ଣ୍ଣବୋଧ ପିଲାଙ୍କ ମନରୁ ଦୁରେଇବାକୁ ବସିଲାଣି। ମଧୁସୂଦନ ରାଓଙ୍କ ରଚନା ଖୁବ ସରଳ ଓ ଶୁଦ୍ଧ ଓଡିଆରେ ଲେଖା। ମଧୁସୂଦନ ରାଓ ଓ ଫକୀର ମୋହନ ସେନାପତିଙ୍କ ଠାରୁ ଓଡ଼ିଆ ଭାଷାର ଆଧୁନିକ ଯୁଗର ଆରମ୍ଭ ହୋଇଥିବା ମଧ କୁହାଯାଏ। ସେ ଯାହାହେଉ, ଏବେ କିନ୍ତୁ ଚାହାଳି ଘରେ ଆଉ ଶୁଭୁନାହିଁ ଛବିଳ ମଧୁ ବର୍ଣ୍ଣବୋଧର ଶବ୍ଦ ଗୁଡିକ। ସମୟ ବଦଳିବା ସହ, ପିଲାମାନଙ୍କ ରୁଚି ମଧ ବଦଳୁଛି। ଏବଂ ସମୟ ସୁଅରେ ଭାଷିଯାଇଛି ଛବିଳ ମଧୁ ବର୍ଣ୍ଣବୋଧ। ଯେଉଁ ବହି ପଢି ଦିନେ ପିଲାମାନେ ଓଡ଼ିଆ ଭାଷାକୋଷ ସହିତ ପରିଚିତ ହେଉଥିଲେ, ସେହି ଛବିଳ ମଧୁ ବର୍ଣ୍ଣବୋଧ ଆଜି ଆଉ ପିଲାମାନଙ୍କର ପ୍ରାଥମିକ ଶ୍ରେଣୀରେ ଦେଖିବାକୁ ମିଳୁନାହିଁ L ବିଦେଶୀ ଢାଞ୍ଚାରେ ଗଢି ଉଠିଥିବା କିଛି ପୁଞ୍ଜିପତି ବେସରକାରୀ ବିଦ୍ୟାଳୟରେ ବର୍ଣ୍ଣବୋଧକୁ ଅଗ୍ରାଧିକାର ଦିଆ ଯାଉ ନାହିଁ ଯାହା ଫଳରେ ପିଲାଏ ମଧୁ ବର୍ଣ୍ଣବୋଧ କଣ ଜାଣି ପାରୁ ନାହାନ୍ତି L ଇଂରାଜୀ ବିଦ୍ୟାଳୟ କଥା ଛାଡ଼ନ୍ତୁ L ତେବେ ବିଲେଇ ଓ ହରିଣ ଭିତରେ ଛାୟା ଯୁଧ ଚାଲିଥିଲା ବେଳେ ସରକାରୀ ସ୍ତରରେ କଡ଼ା କଡି ନିୟମ ଜାରି ହେବା ଦରକାର ଯେ ସେ ସରକାରୀ ହେଉ ଅବା ବେସରକାରୀ, ଅବା ଓଡ଼ିଆ ମିଡିଅମ ସ୍କୁଲ ହେଉ ଅବା ଇଂରାଜୀ ମିଡିୟମ ସ୍କୁଲ, ସବୁଠି ଓଡ଼ିଆ ମଧୁ ବର୍ଣ୍ଣବୋଧକୁ ଶିକ୍ଷାରେ ସାମିଲ କରାଯାଉ ଓ ପଢ଼ା ଯାଉ ଓ ଠିକ୍ ସେ ପଢ଼ା ହେଉଛି କି ନା ତାହା ମଧ ଯାଂଚ୍ କରା ଯାଉ L ଏହା ହୋଇପାରିଲେ ପିଲା ମାନଙ୍କର ବୌଦ୍ଧିକ ଜ୍ଞାନ ବଢିବା ସହିତ ଓଡ଼ିଆ ଭାଷା ସାହିତ୍ୟ ମଜଭୁତ ହେବ ଓ ଓଡ଼ିଆ ଅସ୍ମିତା ବଜାୟ ରହିବ L

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬



## ହସ୍ପିଟାଲରେ ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ

**ରାଞ୍ଚି,୪।୮:** ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର । ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲରେ ଲାଇଫ ସପୋର୍ଟରେ ରହିଛନ୍ତି । ଜାମସେଦପୁର ସ୍ଥିତ ନିଜ ବାସଭବନ ବାଥରୁମରେ ପଡିବା ଯୋଗୁଁ ଗୁରୁତର ଆହତ ହୋଇଥିଲେ । ଏହାପରେ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା । ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଜାମସେଦପୁରସ୍ଥିତ ବାସଭବନରେ ପଡ଼ିଯାଇଥିଲେ । ମନ୍ତ୍ରୀ ରାମଦାସ ସୋରେନ ଜାମସେଦପୁର ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଡାକ୍ତର ଜାଣିବାକୁ ପାଇଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ପାଇଁ ଏୟାରଲିଫ୍ଟ କରାଯାଇଛି । ଏୟାର ଆମ୍ବୁଲାନ୍ସ ଜରିଆରେ ସୋନାରୀ ଏୟାରପୋର୍ଟରୁ ଦିଲ୍ଲୀକୁ ନିଆଯାଇଛି । ମନ୍ତ୍ରୀଙ୍କ ସହିତ ରାମଦାସ ସୋରେନଙ୍କ ପତ୍ନୀ, ପୁଅ ଏବଂ ସଂପର୍କୀୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି । ଶନିବାର ଦିନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମଧ୍ୟ ରାମଦାସ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ପାଇଁ ହସ୍ପିଟାଲକୁ ଯାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ ।

## ମଝି ସମୁଦ୍ରରେ ବୁଡ଼ିଗଲା ଜାହାଜ , ୬୮ ମୃତ

**ସାନା,୪।୮:** ୟେମେନରେ ବଡ଼ ଅଘଟଣ। ଦକ୍ଷିଣ ଅବିୟାନ ପ୍ରଦେଶ ନିକଟରେ ନୌକା ଓଲଟି ପଡ଼ିବାରୁ ୬୮ ଜଣ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି । ୟେମେନ ଗଣମାଧ୍ୟମ ଅନୁଯାୟୀ, ପ୍ରାୟ ୧୫୪ ଜଣ ଶରଣାର୍ଥୀଙ୍କୁ ନେଇ ଏହି ନୌକା ଗଲ୍ଫ ଅଫ ଏଡେନରେ ଖରାପ ପାଗ ଯୋଗୁଁ ଓଲଟି ପଡ଼ିଥିଲା । ମାତ୍ର ୧୨ ଜଣ ଉଦ୍ଧାର ହୋଇଛନ୍ତି, ଆଉ ୭୪ ଜଣ ନିଖୋଜ ଅଛନ୍ତି । ଖାନଫର ଜିଲ୍ଲାରେ ୫୪ ଜଣଙ୍କ ମୃତଦେହ ସମୁଦ୍ର କୂଳରେ ମିଳିଛି ଏବଂ ୧୪ ଜଣଙ୍କ ମୃତଦେହ ଜିଞ୍ଜିବାର ହସ୍ପିଟାଲରେ ରଖାଯାଇଛି ।



# ରାହୁଲ ଗାନ୍ଧିଙ୍କୁ ସୁପ୍ରିମକୋର୍ଟଙ୍କ ତୀବ୍ର ଭର୍ତ୍ସନା

**ନୂଆଦିଲ୍ଲୀ, ୪।୮:** କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଆଜି ତୀବ୍ର ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ଗଲୱାନ ଘାଟି ବିବାଦ ସମୟରେ ଚାଇନା ସମ୍ପର୍କରେ ଦେଇଥିବା ବୟାନକୁ ଆଧାର କରି ରାହୁଲଙ୍କ ଉପରେ ମନଇଚ୍ଛା ବର୍ଷିଛନ୍ତି ସର୍ବୋଚ୍ଚ ଅଦାଲତ। ଭାରତର ୨ ହଜାର କିମି ଅଞ୍ଚଳକୁ ଚାଇନା ବଳପୂର୍ବକ ଦଖଲ କରି ନେଇଥିବା ରାହୁଲ ଗାନ୍ଧି କହିଥିବାରୁ ଏହାକୁ ସୁପ୍ରିମକୋର୍ଟ ନା ପସନ୍ଦ କରିଛନ୍ତି। ଜଣେ ସଚ୍ଚା ବା ପ୍ରକୃତ ଭାରତୀୟ କେବେ ହେଲେ ଏମିତି ବୟାନ ଦେଇ ପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଉକ୍ତ ବୟାନ ପାଇଁ ରାହୁଲ ଗାନ୍ଧିଙ୍କ ବିରୋଧରେ ମାନହାନୀ କେସ୍ ଚାଲୁ ରଖିବା ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଛନ୍ତି। ଅର୍ଥାତ ମାନହାନୀ କେସ୍‌ରୁ ରାହୁଲ ଗାନ୍ଧି ମୁକ୍ତି ପାଇଛନ୍ତି।



୨୦୨୨ ଭାରତ ଯୋଡ଼ ଯାତ୍ରା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଦାବି କରିଥିଲେ ଯେ, ଭାରତର ୨ ହଜାର ବର୍ଗ କିମି ଅଞ୍ଚଳକୁ ଚାଇନା ଦଖଲ କରି ନେଇଛି ଓ ଅରୁଣାଚଳ ପ୍ରଦେଶରେ ଭାରତୀୟ ସେନାକୁ ଚାଇନିଜ ଯବାନମାନେ ମାଡ଼ ମାରି ଚାଲିଛନ୍ତି। ଏହି ବୟାନକୁ ନେଇ ବିବାଦ ଦେଖା ଯାଇଥିଲା। ରାହୁଲ ଗାନ୍ଧିଙ୍କ ନାଁରେ ମାନହାନୀ କେସ ହୋଇଥିଲା। ଏହାକୁ ରାହୁଲ ଗାନ୍ଧିଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏବେ ସୁପ୍ରିମକୋର୍ଟ କହିଛନ୍ତି, "ଚାଇନିଜମାନେ ୨ ହଜାର କିମି ଅଞ୍ଚଳକୁ ଦଖଲ କରିନେଇଛନ୍ତି ବୋଲି ଆପଣ କେମିତି ଜାଣିଲେ? ଯଦି ଆପଣ ଜଣେ ସଚ୍ଚା ଭାରତୀୟ, ତା'ହେଲେ କେବେ ହେଲେ ଏମିତି କହି ନଥାଆନ୍ତେ। କ'ଣ ଆପଣ ସେଠାରେ ରହିଥିଲେ? କ'ଣ ଆପଣଙ୍କ ପାଖରେ ନିଜ ଦାବିକୁ ପ୍ରମାଣ କରିବା ପାଇଁ ଉପଯୁକ୍ତ ଦସ୍ତାବିଜ ରହିଛି?"

ରାହୁଲ ଗାନ୍ଧିଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଙ୍ଘଭୀ କହିଥିଲେ ଯେ "ଯଦି ସେ ଏପରି ବୟାନ ଦେଇ ପାରିବେ ନାହିଁ କିମ୍ବା ପ୍ରଶ୍ନ କରିପାରିବେ ନାହିଁ, ତା'ହେଲେ ସେ କେମିତି ଜଣେ ବିରୋଧୀ ଦଳ ନେତା ହେଲେ?" ଏହା ଶୁଣି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିଙ୍କ ଖଣ୍ଡପୀଠ ଆହୁରି ବିରକ୍ତ ପ୍ରକାଶ କରିଥିଲେ। ଜଷ୍ଟିସ ଦତ୍ତା ଏହାର ଜବାବରେ କହିଥିଲେ, "ଆପଣ ଜଣେ ବିରୋଧୀ ଦଳ ନେତା ହୋଇଥିବା ବେଳେ ବାହାରେ ଏପରି କଥା କାହିଁକି କହୁଛନ୍ତି? କାହିଁକି ଆପଣ ସଂସଦରେ ଏସବୁ ପ୍ରଶ୍ନ ପଚାରୁ ନାହାନ୍ତି?" ଏହାପରେ ରାହୁଲ ଗାନ୍ଧିଙ୍କ ଆବେଦନକୁ ଗ୍ରହଣ କରି ମାମଲାକୁ ଖାରଜ କରିବା ପାଇଁ ସୁପ୍ରିମକୋର୍ଟ ନୋଟିସ କରିଛନ୍ତି। ବିବାଦୀୟ ବୟାନ ପାଇଁ ରାହୁଲଙ୍କୁ ସମନ କରାଯାଇଥିବା ବେଳେ ଏହାକୁ ସେ ଚ୍ୟାଲେଞ୍ଜ କରି ମେ' ୨୯ରେ ଆହ୍ଲାବାଦ ହାଇକୋର୍ଟରେ ନିରାଶ ହୋଇଥିଲେ। ତାଙ୍କ ବିରୋଧରେ ଜାରି କରାଯାଇଥିବା ସମନ ଓ ଅପରାଧିକ ଅଭିଯୋଗକୁ ହାଇକୋର୍ଟ କାଏମ ରଖିଥିଲେ। ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ରାହୁଲ ଗାନ୍ଧି ଏପରି ମାମଲାକୁ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ହାଇକୋର୍ଟ ରାହୁଲଙ୍କ ଆବେଦନକୁ ଖାରଜ କରି କହିଥିଲେ ଯେ ବାକ ସ୍ୱାଧୀନତାର ଅର୍ଥ ନୁହେଁ ଆର୍ମିକୁ ଅସମ୍ମାନ କରିବା। ପୂରା ମାମଲାର ମୂଳ ଅଭିଯୋଗକାରୀ ହେଉଛନ୍ତି ଉଦୟ ଶଙ୍କର ଶ୍ରୀବାସ୍ତବ। ସେ ଅଭିଯୋଗ କରିଥିଲେ ଯେ ୨୦୨୨ ଡିସେମ୍ବର ମାସରେ ରାହୁଲ ଗାନ୍ଧି ଚାଇନାର ସହ ଭାରତର ସଂଘର୍ଷକୁ ନେଇ ସେନା ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିଛନ୍ତି।

# ୟୁପିରେ ବନ୍ୟା ସ୍ଥିତି ସଙ୍ଗିନ, ୧୭ ଜିଲ୍ଲା ପାଣି ଘେରରେ

### ଗଙ୍ଗା ଓ ଯମୁନାର ଜଳସ୍ତର ବିପଦ ସଙ୍କେତ ଉପରେ

**ଲକ୍ଷ୍ନୌ,୪।୮:** ଉତ୍ତର ପ୍ରଦେଶରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି । ବିଶେଷକରି ପ୍ରୟାଗରାଜରେ ଗଙ୍ଗା ଓ ଯମୁନା ନଦୀର ଜଳସ୍ତର ବିପଦସଙ୍କେତ ଟପିବା ପରେ ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯାଇଛି । ରାସ୍ତା, ଘର ଓ ଘାଟ ସବୁଆଡ଼େ ପାଣି ପଶିଯିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରୟାଗରାଜରେ ଗଙ୍ଗା ଓ ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ୮୪.୭୩୪ ମିଟର ଅତିକ୍ରମ କରିଛି । ସହରର ସଲୋରୀ, ରାଜାପୁର, ଦାରାଗଞ୍ଜ ଓ ବଘାଡ଼ା ଭଳି ଅନେକ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି । ଲୋକଙ୍କ ଘରର ପ୍ରଥମ ମହଲା ପର୍ଯ୍ୟନ୍ତ ପାଣି ପଶିଯାଇଥିବାରୁ ଅନେକେ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଛନ୍ତି । ସହରର ଗଳିକନ୍ଦିରେ ନାଆ ଚଳାଚଳ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ପ୍ରୟାଗରାଜର ସାତଟି ତହସିଲର ୧୦୬ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି ।



ପ୍ରୟାଗରାଜ ବ୍ୟତୀତ ଉତ୍ତର ପ୍ରଦେଶର ଆହୁରି ୧୬ଟି ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଲା କାନପୁର ନଗର, ଲକ୍ଷ୍ମୀପୁର ଖେରୀ, ଆଗ୍ରା, ଔରୈୟା, ଚିତ୍ରକୂଟ, ବଲିଆ, ବାନ୍ଦା, ଗାଜିପୁର, ମିର୍ଜାପୁର, ବାରାଣସୀ, ଚନ୍ଦୌଲି, ଜାଲୌନ, କାନପୁର ଦେହାତ, ହମିରପୁର, ଇଟାୱା ଓ ଫତେହପୁର । ସରକାରୀ ତଥ୍ୟ ଅନୁଯାୟୀ, ଏହି ୧୭ଟି ଜିଲ୍ଲାର ୩୭ଟି ତହସିଲର ୪୦୨ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି, ଯେଉଁଥିରେ ୮୪,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟା ଓ ବର୍ଷା ଯୋଗୁଁ ୧୨ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ହଜାର ହଜାର ହେକ୍ଟର ଚାଷଜମି ମଧ୍ୟ ପାଣିରେ ବୁଡ଼ି ରହିଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ଏନଡିଆରଏଫ୍, ଏସଡିଆରଏଫ ଓ ପିଏସି ଟିମ୍ ମୁତୟନ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ରିଲିଫ୍ କ୍ୟାମ୍ପରେ ରଖାଯାଉଛି ଏବଂ ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଉତ୍ତର ପ୍ରଦେଶ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ୍ କାର୍ଯ୍ୟ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

## ପହଲଗାମ ଆତଙ୍କବାଦୀଙ୍କ ପାକିସ୍ତାନ ଲିଙ୍କ୍

**ନୂଆଦିଲ୍ଲୀ, ୪।୮:** ଜୁଲାଇ ୨୮ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଥିଲେ ୩ ଲସ୍କର ଆତଙ୍କବାଦୀ। ଅପରେସନ ମହାଦେବ ଜରିଆରେ ଏହି ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ାଇଥିଲେ ସୁରକ୍ଷାକର୍ମୀ। ଏହି ୩ ଜଣ ପହଲଗାମ ନରସଂହାରରେ ସାମିଲ ଥିଲେ ଓ ସମସ୍ତେ ପାକିସ୍ତାନ ନାଗରିକ। ଏକଥା ପୂର୍ବରୁ ସରକାର ସ୍ପଷ୍ଟ କରି ସାରିଛନ୍ତି। ଏମାନଙ୍କ ପାକିସ୍ତାନ ଲିଙ୍କର ପ୍ରମାଣ ସେମାନଙ୍କ ପାଖରୁ ମିଳିଥିବା ଜିନିଷରୁ ସ୍ପଷ୍ଟ ହୋଇଛି। ନିହତ ୩ ଆତଙ୍କବାଦୀଙ୍କ ପାଖରୁ ମିଳିଥିବା ପାକିସ୍ତାନୀ ଭୋଟ ପରିଚୟପତ୍ର, କରାଚି ନିର୍ମିତ ଚକୋଲେଟ ଓ ବାୟୋମେଟ୍ରିକ ରେକର୍ଡ ସଂରକ୍ଷିତ ଗୋଟିଏ ମାଇକ୍ରୋ ଏସ୍‌ଡି ଚିପ୍ ସେମାନଙ୍କ ପାକିସ୍ତାନ ଲିଙ୍କର ସବୁ ଗୁମର ଉପରୁ ପରଦା ହଟାଇ ଦେଇଛି। ଏହା ବ୍ୟତୀତ ଆତଙ୍କବାଦୀଙ୍କ ପାଖରୁ ମିଳିଥିବା ବନ୍ଧୁକର ଖୋକା ସହ ପହଲଗାମ ହମଲା ସ୍ଥଳରୁ ମିଳିଥିବା ଖୋକା ମେଳ ଖାଇଛି। ତେଣୁ ଏପ୍ରିଲ ୨୨ରେ ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିବା ଘଟଣାରେ ଏହି ୩ ଆତଙ୍କବାଦୀ ସାମିଲ ଥିବା ଶତପ୍ରତିଶତ ପ୍ରମାଣ ହୋଇଛି। ନିହତ ଅପରେସନ ମହାଦେବ ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ନିହତ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ଜନିଷପତ୍ର ଆଧାରରେ ସେମାନଙ୍କ ପାକିସ୍ତାନ ଲିଙ୍କ ସମ୍ପର୍କରେ ସୂଚନା ମିଳିଛି।



ସୁଲେମାନ ଶାହ ଓ ଅବୁ ହମଜା ପାଖରୁ ୨ଟି ଭୋଟର ଆଇଡି ସ୍ଲିପ୍ସ ମିଳିଛି। ଏହାକୁ ପାକିସ୍ତାନ ନିର୍ବାଚନ କମିଶନ ପକ୍ଷରୁ ଜାରି କରାଯାଇଥିଲା। ଭୋଟର କ୍ରମିକ ସଂଖ୍ୟାକୁ ଯାଞ୍ଚ କରାଯିବାରୁ ଏହା ଲାହୋର(ଏନ-୧୨୫) ଓ ଗୁଜରନୱାଲା (ଏନ ୭୯) ଭୋଟର ତାଲିକାରେ ଥିବା ସ୍ପଷ୍ଟ ହୋଇଛି। ନିହତ ଆତଙ୍କବାଦୀମାନଙ୍କ ପକ୍ଷରୁ ଗୋଟିଏ କ୍ଷତିଗ୍ରସ୍ତ ସ୍ୟାଟେଲାଇଟ ଫୋନ ମିଳିଥିଲା। ସେଥିରୁ ଗୋଟିଏ ମାଇକ୍ରୋ ଏସ୍‌ଡି କାର୍ଡ ମିଳିଛି। ଏହି ଚିପ୍‌ରେ ଏନଏଡିଆରିଏ(ପାକିସ୍ତାନର

### ମିଳିଲା ଭୋଟର ଆଇଡି, କ୍ୟାଣ୍ଡିଲାଣ୍ଡ ଚକୋଲେଟ ଓ ଚିପ୍

ଜାତୀୟ ନାଗରିକ ପଞ୍ଜିକରଣ) ବାୟୋମେଟ୍ରିକ ରେକର୍ଡ ରହିଛି। ସମସ୍ତ ୩ ନିହତ ଆତଙ୍କବାଦୀ ପାକିସ୍ତାନର ନାଗରିକ ବୋଲି ଏହି ଚିପରେ ଥିବା ବାୟୋମେଟ୍ରିକ ରେକର୍ଡରୁ ସ୍ପଷ୍ଟ ହୋଇଛି। ମିଳିଥିବା ତଥ୍ୟରେ ଆଙ୍ଗୁଳି ଚିହ୍ନ, ମୁହଁର ଆକୃତି ଓ ପରିବାରର ରେକର୍ଡ ରହିଛି। ସେମାନଙ୍କ ପଞ୍ଜିକୃତ ଠିକଣାଗୁଡ଼ିକ ହେଲା- ଚାଙ୍ଗା ମାଙ୍ଗା(କସୁର ଜିଲ୍ଲା) ଓ ରାୱାଲାକୋଟର କୋଇୟାନା ଗାଁ। ଆତଙ୍କବାଦୀଙ୍କ ବ୍ୟାଗରୁ କ୍ୟାଣ୍ଡିଲ୍ୟାଣ୍ଡ ଓ ଚୋକୋମାକ୍ସ ଚକୋଲେଟର ଜରି ମିଳିଛି। ଏହି ଦୁଇ ବ୍ରାଣ୍ଡର ଚକୋଲେଟ କରାଚିରେ ହିଁ ତିଆରି ହୋଇଥାଏ। ଏଥିରୁ

## ବନ୍ଧାହେଲେ ମୁଖ୍‌ତାର ଅନସାରୀଙ୍କ ପୁଅ



**ଲକ୍ଷ୍ନୌ, ୪।୮:** ଗାଜିପୁର ପୋଲିସ ପୂର୍ବତନ ବିଧାୟକ ମୁଖତାର ଅନସାରୀଙ୍କ ସାନ ପୁଅ ଉମର ଅନସାରୀ ଗିରଫ । ଉମରଙ୍କୁ ଲକ୍ଷ୍ନୌରୁ ଦାରୁଲଶାଫାସ୍ଥିତ ବିଧାୟକ ବାସଭବନରୁ ଗିରଫ କରିଛି ପୋଲିସ । ପୋଲିସ ଗିରଫ ପରେ ତାଙ୍କୁ ଗାଜିପୁର ନେଇଛି। ଉମର ଅନସାରୀଙ୍କ ବିରୋଧରେ ଗାଜିପୁର ଜିଲ୍ଲାର ମହମ୍ମଦାବାଦ ପୋଲିସ ଷ୍ଟେସନରେ ନକଲି କାଗଜପତ୍ର ପ୍ରସ୍ତୁତ କରିବା ଓ ଠକେଇ କରିବା ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ, ଗାଜିପୁର ପୋଲିସ ଗୁରୁତର ଅନିୟମିତତା ବିଷୟରେ ଜାଣିବାକୁ ପାଇଲା। ଯାହା ପରେ ଉମର ଅନସାରୀ ୟୁପି ଗ୍ୟାଙ୍ଗଷ୍ଟର ଆଇନର ଧାରା ୧୪(୧) ଅନୁଯାୟୀ ଜବତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ଏହି ସମ୍ପତ୍ତି ତାଙ୍କ ପିତା ଓ ପୂର୍ବତନ ବିଧାୟକ ମୁଖତାର ଅନସାରୀଙ୍କ ଥିଲା । ଯାହାକୁ ଗ୍ୟାଙ୍ଗଷ୍ଟର ଆଇନ ଅନୁଯାୟୀ ମୃତ ଘୋଷଣା କରାଯାଇଥିଲା। ଆବେଦନ ସହିତ କୋର୍ଟରେ ଦାଖଲ ହୋଇଥିବା ଦଲିଲରେ ଉମର ଅନସାରୀ ତାଙ୍କ ମାଆ ଅଫଶା ଅନସାରୀଙ୍କ ଦସ୍ତଖତକୁ ଜାଲ କରି ଦଲିଲ ଉପସ୍ଥାପନ କରିଥିଲେ। ତଦନ୍ତ ସମୟରେ ସ୍ପଷ୍ଟ ହୋଇଥିଲା ଯେ ଦସ୍ତଖତ ପ୍ରକୃତରେ ଅଫଶା ଅନସାରୀଙ୍କ ନୁହେଁ। ଏହା ପରେ ଗାଜିପୁର ପୋଲିସ ଉମର ଅନସାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା । ଯେଉଁଥିରେ ସେ ଜାଣିଶୁଣି ନକଲି ଦଲିଲ ତିଆରି କରିବା ଏବଂ କୋର୍ଟକୁ ବିଭ୍ରାନ୍ତ କରିବାର ଅଭିଯୋଗ ଆଣିଥିଲେ। ଉମର ଅନସାରୀଙ୍କ ଗିରଫଦାରୀ ସମ୍ପର୍କରେ ତାଙ୍କ ଭାଇ ଅବ୍ବାସ ଅନସାରୀ ଏକ X ପୋଷ୍ଟରେ କହିଛନ୍ତି, "ରାତି ୧୦.୪୦ରେ କିଛି ପୋଲିସ କର୍ମଚାରୀ ସାନ ଭାଇ ଉମର ଅନସାରୀଙ୍କୁ ତାଙ୍କ ଦାରୁଲ ଶିଫାସ୍ଥିତ ବାସଭବନରୁ ସାଙ୍ଗରେ ନେଇଯାଇଥିଲେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଲା ଡିଜେ, ୭ କାଉଡ଼ିଆ ମୃତ



**ପାଟନା,୪।୮:** ବିହାରର ଭାଗଲପୁରରେ କାଉଡ଼ିଆଙ୍କ ସହିତ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଶାହକୁଣ୍ଡ-ସୁଲତାନଗଞ୍ଜ ମୁଖ୍ୟ ରାସ୍ତାରେ ବିଳମ୍ବିତ ରାତିରେ ଘଟିଥିବା ଏହି ଦୁର୍ଘଟଣାରେ, ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସାତ ଜଣ କାଉଡ଼ିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଘଟିଥିଲା ଯେତେବେଳେ ଭକ୍ତଙ୍କ ଏକ ଦଳ ଏକ ଡିଜେ ସହିତ ଗଙ୍ଗା ସ୍ନାନ ପାଇଁ ସୁଲତାନଗଞ୍ଜ ଯାଉଥିଲେ । ଏଥି ସହ ଯାଉଥିବା ବାଟରେ, ଡିଜେର ଉପର ଅଂଶ ଉପର ଦେଇ ଯାଉଥିବା ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ତାରକୁ ସ୍ପର୍ଶ କରିଥିଲା, ଯାହା ଫଳରେ ସମଗ୍ର ଡିଜେ ଗାଡ଼ିରେ କରେଣ୍ଟ ପ୍ରବାହିତ ହୋଇଥିଲା । ଗାଡ଼ିରେ ଆରୋହୀ ଭକ୍ତମାନେ ଏଥିରେ ଫସି ଯାଇଥିଲେ । ଏଥି ସହ ଜାଣିରଖନ୍ତୁ ଯେ, ଦୁର୍ଘଟଣାର ଖବର ପାଇବା ମାତ୍ରେ ସ୍ଥାନୀୟ ଲୋକ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଏହି ଖବର ପରେ ମୃତକଙ୍କ ପରିବାର ସଦସ୍ୟ ଗଭୀର ମର୍ମାହତ । ଏହି ଦୁର୍ଘଟଣା ବିଦ୍ୟୁତ ବିଭାଗର ଅବହେଳା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାରେ ଲାଗିଛି ।

## ମିଆଁମାରରେ ୪.୨ ତୀବ୍ର ଭୂକମ୍ପ



**ନୂଆଦିଲ୍ଲୀ ୪।୮:** ଭାରତର ପଡ଼ୋଶୀ ଦେଶ ମିଆଁମାରରେ ଭୂକମ୍ପ ଝଟକା ଦେଖିବାକୁ ମିଳିଛି। ରିକ୍ଟର ସ୍କେଲରେ ତୀବ୍ରତା ୪.୨ ରେକର୍ଡ କରାଯାଇଛି। ବିଳମ୍ବିତ ରାତିରେ ଏହି ଭୂକମ୍ପ ହୋଇଥିଲା। ଭୂମିକମ୍ପ ଭୂମିଠାରୁ ୧୦ କିଲୋମିଟର ଗଭୀରତାରେ ହୋଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଲେଖାହୋଇଛି, 'ମିଆଁମାରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ହେଉଛି ଅକ୍ଷାଂଶ: ୨୦.୮୮ ଉତ୍ତର, ଦ୍ରାଘିମା: ୯୫.୮୨ ପୂର୍ବ। ଏହି ହେଲେ ଭୂମିକମ୍ପ ଯୋଗୁଁ ଏପର୍ଯ୍ୟନ୍ତ କୌଣସି ଜୀବନହାନିର ଖବର ସାମ୍ନାକୁ ଆସିନାହିଁ। ମିଆଁମାର ଭୂମିକମ୍ପକୁ ନେଇ ବହୁ ବିପଦ ଅଛି। ଏହାର ଦୀର୍ଘ ଉପକୂଳରେ ସୁନାମିର ବିପଦ ମଧ୍ୟ ରହିଛି। ମିଆଁମାର ଚାରୋଟି ଟେକ୍ଟୋନିକ୍ ପ୍ଲେଟ୍ ମଧ୍ୟରେ ଅବସ୍ଥିତ। ଯାହା ସକ୍ରିୟ ଭୂତାତ୍ତ୍ୱିକ ପ୍ରକ୍ରିୟାରେ ପାରସ୍ପରିକ କ୍ରିୟା କରିଥାଏ। ୟାଙ୍ଗନ୍ ଫଲ୍ଟ ଟ୍ରେସ୍ ଠାରୁ ଅପେକ୍ଷାକୃତ ଦୂରରେ ଅଛି, ତଥାପି ଏହାର ଘନ ଜନସଂଖ୍ୟା ଯୋଗୁଁ ଏହା ଭୂମିକମ୍ପର ବଡ଼ ବିପଦରେ ଅଛି। ୧୯୦୩ ମସିହାରେ ମିଆଁମାରର ବାଗୋରେ ୭.୦ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଘଟିଥିଲା, ଯାହା ୟାଙ୍ଗନ୍ କୁ ମଧ୍ୟ ପ୍ରଭାବିତ କରିଥିଲା।

## ନିମିଷାଙ୍କୁ ଶୀଘ୍ର ଫାଶି ଦେବାକୁ ଦାବି



**ସାନା,୪।୮:** କେରଳ ନର୍ସ ନିମିଷା ପ୍ରିୟା ଏବେ ୟେମେନ ଜେଲରେ ବନ୍ଦୀ ଅଛନ୍ତି । ୟେମେନର ନାଗରିକ ମହଦୀଙ୍କୁ ହତ୍ୟାକରିବା ମାମଲାରେ ତାଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି । ଭାରତରେ ନିମିଷାଙ୍କ ପରିବାର ତାଙ୍କୁ ବଞ୍ଚାଇବାକୁ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି । ହେଲେ ସେପଟେ ୟେମେନରେ ମୃତ ଯୁବକଙ୍କ ପରିବାର ନରମିବାକୁ ନାରାଜ । ୟେମେନରେ ମୃତ୍ୟୁକୁ ଅପେକ୍ଷା କରିଥିବା ନିମିଷାଙ୍କ ବଞ୍ଚିବା ଆଶା ଦିନକୁ ଦିନ ମଉଳି ଯାଉଛି । ନିମିଷାଙ୍କୁ ଗତ ଜୁଲାଇ ୧୬ ତାରିଖରେ ଫାଶୀ ହେବାର ଥିଲା । କିନ୍ତୁ ଭାରତର ଜଣେ ଇସ୍ଲାମ ଧର୍ମଗୁରୁଙ୍କ ଅପିଲ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା । ହେଲେ ନିମିଷାଙ୍କୁ ଯେଉଁ ୟେମେନ୍ ଯୁବକଙ୍କ ହତ୍ୟା ଅଭିଯୋଗରେ ଦଣ୍ଡ ଶୁଣାଣି ହୋଇଛି, ଏବେ ତାଙ୍କ ଭାଇ କିନ୍ତୁ ଏହାକୁ ନେଇ କଠୋର ହୋଇଛନ୍ତି । କାଳ ବିଳମ୍ବ ନକରି ନିମିଷାଙ୍କୁ ଯଥାଶୀଘ୍ର ଫାଶୀ ଦେବାକୁ ପତ୍ର ଲେଖି ୟେମେନ ସରକାରଙ୍କୁ ଅପିଲ କରିଛନ୍ତି । ମୃତକ ମହଦୀଙ୍କ ପରିବାର ଘଟଣାର ସମାଧାନ କରିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି । କେରଳର ନର୍ସ ନିମିଷା ୨୦୧୭ରେ ୟେମେନ ଯୁବକ ତଲାଲ ଅବଦୋ ମହଦୀଙ୍କୁ ହତ୍ୟା ଘଟଣାରେ ଏବେ ସେଠିକାର ଜେଲରେ ରହି ଫାଶୀକୁ ଅପେକ୍ଷା କରିଛନ୍ତି । କିନ୍ତୁ ପ୍ରକୃତରେ ନିମିଷା ମହଦୀଙ୍କୁ ମାରିବାକୁ ଚାହୁଁନଥିଲେ ବରଂ ତାଙ୍କୁ ଦେଇଥିବା ଇଞ୍ଜେକ୍ସନର ଡୋଜ୍ ଅଧିକ ହୋଇଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଇଛି। ଏହା ସତ୍ତ୍ୱେ ଏହାକୁ ମାନିବାକୁ ମୃତକଙ୍କ ପରିବାର ନାରାଜ । ବରଂ ମହଦୀଙ୍କ ଭାଇ ୟେମେନ ଆଟର୍ଣ୍ଣି ଜେନେରାଲ ଓ ଜଜ୍ ଅବଦୁଲ ସଲାମ ଅଲ ହୁତିଙ୍କୁ ଚିଠି ଲେଖି ଏହାକୁ ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ କରିଛନ୍ତି । ଏଥିରେ ସେ ନିମିଷାଙ୍କୁ ଶୀଘ୍ର ଫାଶୀ ଦେବାକୁ ଅପିଲ କରିଛନ୍ତି ।

# ଚିନ୍ତା ବଢ଼ାଇଛି ଚୀନ୍-ଋଷର 'କିଲର ସାଟେଲାଇଟ୍'

**ନୂଆଦିଲ୍ଲୀ ୪।୮:** ବିଶ୍ୱ ଦେଖିବ ମହାକାଶରେ ସାଟେଲାଇଟ୍ ୱାର୍ । ମହାକାଶ ପ୍ରତିରକ୍ଷା ନିର୍ଦ୍ଦେଶାବଳୀ ଜାରି କରିଛି ଜାପାନ । ଦାବି ହେଉଛି କି, ଚୀନ୍ ଓ ଋଷ ବିକଶିତ କରୁଛନ୍ତି କିଲର ସାଟେଲାଇଟ। ଯାହା ଅନ୍ୟ ଦେଶର ଉପଗ୍ରହକୁ ନିଷ୍କ୍ରିୟ କରିବ ବୋଲି ଅଭିଯୋଗ । ଜାପାନ ଆହୁରି ଦାବି କରିଛି, ଆତ୍ମରକ୍ଷା ବାହିନୀ ଓ ଘରୋଇ କମ୍ପାନୀଗୁଡ଼ିକ ମିଳିତ ଭାବେ ଉପଗ୍ରହଗୁଡ଼ିକର ସୁରକ୍ଷା ବୃଦ୍ଧି କରିବା ଉଚିତ। ଆହୁରି ବି ଜାପାନ କ୍ଷେପଣାସ୍ତ୍ର ପ୍ରକ୍ଷେପଣକୁ ଚିହ୍ନଟ କରିବାର ଯୋଜନା କରୁଛି । ଉପଗ୍ରହ ଯୋଗାଯୋଗକୁ ସୁରକ୍ଷିତ କରିବା ଓ ଅନ୍ୟ ଦେଶର ଯୋଗାଯୋଗକୁ ଜାମ୍ କରିବା କ୍ଷମତା ବିକଶିତ କରିବାକୁ ଚାହୁଁଛି ଜାପାନ ।

ଜାପାନର ଦାବିକୁ ନେଇ ଭଡକିଛି ଚୀନ୍। ଚୀନ କହିବା କଥା ଏହା ମିଥ୍ୟା ପ୍ରଚାର । ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଝାଙ୍ଗ ସିଆଗାଙ୍ଗ କହିଛନ୍ତି ଜାପାନର ଦାବି ଭିତ୍ତିହୀନ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ ମଧ୍ୟ କହିଛନ୍ତି ବିପଦର ଦ୍ୱାହି ଦେଇ ସାମରିକ ଶକ୍ତି ବୃଦ୍ଧି କରିବାକୁ ଚେଷ୍ଟା କରୁଛି ଜାପାନ । ଯାହା କି ସମ୍ପୂର୍ଣ୍ଣ ଭୁଲ। ଅନେକ ଉପଗ୍ରହ ନଷ୍ଟ କରିବାରେ ସହାୟକ କିଲର ସାଟେଲାଇଟ୍। ଉପଗ୍ରହର ଡିଜାଇନି ବି ହୋଇଛି ସେମିତି । ଜାପାନ ଦାବି କରୁଛି ଯେ ଚୀନ୍ ଓ ଋଷ ଏପରି ଉପଗ୍ରହ ଉପରେ କାମ କରୁଛନ୍ତି, ଯାହା ମହାକାଶରେ ଅନ୍ୟ ଦେଶର ଉପଗ୍ରହକୁ ଟାର୍ଗେଟ କରିପାରିବ। ଯଦି ଗୋଟିଏ ଉପଗ୍ରହ ଅନ୍ୟ ଉପଗ୍ରହ ପାଖକୁ ଯାଇ ତାହାକୁ କ୍ଷତି ପହଞ୍ଚାଏ କିମ୍ବା ଏହାର ଯୋଗାଯୋଗ ବିଚ୍ଛିନ୍ନ କରେ । ତେବେ ଏହାକୁ କୁହାଯାଏ କିଲର ସାଟେଲାଇଟ୍ ।

### ଆଗକୁ ମହାକାଶରେ ହେବ ଯୁଦ୍ଧ



ଚୀନ୍ ବିଶେଷଜ୍ଞ ଫୁ କ୍ୱିଆନସାଓ କହିଛନ୍ତି ଯେ, ଚୀନ୍‌ର ମହାକାଶ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ। ଉପଗ୍ରହ ମରାମତି କିମ୍ବା ଇନ୍ଧନ ଭର୍ତ୍ତି କରିବା ଭଳି ପ୍ରଯୁକ୍ତିବିଦ୍ୟା ଉପରେ କାମ କରୁଛି ଦେଶ । ଯାହା ପାଇଁ ଉପଗ୍ରହଗୁଡ଼ିକୁ ପରସ୍ପରର ନିକଟତର କରିବା ଆବଶ୍ୟକ। ଏହି ପ୍ରଯୁକ୍ତିବିଦ୍ୟା କାହାକୁ କ୍ଷତି ପହଞ୍ଚାଇବା ପାଇଁ ନୁହେଁ । ବରଂ ସାଟେଲାଇଟ୍‌ର ଜୀବନ ଓ ଏହାର ଆର୍ଥିକ ମୂଲ୍ୟ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ। ଫୁଙ୍କ କହିବା ଅନୁସାରେ, ଜାପାନ ଏହି ସାଧାରଣ ବୈଜ୍ଞାନିକ କାର୍ଯ୍ୟକଳାପକୁ ଭୁଲ ଭାବରେ "ଘାତକ ସାଟେଲାଇଟ୍" କହୁଛି। ଚୀନ୍ ଏହା ମଧ୍ୟ କହିଛି ଯେ, ଜାପାନ୍ ତା'ର ଇତିହାସରୁ କିଛି ଶିକ୍ଷା ନେଉନି ।

ଜାପାନ ବିଗତ ବର୍ଷଗୁଡ଼ିକରେ ତା'ର ସାମରିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛି। ଏହା ପ୍ରତିବର୍ଷ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରୁଛି । ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶଙ୍କ ସହ ସାମରିକ ସହଯୋଗକୁ ଗଭୀର କରୁଛି। ଜାପାନ, ଆମେରିକା ଓ ପଶ୍ଚିମ ଦେଶମାନେ ମଧ୍ୟ ମହାକାଶରେ ସାମରିକ ସହଯୋଗ ବୃଦ୍ଧି କରୁଛନ୍ତି। ଜାପାନ କହିଛି ଯେ, ଏହା ନିଜର ପ୍ରତିରକ୍ଷା ପାଇଁ କରୁଛି । କିନ୍ତୁ ପଡ଼ୋଶୀ ଦେଶମାନେ ଅନୁଭବ କରୁଛନ୍ତି ଯେ, ଜାପାନ ସାମରିକବାଦର ପୁନଃଉତ୍ଥାନର ସଙ୍କେତ ହୋଇପାରେ।

ନୂତନ ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, ଉପଗ୍ରହଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ କରିବ । କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଚିହ୍ନଟ କରିବାର କ୍ଷମତା ବୃଦ୍ଧି କରିବ। ଏହା ଅନ୍ୟ ଦେଶର ଯୋଗାଯୋଗକୁ ଜାମ୍ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉପରେ ମଧ୍ୟ କାର୍ଯ୍ୟ କରିବ। ଜାପାନର ଆତ୍ମରକ୍ଷା ବାହିନୀ ଏବଂ ଘରୋଇ କମ୍ପାନୀଗୁଡ଼ିକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯିବ।

କହିବାକୁ ଭାରତ ମଧ୍ୟ ମହାକାଶରେ ଏକ ଶକ୍ତିଶାଳୀ ଖେଳାଳି। ଏହା ଏହାର ଉପଗ୍ରହ ଏବଂ ମହାକାଶ କାର୍ଯ୍ୟକ୍ରମ ବିକାଶ କରିଚାଲିଛି। ଜାପାନ ଓ ଭାରତ ମଧ୍ୟରେ ପ୍ରତିରକ୍ଷା-ମହାକାଶ ସହଯୋଗ ବୃଦ୍ଧି ପାଉଛି । କିନ୍ତୁ ଚୀନ୍ ସହିତ ଭାରତର ଉତ୍ତେଜନାପୂର୍ଣ୍ଣ ସମ୍ପର୍କକୁ ଦୃଷ୍ଟିରେ ରଖି, ଭାରତକୁ ଏହି କ୍ଷେତ୍ରରେ ସତର୍କ ରହିବାକୁ ପଡିବ। ଯଦି ମହାକାଶରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୁଏ । ତେବେ ଏହା ଭାରତ ଭଳି ଦେଶ ପାଇଁ ବି ଚ୍ୟାଲେଞ୍ଜ ହେବ, ଏହା ନିସନ୍ଦେହ ।

## ବୟସ ଜାଲିଆତି ରୋକିବାକୁ ବିସିସିଆଇର ବଡ଼ ପଦକ୍ଷେପ

# ନିଯୁକ୍ତ ହେବେ ବାହ୍ୟ ଏଜେନ୍ସି

**ନୂଆଦିଲ୍ଲୀ ୪।୮ :** ବୟସ ଜାଲିଆତି ରୋକିବାକୁ ଅଣ୍ଟା ଭିଡିଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ଏହା ଅଧୀନରେ, ବୋର୍ଡ ଖେଳାଳିଙ୍କ ତଦନ୍ତ ପାଇଁ ଏକ ବାହ୍ୟ ଏଜେନ୍ସି ନିଯୁକ୍ତ କରିବ। ଯାହା ଖେଳାଳିଙ୍କ ଯୋଗ୍ୟତା ଯାଞ୍ଚ କରିବ। ରିପୋର୍ଟ ଅନୁଯାୟୀ, ଏଥିପାଇଁ ଆରପିଏଫ (ପ୍ରସ୍ତାବର ଅନୁରୋଧ) ଜାରି କରାଯାଇଛି। ଯେଉଁଥିରେ ବଡ଼ ଓ ଜଣାଶୁଣା କମ୍ପାନୀଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଛି। ଏହି ନୂଆ ନିୟମ ଅନୁଯାୟୀ, ବିସିସିଆଇ ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥା କରିଛି। ଦୁଇ-ସ୍ତରୀୟ ବୟସ ଯାଞ୍ଚ ବ୍ୟବସ୍ଥାରେ ଡକ୍ୟୁମେଣ୍ଟ ଓ ଜନ୍ମ ପ୍ରମାଣପତ୍ରର ଯାଞ୍ଚ ଅନ୍ତର୍ଭୁକ୍ତ ରହିବ। ଯାହା ଖେଳାଳିଙ୍କ ବୟସ ନିର୍ଣ୍ଣୟ କରିବ। ଏହା ପରେ, ଟିଡବ୍ଲ୍ୟୁ୩ ଅର୍ଥାତ୍ ଟାନର୍ ହ୍ୱାଇଟ୍‌ହାଉସ୍ ୩। ଯେଉଁଥିରେ ହାଡ଼ ପରୀକ୍ଷା ହେବ। ଏଗୁଡ଼ିକ ପ୍ରାୟତଃ ୧୬ ବର୍ଷରୁ କମ୍ ପୁଅ ଓ ୧୫ ବର୍ଷରୁ କମ୍ ଝିଅଙ୍କ ସ୍ତରରେ କରାଯାଏ। ଏହି ବାହ୍ୟ ଏଜେନ୍ସି ନିଲାମ ପ୍ରକ୍ରିୟା ଅଗଷ୍ଟ ଶେଷ ସୁଦ୍ଧା ହେବାର ଆଶା କରାଯାଉଛି। କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଏହି ପଦକ୍ଷେପ ପଛରେ କାରଣ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ। କିନ୍ତୁ ଏହା ଦେଖାଯାଉଛି ଯେ ଦାଖଲ କରାଯାଇଥିବା ଡକ୍ୟୁମେଣ୍ଟ କିମ୍ବା ପ୍ରମାଣପତ୍ର ସନ୍ଦେହଜନକ



ଥିବା ମାମଲା ପରେ ଏହା ଘଟିଛି। ବିସିସିଆଇ ସିଷ୍ଟମରେ ଅଧିକ ବୟସର ଖେଳାଳିଙ୍କ ପ୍ରବେଶର ସମ୍ଭାବନାକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି।

ବିସିସିଆଇ ବିଡିଂ କମ୍ପାନୀ କିମ୍ବା ଏଜେନ୍ସି ପାଇଁ କିଛି ସର୍ତ୍ତ ମଧ ରଖିଛି। ଯେପରିକି ସେମାନଙ୍କର ଫାର୍ମଗୁଡ଼ିକୁ ଯାଞ୍ଚ ସେବା ପ୍ରଦାନ କରିବାରେ ଅତି କମରେ ୩ ବର୍ଷର ଅଭିଜ୍ଞତା ରହିବା ଉଚିତ। ଭାରତରେ ଏକ ନେଟୱର୍କ ରହିବା ଉଚିତ କିମ୍ବା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶାରୀରିକ ଏବଂ ଡିଜିଟାଲ୍ ଭାବରେ ଯାଞ୍ଚ କରିବାର କ୍ଷମତା ରହିବା ଉଚିତ। ରିପୋର୍ଟ ଅନୁଯାୟୀ, BCCI ଚାହୁଁଛି ଯେ ସେମାନେ ପରିଚୟ ପ୍ରମାଣ (ଆଧାର, ପାସପୋର୍ଟ), ବୟସ ପ୍ରମାଣ (ଜନ୍ମ ପ୍ରମାଣପତ୍ର, ସ୍କୁଲ ରେକର୍ଡ), ବାସସ୍ଥାନ ପ୍ରମାଣ, ଶିକ୍ଷାଗତ ରେକର୍ଡ ଇତ୍ୟାଦି ସମେତ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିବାର କ୍ଷମତା ପ୍ରଦର୍ଶନ କରନ୍ତୁ। ଆବଶ୍ୟକ ହେଲେ, ବିଶେଷକରି ଗ୍ରାମାଞ୍ଚଳରେ ବ୍ୟକ୍ତିଗତ ଭାବରେ କ୍ଷେତ୍ର ଯାଞ୍ଚ କରିବାର କ୍ଷମତା ମଧ ରଖନ୍ତୁ।

ଯଦି କୌଣସି ଖେଳାଳି ବୟସ ଜାଲିଆତିରେ ଦୋଷୀ ସାବ୍ୟସ୍ତ ହୁଅନ୍ତି। ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଅନେକ ଖେଳାଳିଙ୍କ ବିରୁଦ୍ଧରେ ବୟସ ଜାଲିଆତି ଅଭିଯୋଗ ଆସିଛି। ସମ୍ପ୍ରତି, ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ମଧ ପ୍ରଶ୍ନ ଉଠିଥିଲା। କିନ୍ତୁ ଏହି ଦାବିଗୁଡ଼ିକ ମିଥ୍ୟା ପ୍ରମାଣିତ ହୋଇଥିଲା।

## ଜୟସ୍ୱାଲଙ୍କ ପରିବାରକୁ ଭେଟିଲେ ରୋହିତ



**ନୂଆଦିଲ୍ଲୀ, ୪।୮:** ଭାରତ-ଇଂଲଣ୍ଡ ପଞ୍ଚମ ତଥା ଶେଷ ଟେଷ୍ଟ୍ ଅବସରରେ ଭାରତୀୟ ଟେଷ୍ଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଯୁବ ତାରକା ଯଶସ୍ୱୀ ଜୟସ୍ୱାଲଙ୍କ ପରିବାରକୁ ଭେଟିଛନ୍ତି। ଜୟସ୍ୱାଲ ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଦ୍ୱିତୀୟ ଶତକ ଅର୍ଜନ କରିବା ପରେ ରୋହିତ ଓ ତାଙ୍କ ପରିବାରର ଭେଟଘାଟ ବେଶ୍ ଭାବବିହ୍ୱଳ ପରିବେଶରେ ବିତିଛି। ଦର୍ଶକ ଷ୍ଟାଣ୍ଡ୍‌ରେ ରୋହିତଙ୍କ ଉପସ୍ଥିତି ତାଙ୍କୁ ଏକ ଲମ୍ବା ପାଳି ଖେଳିବାକୁ ଅନୁପ୍ରେରିତ କରିଥିଲା ବୋଲି ଜୟସ୍ୱାଲ କହିଥିଲେ। ସେ କହିଥିଲେ, ମୁଁ ତାଙ୍କୁ ଦର୍ଶକ ଷ୍ଟାଣ୍ଡ୍‌ରେ ଦେଖି ଉଲ୍ଲସିତ ହୋଇଯାଇଥିଲି। ମୋର ଆତ୍ମବଳ ବି ଢେର୍ ବଢ଼ି ଯାଇଥିଲା। ରୋହିତ ମଧ୍ୟ ମୋତେ କ୍ରିଜ୍‌ରେ ଜମି ରହି ଶତକ ପୂରଣ କରିବାକୁ ସଙ୍କେତ ଦେଇଥିଲେ। ତାଙ୍କ କଥା ମାନି ମୁଁ ଏକ ଲମ୍ବା ପାଳି ଖେଳିଲି ଏବଂ ଶତକ ହାସଲ କଲି। ତେବେ ରୋହିତ ଓ ଜୟସ୍ୱାଲଙ୍କ ପରିବାର ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଉଭୟଙ୍କ ପ୍ରଶଂସକ ଏହାକୁ ବେଶ୍ ପସନ୍ଦ କରୁଛନ୍ତି।



## ପୁଣି ଏକାଠି ହେବେ ସାଇନା-କାଶ୍ୟପ

**ନୂଆଦିଲ୍ଲୀ, ୪।୮:** ଭାରତୀୟ ବ୍ୟାଡମିଣ୍ଟନ୍ ଦୁନିଆର ଚର୍ଚ୍ଚିତ ଦମ୍ପତି ସାଇନା ନେହୱାଲ ଓ ପୁରୁପଲ୍ଲୀ କାଶ୍ୟପଙ୍କ ମଧରେ ସୃଷ୍ଟି ହୋଇଥିବା ମତାନ୍ତର ଓ ମନାନ୍ତର ଦୂର ହୋଇଛି। ଏଣୁ ଉଭୟ ଆପୋଷ ବୁଝାମଣା ସହ ପୁଣି ଥରେ ପରସ୍ପର ପାଖକୁ ଫେରିବାକୁ ଯାଉଛନ୍ତି। ସାଇନା 'ଏକ୍ସ'ରେ ଲେଖି ଏହାର ସଙ୍କେତ ଦେଇଛନ୍ତି। ଅଲିମ୍ପିକ୍ସ ପଦକ ବିଜୟିନୀ ସାଇନା ଏବଂ ରାଜ୍ୟଗୋଷ୍ଠୀ ପଦକ ବିଜେତା କାଶ୍ୟପ ଅଲଗା ହେବା ଖବର ଗତମାସ ୧୩ ତାରିଖରେ ପଦାକୁ ଆସିଥିଲା। ଏହି ସୂଚନା ସାଇନା ହିଁ ଦେଇଥିଲେ। ତେବେ ତିନି ସପ୍ତାହ ଭିତରେ ସେ ନିଜ ମତ ବଦଳାଇଛନ୍ତି। କାଶ୍ୟପଙ୍କ ପାଖକୁ ଫେରିଯିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ସାମାଜିକ ଗଣମାଧମରେ ପ୍ରକାଶ କରିଥିବା ଲେଖାରେ ସେ ଉଲ୍ଲେଖ କରିଛନ୍ତି ଯେ କେବେକେବେ ଜଣଙ୍କଠାରୁ ଦୂରେଇ ଯିବା ପରେ ହିଁ ଆପଣ ନିଜ ଜୀବନରେ ସଂପୃକ୍ତ ଲୋକଙ୍କ ଅସଲ ମୂଲ୍ୟ ବୁଝିପାରନ୍ତି। କାଶ୍ୟପ ଓ ମୁଁ ପୁନର୍ବାର ଏକାଠି ଜୀବନର ପଥ ଚାଲିବାକୁ ନିଷ୍ପତ୍ତି ନେଇଛୁ। କାଶ୍ୟପ କିନ୍ତୁ ଏଥିନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ସୂଚନାଯୋଗ୍ୟ ଯେ ପାଖପାଖି ୧୩ବର୍ଷର ପ୍ରେମ ସଂପର୍କ ପରେ ସାଇନା ଓ କାଶ୍ୟପ ୨୦୧୮ ମସିହାରେ ବିବାହବନ୍ଧନରେ ଆବଦ୍ଧ ହୋଇଥିଲେ। ୭ବର୍ଷର ବୈବାହିକ ଜୀବନ ପରେ ସାଇନା ହଠାତ୍ କାଶ୍ୟପଙ୍କଠାରୁ ଅଲଗା ହେବା ଖବର ଦେଇ ପ୍ରଶଂସକଙ୍କୁ ଚକିତ କରି ଦେଇଥିଲେ।

### ଜାତୀୟ କନିଷ୍ଠ ସନ୍ତରଣ

## ସାଇସ୍ୱରୂପଙ୍କୁ କାଂସ୍ୟ

**ଭୁବନେଶ୍ୱର, ୪।୮ (ସଂଚାର ବ୍ୟୁରୋ):** ଅହମଦାବାଦରେ ରବିବାରଠୁ ଆରମ୍ଭ ହୋଇଥିବା ୫୧ତମ ଜାତୀୟ କନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ସାଇ ସ୍ୱରୂପ ସ୍ୱାଇଁ ଓଡ଼ିଶାକୁ ପ୍ରଥମ ପଦକ ଭେଟି ଦେଇଛନ୍ତି। ପୁରୁଷ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଐତିହାସିକ ଗୌରବ ଆଣିଛନ୍ତି। ସାଇ ସ୍ୱରୂପ ଫାଇନାଲ୍‌ରେ ୩୨.୯୫ ସେକେଣ୍ଡ ସହ ୩୫ ବର୍ଷ ପରେ ପୁରୁଷ ବର୍ଗରେ ଓଡ଼ିଶା ପାଇଁ ପ୍ରଥମ ପଦକ ଜିତିଥିଲେ। ତାଙ୍କ ପୂର୍ବରୁ ସମ୍ବଲପୁରର ରଙ୍କନିଧି ସେଠ୍ ୧୯୯୦ରେ ଜାତୀୟ କନିଷ୍ଠ ପ୍ରତିଯୋଗିତାର ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ଜିତିଥିଲା। ଏହା ଓଡ଼ିଶାର ପ୍ରଥମ ଓ ଶେଷ ପଦକ ହୋଇ ରହିଥିଲା।



## ଗିଲ୍‌ଙ୍କୁ ଉପହାର ଦେଲେ ଗାଭାସ୍କର

**ନୂଆଦିଲ୍ଲୀ, ୪।୮:** ଭାରତୀୟ ଟେଷ୍ଟ୍ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଉପହାର ଦେଇଛନ୍ତି ଲିଟିଲ୍ ମାଷ୍ଟର ସୁନିଲ ଗାଭାସ୍କର। ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟର ଚତୁର୍ଥ ଦିନ ଆରମ୍ଭ ପୂର୍ବରୁ ଗାଭାସ୍କର ନିଜ ସ୍ୱାକ୍ଷର ଥିବା ଟୋପିକୁ ଉପହାର ଦେଇଥିଲେ। ୨୫ ବର୍ଷୀୟ ଗିଲ୍ ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାରେ ୭୫୪ ରନ୍ କରିଛନ୍ତି। ତାଙ୍କ ପାଖରେ ଗାଭାସ୍କରଙ୍କ ୫୪ ବର୍ଷର ରେକର୍ଡ ଭାଙ୍ଗିବାର ସୁଯୋଗ ରହିଥିଲା। ହେଲେ ଶେଷ ଟେଷ୍ଟରେ ସେ ଦୁଇ ପାଳିରେ ୨୧ ଓ ୧୧ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ଗାଭାସ୍କରଙ୍କ ରେକର୍ଡ ୭୭୪ ରନ୍ (୧୯୭୧, ୱେଷ୍ଟଇଣ୍ଡିଜ୍)ଠୁ ୨୦ ରନ୍ ପଛରେ ରହିଯାଇଥିଲେ। ଟୋପି ଉପହାର ଦେଲା ବେଳେ ଗାଭାସ୍କର କହିଥିଲେ, "ଏହା ଏକ ଛୋଟ ଟୋପି, ମୋ ସ୍ୱାକ୍ଷର ସହ ଏହାକୁ ମୁଁ କମ୍ ଲୋକକୁ ଦେଇଥାଏ। ସେହି ୨୦ ରନ୍‌କୁ ଦେଖନି। ୭୫୪ ରନ୍‌କୁ ଦେଖ ଯାହା ଭାରତୀୟ କ୍ରିକେଟ୍ ପାଇଁ କ'ଣ କରିଛି"।



# ଜୟନ୍ତ ମହାପାତ୍ର ସ୍ମାରକୀ ଅନ୍ତଃସ୍କୁଲ୍ ଫୁଟ୍‌ବଲ୍ ୮ରୁ

**ଭୁବନେଶ୍ୱର, ୪।୮ (ସଂଚାର ବ୍ୟୁରୋ):** ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଅନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୯ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୧ କ୍ୟାପିଟାଲ୍ ଫୁଟ୍‌ବଲ୍ ଏକାଡେମି ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ମୋଟ ୧୬ଟି ସରକାରୀ ଓ ବେସରକାରୀ ଦଳ ଅଂଶଗ୍ରହଣ କରିବେ। ଲିଗ୍ କମ୍ ନକ୍‌ଆଉଟ୍ ଭିତ୍ତିକ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳସ୍ତରରୁ ଖେଳାଳିଙ୍କୁ ଗଢ଼ି ତୋଳିବା। ପ୍ରତିଯୋଗିତା ପାଇଁ ଆକର୍ଷଣୀୟ ଆର୍ଥିକ



ପୁରସ୍କାର ବ୍ୟବସ୍ଥା ଥିବା ରବିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ୟୁନିଟ୍-୬ ଆଥଲେଟିକ୍ ସଂଘର ସଭାପତି ତପନ ମହାନ୍ତି ଏବଂ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ମଦର୍ସ ପବ୍ଲିକ୍ ସ୍କୁଲ୍-ସାଇ ରେସିଡେନ୍‌ସିଆଲ ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍-ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ୍ ମୁକାବିଲା ହେବ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ୟୁନିଟ୍-୬ ଆଥଲେଟିକ୍ ସଂଘର ବରିଷ୍ଠ କର୍ମକର୍ତ୍ତା ଗିରିଜା ଶଙ୍କର ଦାସ, ଗୌରୀଶଙ୍କର ପ୍ରହରାଜ ଏବଂ ସ୍ୱର୍ଗତ କ୍ରୀଡ଼ା ଶିକ୍ଷକ ଜୟନ୍ତ ମହାପାତ୍ରଙ୍କ ସୁପୁତ୍ର ଜିତେନ ମହାପାତ୍ର ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଭାଲରେ...

ଅନ୍ତିମ ଦିନର ପ୍ରଥମ ଓଭରରେ ଜେମି ଓଭରଟନ ଦମଦାର ଢଙ୍ଗରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦୁଇଟି ଚୌକା ମାରିଥିଲେ। କିନ୍ତୁ ପରବର୍ତ୍ତୀ ଓଭରରେ ଦେଖିବାକୁ ମିଳିଥିଲା ମହମ୍ମଦ ସିରାଜଙ୍କ ଧମାଲ। ସିରାଜ ୨ ରନ କରିଥିବା ଜେମି ସ୍ମିଥଙ୍କୁ ଆଉଟ କରି ଇଂଲଣ୍ଡକୁ ସପ୍ତମ ଝଟକା ଦେଇଥିଲେ। ପରବର୍ତ୍ତୀ ବଲରେ ଗସ ଆଟକିନସନ ଦ୍ୱିତୀୟ ସ୍ଲିପ ଅଞ୍ଚଳରେ ସୁଯୋଗ ଦେଇଥିଲେ ହେଁ କେଏଲ ରାହୁଲଙ୍କ ହାତରେ ବଲ ପହଞ୍ଚି ନଥିଲା। ଏହି ଓଭରରେ ସିରାଜ ମାତ୍ର ୨ ରନ ଦେଇଥିଲେ।

ପରବର୍ତ୍ତୀ ଓଭରରେ ସିରାଜଙ୍କ ଶିକାର ବନିଥିଲେ ଓଭରଟନ। ଇଂଲଣ୍ଡକୁ ଜିତିବା ପାଇଁ ୧୭ ରନ ଦରକାର ଥିବା ସମୟରେ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ଢଙ୍ଗରେ ଜୋଶ ଟଙ୍ଗଙ୍କୁ ବୋଲ୍ଡ କରିଦେଇଥିଲେ। ଶେଷ ବ୍ୟାଟର ଭାବେ ପ୍ରଥମ ଇନିଂସରେ କାନ୍ଧ ଖସିଯିବା ଯୋଗୁ ଡ୍ରେସିଂ ରୁମରେ ରହିଥିବା କ୍ରିସ ଓକ୍ସ ଗୋଟିଏ ହାତରେ ବ୍ୟାଟ୍ ଧରି ପଡ଼ିଆକୁ ପ୍ରବେଶ କରିଥିଲେ। ତାଙ୍କୁ କେବଳ ଗସ ଆଟକିନସଙ୍କ ସାଥ ଦେବାର ଥିଲା। କାରଣ ସେ ଗୋଟିଏ ହାତରେ ବ୍ୟାଟିଂ କରିବା ସମ୍ଭବପର ନଥିଲା। କେବଳ ଅନ୍ତିମ ୱିକେଟ ଭାବେ ସେ କ୍ରିଜକୁ ଆସିଥିଲେ। ଏତିକିବେଳେ ସିରାଜଙ୍କୁ ଆଟକିନସନ ଗୋଟିଏ ଛକା ମାରି କାଉଣ୍ଟର୍ ଆଟାକ୍ ପାଇଁ ଉଦ୍ୟମ କରିଥିଲେ। ଫଳତଃ ବିଜୟ ଟାର୍ଗେଟ ୧୧କୁ ଖସିଆସିଥିଲା। ପରବର୍ତ୍ତୀ ଦୁଇଟି ବଲରେ କୌଣସି ରନ ହୋଇ ନଥିଲା। ଓଭରର ଶେଷ ବଲ ଆଟକିନସନଙ୍କ ବ୍ୟାଟ୍‌ରେ ବଲ୍ ବାଜି ନଥିଲେ ହେଁ ବାଇ ଭାବେ ୧ ରନ୍ ନେଇଥିଲେ। ଧ୍ରୁବ ଜୁରେଲ୍‌ଙ୍କ ଥ୍ରୋ ଷ୍ଟମ୍ପରେ ନ ବାଜିବାରୁ ଏହାର ଫାଇଦାରେ ଉଭୟ ବ୍ୟାଟ୍ସମ୍ୟାନ୍ ଆଉ ଏକ ରନ୍ ଚୋରାଇ ନେଇଥିଲେ। ସେହିପରି ଓଭରର ଶେଷ ବଲରେ ସେ ପ୍ରସିଦ୍ଧଙ୍କ ବଲରେ ୧ ରନ ନେଇ ଷ୍ଟ୍ରାଇକ ନିଜ ପାଖରେ ରଖିଥିଲେ। ବିଜୟ ପାଇଁ ୭ ରନ ଦରକାର ଥିବା ବେଳେ ବୋଲିଂ ଦାୟିତ୍ୱ ସମ୍ଭାଳିଥିଲେ ସିରାଜ। ପ୍ରଥମ ଇନିଂସରେ ୪ଟି ୱିକେଟ୍ ନେଇଥିବା ସିରାଜ୍‌ଙ୍କ ପ୍ରଥମ ବଲରେ ହିଁ ଆଟକିସନଙ୍କୁ ବୋଲ୍ଡ କରି ଷ୍ଟାଡିୟମ୍ ଓ ଟିଭି ପରଦାରେ କୋଟି କୋଟି ଭାରତୀୟଙ୍କ ପାଇଁ ଖୁସି ଖବର ଦେଇଥିଲେ। ଏଥିସହ ଭାରତ ମାତ୍ର ୬ ରନରେ ଟେଷ୍ଟ୍ ଇତିହାସରେ ନିଜର ସବୁଠାରୁ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିନେଇଥିଲା। ଏକଦା ଇଂଲଣ୍ଡ ୩୦୧ ରନ୍‌ରେ ୩ଟି ୱିକେଟ୍ ହରାଇ ସିରିଜ୍ ବିଜୟ ଫେବରିଟ୍ ଥିଲେ ହେଁ ଭାରତୀୟ ବୋଲର୍‌ମାନେ ଚମତ୍କାର କମ୍‌ବ୍ୟାକ୍ କରିଛନ୍ତି। ଫଳତଃ ଇଂଲଣ୍ଡର ଅନ୍ତିମ ୭ଟି ୱିକେଟ୍ ମାତ୍ର ୬୬ ରନ୍ ମଧ୍ୟରେ ଖସିଯାଇଥିଲା। ଗିଲ ପ୍ରଥମ ଥର କୌଣସି ଟେଷ୍ଟ ସିରିଜରେ ନିଜର କ୍ୟାପ୍ଟେନ ଇନିଂସ ଆରମ୍ଭ କରିଥିବା ବେଳେ ଦଳ ତାଙ୍କ ନେତୃତ୍ୱରେ ସିରିଜ୍‌କୁ ୨-୨ରେ ବରାବର କରିଥିଲା। ଚଳିତ ବର୍ଷର ପ୍ରଥମ ସିରିଜ୍‌ରେ ଭାରତ ବିଜୟୀ ହୋଇଥିଲେ ମଧ୍ୟ ଚଳିତ ସିରିଜ୍ ପ୍ରଥମ ଥର ପାଇଁ ଏଟିଟି ନାମରେ ନାମିତ ହୋଇଥିବାରୁ ଉଭୟ ଅଧିନାୟକ ଟ୍ରଫି ଶେୟାର୍ କରିଛନ୍ତି। ଦ୍ୱିତୀୟ ଇନିଂସରେ ୫ ୱିକେଟ୍‌ର ସଫଳତା ପାଇଥିବା ସିରାଜ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଏବଂ ଭାରତୀୟ ଅଧିନାୟକ ଗିଲ୍ ଓ ଇଂଲିଶ୍ ବ୍ୟାଟ୍ସମ୍ୟାନ୍ ହ୍ୟାରୀ ବ୍ରୁକ୍‌ଙ୍କୁ ମିଳିତ ଭାବେ ପ୍ଲେୟର୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି।

## ରାଜ୍ୟରେ...

ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ହେଡକ୍ୱାର୍ଟର୍ସରେ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଲେଖାଏଁ ଆଦର୍ଶ ସ୍କୁଲ ନିର୍ମାଣ କରାଯିବ ଏବଂ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଏବଂ ଛାତ୍ରଛାତ୍ରୀଙ୍କ ଯିବା ଆସିବା ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଦୁର୍ଗମ ଓ ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ପିଲାଙ୍କ ଯିବାଆସିବା ପାଇଁ ମାଗଣା ପରିବହନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପର୍ଯ୍ୟାପ୍ତ ଜମି ଥିବା ସ୍କୁଲଗୁଡ଼ିକୁ ଚୟନ କରାଯାଇ ଭବିଷ୍ୟତରେ ହାଇସ୍କୁଲ ସ୍ତରକୁ ଅପଗ୍ରେଡ୍ ପାଇଁ ଏହାକୁ ଉନ୍ନତିକରଣ କରାଯିବ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷା ଫଳାଫଳକୁ ଉନ୍ନତ କରିବା ଏବଂ ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ, ଶାଳିନୀ ପଣ୍ଡିତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଯାମିନୀ ଷଡ଼ଙ୍ଗୀ, ଓସେପା ନିର୍ଦ୍ଦେଶିକା, ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧାହେଲେ...

ସମୟରେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ହାଁସଦାଙ୍କ ଏକ ବେନାମୀ ଟଙ୍କା କାରବାର ସମ୍ପର୍କରେ ତଥ୍ୟ ଥିବା ଡାଏରୀ ଜବତ କରିଛନ୍ତି। ତାଙ୍କ ଘରୁ ଗୋଟିଏ କାର୍ ଓ ୩ଟି ବାଇକ ଜବତ ହୋଇଥିବା ବେଳେ ସେ ଝିଅର ମେଡିକାଲ ବାବଦ ପାଠପଢ଼ାରେ ପାଖାପାଖି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାଛଡ଼ା ତାଙ୍କ ସହ ପରିବାର ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କ୍‌ରେ ଜମା, ପୋଷ୍ଟାଲ୍ ଜମା ଓ ଇନସ୍ୟୁରାନ୍ସ ପରିମାଣ ୧ କୋଟି ୩୪ ଲକ୍ଷ ୯ ହଜାର ୧୯୩ ଟଙ୍କା ରହିଛି। ଆହୁରି ତାଙ୍କ ଘରୁ ୧୬.୦୬ ଲକ୍ଷ ଟଙ୍କାର ଆସବାବପତ୍ର ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ୧୯୯୧ରେ ଜଣେ ଆଇପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଶ୍ରୀ ହାଁସଦା ୨୦୦୩ରେ ଜୁନିଅର ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇଥିଲେ। ପରେ ଗତ ୨୦୨୦ରେ ସେ ଏମଭିଆଇ ପଦକୁ ପ୍ରମୋସନ ପାଇଥିବା ବେଳେ ଏବେ ତାଙ୍କର ଦରମା ରହିଛି ମାସିକ ଏକ ଲକ୍ଷ ୮ ହଜାର ଟଙ୍କା। ତାଙ୍କଠାରୁ ଜବତ ସମ୍ପତ୍ତିର ମୂଲ୍ୟ ଆୟଠାରୁ ପାଖାପାଖି ୬୩୦ ଗୁଣ ହୋଇଥିବା ବେଳେ ଏନେଇ ସଠିକ୍ ହିସାବ ଦେଇନପାରିବାରୁ ଶ୍ରୀ ହାଁସଦାଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିବା ଜଣାପଡ଼ିଛି।

## ଷଡ଼ଯନ୍ତ୍ର...

ଠୋସ୍ ପ୍ରମାଣ ଲାଗିନି। ଆତ୍ମାହୁତି ଉଦ୍ୟମ ଦିନ ପୀଡ଼ିତା ସାଇକେଲରେ ପେଟ୍ରୋଲ ପମ୍ପ ଆଡ଼କୁ ଯାଉଥିବା କୁହାଯାଉଛି । ଏହା ଜୁଲାଇ ୧୨ ତାରିଖ ଦିନ ୧୦ଟା ୪୪ ମିନିଟ ସମୟର ସିସିଟିଭି ଫୁଟେଜ ବୋଲି ଜଣାଯାଇଛି। ଏହି ସିସିଟିଭି ଫୁଟେଜ ଫକୀରମୋହନ କଲେଜରୁ ଚାନ୍ଦିପୁର ଆଡ଼କୁ ଯାଉଥିବା ରାସ୍ତାର ବୋଲି ଜଣାପଡିଛି। ପ୍ରକୃତରେ ପୀଡ଼ିତା ସାଇକେଲରେ କୁଆଡ଼େ ଯାଉଥିଲେ ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ଏଥିସହ ଆଖପାଖରେ ଥିବା ଅନ୍ୟ ସିସିଟିଭି ଫୁଟେଜକୁ ବି ଖୋଜୁଛି କ୍ରାଇମବ୍ରାଞ୍ଚ। ସେପଟେ ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଛାତ୍ର ଦୁଇ ଜଣ ହେଲେ ଶୁଭ୍ରସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳ। ଆତ୍ମାହୁତୀ ଷଡ଼ଯନ୍ତ୍ର ଅଭିଯୋଗରେ ଗତକାଲି ବିଳମ୍ବିତ ରାତିରେ କ୍ରାଇମବ୍ରାଞ୍ଚ ଗିରଫ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଜ୍ୟୋତି ପ୍ରକାଶ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ଆହତ ହୋଇଥିଲେ। ନିକଟରେ ଏସସିବିରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଦୁଇ ଛାତ୍ରଙ୍କ ବିରୋଧରେ ପ୍ରମାଣ ପାଇଥିବା କୁହାଯାଉଛି। ଗତକାଲି ରାତି ପ୍ରାୟ ସାଢେ ୧୧ଟାରେ ଗିରଫ ପରେ ଉଭୟଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ୧୫ ଦିନ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଦୁଇ ଛାତ୍ର ଏବିଭିପି ଛାତ୍ର ସଂଗଠନ ସହ ଜଡିତ ବୋଲି କୁହାଯାଉଛି । ପୂର୍ବରୁ ମାମଲାରେ କଲେଜର ବିଏଡ ମୁଖ୍ୟ ସମୀର ସାହୁ, କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ ହୋଇଥିଲେ। ଗତମାସ ୧୨ ତାରିଖରେ କଲେଜ ପରିସରରେ ଛାତ୍ରୀ ଜଣକ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ତମ୍ବିତୋଫାନ ହୋଇଥିବା ବେଳେ କଂଗ୍ରେସ ଓ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲେ।

## ନାଇଟ୍...

ଜରୁରୀ। ସେହିପରି ଯେଉଁସବୁ ଘରୋଇ ପ୍ରତିଷ୍ଠାନରେ ମହିଳା କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ସେଠାରେ ଶୌଚାଳୟ, ପାନୀୟ ଜଳ ସୁବିଧା ସହ ଯଥେଷ୍ଟ ପରିମାଣର ଆଲୋକ ସୁବିଧା ସାଙ୍ଗକୁ ସମ୍ପୂର୍ଣ୍ଣ ପରିସର ସିସିଟିଭି ନିୟନ୍ତ୍ରଣରେ ରହିବା ବାଧ୍ୟତାମୂଳକ। ଏଥିସହ ସେମାନଙ୍କ ପାଇଁ ସମର୍ପିତ ଟେଲିଫୋନ୍ ନମ୍ବର ରାଜ୍ୟ ସରକାରଙ୍କ ହେଲ୍ପ ଲାଇନ ନମ୍ବର-୧୮୧ ଓ ଶ୍ରମ ବିଭାଗର ହେଲ୍ପ ଲାଇନ ନମ୍ବର-୧୮୦୦୩୪୫୬୭୦୩ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ। ଆହୁରି ମହିଳା କର୍ମଚାରଙ୍କ ପରିବହନ ପାଇଁ ଉଦ୍ଦିଷ୍ଟ ଯାନବାହନରେ ମଧ୍ୟ ଏହି ନମ୍ବର ଲଗାଯିବା ଜରୁରୀ। ସେହିପରି ମହିଳା କର୍ମଚାରୀଙ୍କ ଡ୍ୟୁଟି ସମୟ ଲଗାତାର ଭାବେ ନହେବା ଦରକାର। ଅର୍ଥାତ୍ କୌଣସି ମହିଳା କର୍ମଚାରୀଙ୍କ ଦିନ ଓ ରାତି କାର୍ଯ୍ୟ ମଧ୍ୟରେ ଅତି କମ୍‌ରେ ୮ ଘଣ୍ଟା ବ୍ୟବଧାନ ରହିବା ଜରୁରୀ ବୋଲି ଶ୍ରମ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ପରଲୋକରେ...

ସାନ୍ତାଳୀ ସମ୍ପ୍ରଦାୟରୁ ଆସିଥିବା ଶ୍ରୀ ସୋରେନ ସବୁବେଳେ ପଛୁଆ ବର୍ଗ ଓ ଅନ୍ୟ ଜନଜାତିଙ୍କ ପାଇଁ ଲଢ଼େଇ କରୁଥିଲେ। ଏଥିପାଇଁ ତତ୍କାଳୀନ ବିହାରର ଅଂଶବିଶେଷ ଥିବା ରାମଗଡ଼ରେ ଜନ୍ମ ହୋଇଥିବା ଶ୍ରୀ ସୋରେନଙ୍କୁ ସମସ୍ତେ ଗୁରୁଜୀ ବା ଦିଶୋମ ଗୁରୁ ବୋଲି ସମ୍ବୋଧନ କରୁଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ବାମପନ୍ଥୀ ଟ୍ରେଡ ୟୁନିୟନ ନେତା ଏକେ ରୟ ଓ କୁର୍ମି ମାହାତୋ ନେତା ବିନୋଦ ବିହାରୀ ମାହାତୋଙ୍କ ସହ ମିଶି ୧୯୭୨ରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ। ସମୟ କ୍ରମେ ଶ୍ରୀ ସୋରେନ ରାଜ୍ୟ ଗଠନ ବିପ୍ଳବର ପ୍ରମୁଖ ନେତା ବନିଯାଇଥିଲେ। ତାଙ୍କ ଉଦ୍ୟମ ଯୋଗୁ ବିହାରରୁ ୨୦୦୦ ମସିହାରେ ଅଲଗା ହୋଇ ଝାରଖଣ୍ଡ ପାଇଥିଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା। ସେ ୧୯୮୦ରେ ପ୍ରଥମଥର ଡୁମକାରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଡୁମକା ଜେଏମଏମର ଗଡ଼ ପାଲଟି ଯାଇଥିଲା। ଏହାପରେ ୧୯୮୯, ୧୯୯୧, ୧୯୯୬,୨୦୦୪, ୨୦୦୯ ଓ ୨୦୧୪ରେ ଶ୍ରୀ ସୋରେନ ଏଠାରୁ ଜିତିଥିଲେ। କିନ୍ତୁ ୨୦୧୯ରେ ସେ ନିଜ ଗଡ଼ ଡୁମକାରେ ବିଜେପି ନେତା ନଳିନୀ ସୋରେନଙ୍କଠାରୁ ୪୫ ହଜାର ଭୋଟରେ ପରାସ୍ତ ହୋଇଥିଲେ। ଶ୍ରୀ ସୋରେନ କେନ୍ଦ୍ରମନ୍ତ୍ରୀ ଭାବେ କାମ କରିବା ସହ ୩ ଥର ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ସେ କୌଣସି ପାଳିରେ ନିଜ କାର୍ଯ୍ୟକାଳ ପୂରଣ କରିପାରି ନଥିଲେ। ସେ ପ୍ରଥମ ଥର ୨୦୦୫ରେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ନ ଦେଇ ପାଇବାରୁ ତାଙ୍କୁ ୯ ଦିନ ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିଥିଲା। ଏହାପରେ ସେ ଆଉ ଦୁଇ ଥର ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେହିପରି କେନ୍ଦ୍ର କ୍ୟାବିନେଟ୍‌ରେ ମଧ୍ୟ ତାଙ୍କ ଯାତ୍ରା ସେଭଳି କିଛି ଥିଲା। ଶ୍ରୀ ସୋରେନ ୨୦୦୪ରେ ମନମୋହନ ସିଂହ ସରକାରରେ ସାମିଲ ହୋଇଥିଲେ। ତାଙ୍କୁ କେନ୍ଦ୍ରମନ୍ତ୍ରୀ କରାଯାଇଥିଲା। କିନ୍ତୁ ୧୯୭୪ ମସିହା ଚିରୁଡି ମାମଲାରେ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବାରୁ ସେ ଏହି ପଦରୁ ଇସ୍ତଫା ଦେଇଥିଲେ। ଚିରୁଡି ମାମଲାରେ ଆଦିବାସୀ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ପ୍ରବଳ ସଂଘର୍ଷ ହୋଇଥିଲା। ଗିରଫ ପରେ ଶ୍ରୀ ସୋରେନ ଜାମିନରେ ମୁକୁଳିବା ପରେ ତାଙ୍କୁ ପୁଣି କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯାଇଥିଲା। ହେଲେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ପଦରୁ ପୁଣି ଇସ୍ତଫା ଦେଇଥିଲା। ୧୦ ଦିନ ମୁଖ୍ୟମନ୍ତ୍ରୀ ରହିବା ପରେ ୨୦୦୬ରେ କେନ୍ଦ୍ର କୋଇଲା ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ଦାୟିତ୍ୱ ନେବାର ୧୦ ମାସ ପରେ ସେ ନିଜର ବ୍ୟକ୍ତିଗତ ସଚିବ ଶଶିନାଥ ଝାଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଦେଶ ଇତିହାସରେ ପ୍ରଥମ ଥର ପାଇଁ କୌଣସି କେନ୍ଦ୍ରମନ୍ତ୍ରୀ ହତ୍ୟା ମାମଲାର ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି।

## ପ୍ରଦୂଷଣ...

ସଚିବ ରହିଥିବା ବେଳେ ଏଠାରେ ଚାଲିଥିବା ଏପରି ସାପ ଶିଡ଼ି ଖେଳର ସୁରାକ ତାଙ୍କ ପାଖରେ ପହଞ୍ଚିଲାଣି କି ନାହିଁ, ତାହାକୁ ନେଇ ଆଲୋଚନା ଚାଲିଛି। ଅନ୍ୟପକ୍ଷରେ ଏହି ବିଜେଡି ମାର୍କା ବାବୁଙ୍କୁ ତୁରନ୍ତ ରାଜଧାନୀରୁ ଅନ୍ୟତ୍ର ପଠାଯିବା ଉଚିତ ବୋଲି କେତେକ କର୍ମଚାରୀ ନାମ ଗୋପନ ସର୍ତ୍ତରେ ମତ ଦେଇଛନ୍ତି।

## ଗିନିଜ୍...

ଓ ଟେଲିଭିଜନରେ ୨୧ କୋଟିରୁ ଅଧିକ ଦର୍ଶକ ଏହାର ପ୍ରସାରଣ ଦେଖିଛନ୍ତି। ଯାହାଦ୍ୱାରା 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫'କୁ ନେଇ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା ହୋଇପାରିଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଇଁ ଶ୍ରୀ ପ୍ରଧାନ ଦେଶର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍କୁଲଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଆମର ପରୀକ୍ଷା ଯୋଦ୍ଧାଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବହୁ ପ୍ରତୀକ୍ଷିତ ଆଲୋଚନା କାର୍ଯ୍ୟକ୍ରମ ହେଉଛି 'ପରୀକ୍ଷା ପେ ଚର୍ଚ୍ଚା'। ଚାପମୁକ୍ତ ଏବଂ ଆନନ୍ଦଦାୟକ ଶିକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଏବେ ଦେଶବ୍ୟାପୀ ଏକ ମହୋତ୍ସବରେ ପରିଣତ ହୋଇଛି। ଶିକ୍ଷା ପ୍ରତି ଏପରି ଏକ ସାମଗ୍ରିକ ଓ ଉତ୍ସବମୁଖୀ ଦୃଷ୍ଟିକୋଣର କଳ୍ପନା କରିବା, ପରୀକ୍ଷା ସମ୍ବନ୍ଧୀୟ ଚାପ ହ୍ରାସ କରିବା, ଛାତ୍ରଛାତ୍ରୀଙ୍କ କଲ୍ୟାଣ ଓ ବ୍ୟକ୍ତିଗତ ଅଭିବୃଦ୍ଧିକୁ ଆଗେଇ ନେଉଥିବାରୁ ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶିକ୍ଷାଗତ ଚାପ ହ୍ରାସ କରିବା ଏବଂ ଜୀବନ ଗଠନ ଦିଗରେ ସହାୟକ ହୋଇଥିବା 'ପରୀକ୍ଷା ପେ ଚର୍ଚ୍ଚା'ର ସକାରାତ୍ମକ ପ୍ରଭାବକୁ ସମ୍ମତି ଜଣାଇଥିବାରୁ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ଟିମକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। 'ପରୀକ୍ଷା ପେ ଚର୍ଚ୍ଚା' ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ର ମୂଳ କଥାକୁ କାର୍ଯ୍ୟକାରୀ କରିବା ସହ ବ୍ୟାପକ କରିବାରେ ସାହାଯ୍ୟ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ କ୍ୟାବିନେଟ ମନ୍ତ୍ରୀ ଭାବେ ଏହା ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଦ୍ୱିତୀୟ ସ୍ୱୀକୃତି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଏଲପିଜି ପାଇଁ ବିଶ୍ୱର ସର୍ବବୃହତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା 'ପହଲ' ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପ୍ରମାଣପତ୍ର ଗ୍ରହଣ କରିବାର ସ୍ପଷ୍ଟ ମନେ ରହିଛି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ପଦକ୍ଷେପ 'ପରୀକ୍ଷା ପେ ଚର୍ଚ୍ଚା' ୨୦୧୮ ପରଠାରୁ 'ମାଇଗଭ୍' ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସଫଳତାର ସହ ଆୟୋଜିତ ହୋଇଆସୁଛି। ଏହା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ଏବଂ ନେତୃତ୍ୱାଧୀନ ଏକ ଅନନ୍ୟ ପ୍ଲାଟଫର୍ମ ହୋଇଥିବା ବେଳେ ଏଥିରେ ସେ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରିଥାନ୍ତି। ଏହାକୁ 'ଗୋଟିଏ ମାସରେ ନାଗରିକ ସଂଗଠନ ପ୍ଲାଟଫର୍ମରେ ସର୍ବାଧିକ ଲୋକ ପଞ୍ଜୀକୃତ' ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ସହ ସମ୍ମାନିତ କରାଯାଇଛି। ଏହି ମାନ୍ୟତା 'ମାଇଗଭ୍' ପ୍ଲାଟଫର୍ମରେ ଆୟୋଜିତ କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ପ୍ରାପ୍ତ ୩.୫୩ କୋଟି ବୈଧ ପଞ୍ଜୀକରଣର ଅଭୂତପୂର୍ବ ସଫଳତାକୁ ସ୍ୱୀକୃତି ଦେଇଛି।

## ବାଦ୍...

ଓ ସରକାରୀ ଚାପକୁ ଖାତିର ନ କରି ଏମାନେ ଦଳର ଭାବମୂର୍ତ୍ତି ରକ୍ଷା କରିଥିଲେ। ଯାହାର ସୁଫଳ ଦଳକୁ ନିର୍ବାଚନରେ ମିଳିଥିଲା ଓ ସମସ୍ତ ଗଣିତକୁ ଓଲଟପାଲଟ କରି ଦଳ ଏକାକୀ କ୍ଷମତାକୁ ଆସିଥିଲା। ତେବେ ମୁଣ୍ଡ ଉପରେ ବିଧାନସଭା ଅଧିବେଶନ ଓ ପରେ ପରେ ଦଶହରା ଆସୁଥିବାରୁ ଏହା ପୂର୍ବରୁ କିମ୍ବା ପରେ ନିଗମ ଓ ସରକାରୀ ସଂସ୍ଥାରେ ବିଜେପିର ନେତାମାନେ ଥଇଥାନ ହେବେ ତାହା ଉପରେ ସମସ୍ତଙ୍କ ନଜର।

## ଗଞ୍ଜାମ ବିଜେଡିର ମଙ୍ଗ ଧରିଲେ ବିକ୍ରମ



**ବ୍ରହ୍ମପୁର,୪।୮ (ସଂଚାର ବ୍ୟୁରୋ):** ସବୁ ଅପେକ୍ଷାର ଅନ୍ତ ଘଟିଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ପଦ ହାତେଇଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ଆଜି ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ତାଙ୍କ ନାଁ ଘୋଷଣା କରି ଦାୟିତ୍ୱ ପ୍ରଦାନ କରିଛନ୍ତି। ଯାହାକୁ ନେଇ ଗଞ୍ଜାମ ବିଜେଡି ମହଲରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘ ଦିନ ହେବ ଜିଲ୍ଲା ସଭାପତି ଚୟନକୁ ନେଇ ସସପେନ୍ସ ଲାଗି ରହିଥିଲା। ଜଣେ ଯୁବ ଚେହେରାକୁ ଦଳ ଜିଲ୍ଲା ବିଜେଡିର ଦାୟିତ୍ୱ ଦେବ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏଥିରେ ବିକ୍ରମଙ୍କ ନାଁ ଆଗରେ ରହିଥିଲା। ଶ୍ରୀ ପଣ୍ଡାଙ୍କୁ ଜିଲ୍ଲା ସଭାପତି କରାଯିବା ପରେ ଜିଲ୍ଲାରେ ବିଜେଡି ଆହୁରି ମଜବୁତ୍ ହେବା ସହ ସଂଗଠନ ସୁଦୃଢ଼ ହେବ ବୋଲି ସ୍ଥାନୀୟ ଦଳୀୟ ନେତା ଓ କର୍ମୀ ଆଶା କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପାଣିଭାର ଧରି କୋଲକାତାରୁ ବ୍ରହ୍ମପୁର ଆସିଲେ କାଉଡ଼ିଆ



**ବ୍ରହ୍ମପୁର,୪।୮ (ସଂଚାର ବ୍ୟୁରୋ):**କଥାରେ ଅଛି ଭକ୍ତି ଥିଲେ ଶକ୍ତି ମିଳେ। କୋଲକାତାରୁ ବ୍ରହ୍ମପୁର ୬୦୦ରୁ ଉର୍ଦ୍ଧ୍ୱ କିମି ପାଦରେ ଚାଲି ଚାଲି ଆସି ଜଳଲାଗି କରିଛନ୍ତି ବ୍ରହ୍ମପୁର ସହରର ଦୁଇ କାଉଡ଼ିଆ। ଉଭୟ ହେଉଛନ୍ତି ପୁରୁଣା ବ୍ରହ୍ମପୁର ଅଂଚଳର ବିଧେଶ୍ୱର ପାଣିଗ୍ରାହୀ ଓ ସନ୍ତୋଷ ପରଦେଶୀ। ସୋମବାର ଦୁଇ କାଉଡ଼ିଆ ସହରର ନୀଳକଣ୍ଠେଶ୍ୱର ଏବଂ ଚନ୍ଦ୍ରକଲ୍ଲେଶ୍ୱରଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ସୂଚନା ଅନୁଯାୟୀ,କୋଲକାତା ହାୱଡା ବ୍ରିଜ୍ ନିକଟସ୍ଥ ଭୁତନାଥ ଘାଟରୁ ୪ଟି କଳସ ଭାର ନେଇ ଉଭୟ ଗତ ୧୫ ତାରିଖରେ ବାହାରିଥିଲେ। ୨୭ରେ କଟକ ଗଡଗଡ଼ିଆ ଠାରେ ପହଂଚି ସେଠାରୁ ପୁଣି ଦୁଇ ଭାର ଜଳ ଧରିଥିଲେ। ୨୮ରେ ଭୁବନେଶ୍ୱରର ବାବା ଲିଙ୍ଗରାଜଙ୍କ ଠାରେ ଜଳ ଲାଗି କରିଥିଲେ। ସେଠାରୁ ନୟାଗଡ଼ ଲଡୁବାବାଙ୍କ ପୀଠକୁ ଯାଇ ଜଳ ଲାଗି ପାଇଁ ମନ୍ଦିରରେ ଜଳ ରଖିଥିଲେ। ରବିବାର ଆସିକାରେ ପହଂଚି ଋଷିକୁଲ୍ୟା ନଦୀରୁ ଜଳ ଭାର ଧରି ଅନ୍ୟ କାଉଡ଼ିଆଙ୍କ ସହ ମିଶି ବ୍ରହ୍ମପୁରରେ ପହଞ୍ଚିଥିଲେ। ଆଜି କାଉଡ଼ିଆ ମାନେ ନୀଳକଣ୍ଠେଶ୍ୱର ଓ ଚନ୍ଦ୍ର କଲ୍ଲେଶ୍ୱରଙ୍କ ନିକଟରେ ଜଳ ଲାଗି କରିଛନ୍ତି।

## ଶ୍ରାବଣର ଶେଷ ସୋମବାର : ବୋଲ୍‌ବମ୍ ଧ୍ୱନିରେ ପ୍ରକମ୍ପିତ ହିଞ୍ଜିଳି ସହର



**ହିଞ୍ଜିଳିକାଟୁ,୪।୮ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ଶେଷ ସୋମବାର ଉପଲକ୍ଷେ ହିଞ୍ଜିଳିକାଟୁ ନୂଆଗଡ ସ୍ଥିତ ବାଲୁଙ୍କେଶ୍ୱର ପୀଠରେ ବୋଲବମ୍ ହର ହର୍ ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଛି ଶୈବପୀଠ। ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ସକାଳୁ ସକାଳୁ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବାବାଙ୍କ ନୀତିକାନ୍ତି ସରିବା ପରେ ଧାଡ଼ିରେ ଯାଇ ଜଳଲାଗି କରିଥିଲେ କାଉଡିଆ । ଅନେକ ଶ୍ରଦ୍ଧାଳୁ ମାଇଲ ମାଇଲ ବାଟ ଚାଲି ପାଣି ଭାର ଉଠାଇ ଶିବଙ୍କୁ ଜଳ ଲାଗି କରିଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ମାଗଣା ଶିକ୍ଷା ଭେଳିକି

### ଭାରିପଡୁଛି ଗାଡ଼ି ଭଡ଼ା

### ଶେଷ ହେଉନି ଛାତ୍ରାବାସ ନିର୍ମାଣ

### ଅସୁରକ୍ଷିତ ଭାବେ ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ




**କାକଟପୁର/ଅସ୍ତରଙ୍ଗ,୪।୮ (ସଂଚାର ବ୍ୟୁରୋ):** ମେଧାବୀ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଇଂରାଜୀ ଶିକ୍ଷା ଯୋଗାଇ ଦେବାକୁ ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ। ମାଗଣା ଶିକ୍ଷା, ମାଗଣାରେ ଛାତ୍ରାବାସରେ ରହିବା ଓ ଖାଇବା ସାଙ୍ଗକୁ ମାଗଣା ବହିପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସରକାରଙ୍କ ଏହି ମହତକାଂକ୍ଷା ଚିନ୍ତାଧାରା ଅନେକ ଅଭିଭାବକ ପାଇଁ ବୋଝ ସଦୃଶ ହେଉଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ଗ୍ରାମରେ ଆଜକୁ ଦୀର୍ଘ ବର୍ଷ ବର୍ଷ ଧରି ହେବ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଏତେ ବର୍ଷ ପରେ ବି ଏଠାରେ ଛାତ୍ରାବାସ ନିର୍ମାଣ ଧିମା ଗତିରେ ଚାଲୁରହିଛି। ଯାହା ଫଳରେ ଯାତାୟତ କରୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ହରଡ଼ ଘଣାରେ ପକାଉଛି। ଅନେକ ମେଧାବୀ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦ୍ୱାରା ଚୟନ ହୋଇ ଏହି ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ମାତ୍ର ବିଦ୍ୟାଳୟଠୁ ବହୁ ଦୂରରେ ସେମାନଙ୍କ ଘର ହୋଇଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଅଟୋ, ମ୍ୟାଜିକି, ବୋଲର, ଟ୍ରାଭେଲର ଗାଡିରେ ଭଡା ମାଧ୍ୟମରେ ଯାଉଥିବା ବେଳେ ବିପଦ ପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଛନ୍ତି। ଏହି ଭଡା ଟଙ୍କା ଦେବା ଓ ବିଦ୍ୟାଳୟକୁ ପଠାଇବା କିଛି ଆର୍ଥିକ ଅନଗ୍ରସର ଅଭିଭାବକଙ୍କୁ କଷ୍ଟକର ହେଉଛି। ପ୍ରତି ମାସରେ ହାରାହାରି ଦୁଇ ହଜାରରୁ ତିନି ହଜାର ଗାଡିଭଡା ଦେବାକୁ ପଡୁଥିବାରୁ ଜଣେ ଅଭିଭାବକଙ୍କ ଠାରୁ ସୂଚନା ମିଳିଛି।

ଅସ୍ତରଙ୍ଗ ବ୍ଲକ ଆଦର୍ଶ ବିଦ୍ୟାଳୟ ନିର୍ମାଣ ସରିପୁର ସ୍ଥାନ ଚିହ୍ନଟ ହୋଇଥିଲା। କିନ୍ତୁ ଶ୍ରେଣୀ ଗୃହ ନିର୍ମାଣ ବିଳମ୍ବ ହେବାରୁ ଆଦର୍ଶ ବିଦ୍ୟାଳୟ ଆରମ୍ଭରୁ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ସୁନ୍ଦରରେ ପାଠପଢା ହେବାର କିଛି ବର୍ଷ ପରେ ଶ୍ରେଣୀ ଗୃହ ସରିବା ପରେ ସରିପୁରରେ ଶିକ୍ଷାଦାନ କାର୍ଯ୍ୟ ଜାରୀ ରହିଛି। କିନ୍ତୁ ଛାତ୍ରାବାସର ସୁବିଧା ନାହିଁ। ଗୃହ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ କେବେ ଶେଷ ହେବ ସେଥିରେ ସନ୍ଦେହ ପ୍ରକାଶ ପାଇଛି। ଯାତାୟତ କରୁଥିବା ଛାତ୍ରଛାତ୍ରୀ ଅନେକ ସମୟରେ ଗାଡିରେ ବିପଦଜନ୍ନକ ଅବସ୍ଥାରେ ଯାତାୟତ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୩ଶହରୁ ଉର୍ଦ୍ଧ୍ୱ। ତୁରନ୍ତ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଦାବୀ ହୋଇଛି।

**ଗ୍ୟାସ ଲିକ୍‌ରୁ ୪ଜଣ ଗୁରୁତର ଘଟଣା**

## ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ମା'

**ହିଞ୍ଜିଳିକାଟୁ,୪।୮ (ସଂଚାର ବ୍ୟୁରୋ):** ଗତ ବୁଧବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ଗ୍ୟାସ ସିଲିଣ୍ଡର ଲିକରୁ ଦୁର୍ଘଟଣା ଘଟି ଗୋଟିଏ ପରିବାରର ବାପା, ମା ସମେତ ଦୁଇ ଝିଅ ଗୁରୁତର ହୋଇଥିଲେ । ସେମାନେ ହେଲେ ବିପ୍ଳବ ମହାରଣା (୬୦),ସଂଯୁକ୍ତା ମହାରଣା( ୪୫), ପ୍ରାଚୀ ମହାରଣା (୧୬) ଓ ପ୍ରିୟା ମହାରଣା (୧୪)। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର ହୋଇଥିବା ବେଳେ ସେଠୁ ପୁଣି ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମା' ସଂଯୁକ୍ତା ମହାରଣାଙ୍କ ଦେହ ଅଧିକାଂଶ ସ୍ଥାନରେ ପୋଡି ଯାଇଥିବା ବେଳେ ଆଜି ସକାଳୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ଖବର ଶୁଣିବା ପରେ ୧୧ନଂ ୱାର୍ଡର ୱାର୍ଡମେମ୍ବର ଅମୁଲ୍ୟ ସାହୁ ପରିବାରଙ୍କ ପାଖରେ ପହଂଚି ସମବେଦନା ଜଣାଇଛନ୍ତି। ପୁରୀର ସ୍ୱର୍ଗଦ୍ୱାରରେ ଶବଦାହ କରାଯାଇଛି । ଗୁରୁତର ପରିବାର ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବା ବେଳେ ଶନିବାର ଦିନ ରେଡ଼କ୍ରସ ପାଣ୍ଠିରୁ ୨୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା ।

### ପାଣି ଭଳି ଟଙ୍କା ଖର୍ଚ୍ଚ କରିଛି ବିଏମ୍‌ସି

## ଭିଜିଲାନ୍ସ ତଦନ୍ତ ଦାବିକଲେ ଓକିଲ ସଂଘ ସଭାପତି



**ବ୍ରହ୍ମପୁର,୪।୮ (ସଂଚାର ବ୍ୟୁରୋ):** ଆବାସ ଓ କାର୍ଯ୍ୟାଳୟ ମରାମତି ନାରେ ଲକ୍ଷାଧିକ ଟଙ୍କା ବ୍ରହ୍ମପୁର ମହାନଗର ନିଗମ ଖର୍ଚ୍ଚ କରିଥିବା ତଥ୍ୟ ସାମ୍ନାକୁ ଆସିଥିବା ବେଳେ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କୁ ଏତଲା ଦେବା ସହ ଦାବି ଜଣାଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ।

ସେ କହିଛନ୍ତି, ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଖବର କାଗଜ ଗୁଡିକରେ ଯେଉଁ ଖବର ସବୁ ପ୍ରକାଶିତ ହୋଇଥିଲା ତାହା ବ୍ରହ୍ମପୁରବାସୀଙ୍କୁ ବିସ୍ମିତ କରିଛି। ବିଏମସି ପ୍ରଶାସନ ଏନେଇ କୌଣସି ଶ୍ୱେତପତ୍ର ପ୍ରକାଶ କରିନାହିଁ। ତେଣୁ ତୁରନ୍ତ ଖର୍ଚ୍ଚର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଖବର ପ୍ରକାରେ ଗତ ୫ ବର୍ଷ ମଧ୍ୟରେ କମିଶନରଙ୍କ ସରକାରୀ ଆବାସ, ନୂତନ ନିର୍ମାଣ,ମରାମତି ତଥା ଉଭୟ କୋଠାକୁ ସୁନ୍ଦର କରିବା ପାଇଁ ୨ କୋଟି ୩୪ ଲକ୍ଷ ୨୨ ହଜାର ୨୬୦ ଟଙ୍କା ବିଏମସି ଖର୍ଚ୍ଚ କରିଥିବା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଥିଲା। ଯେଉଁଥିରେ କେବଳ କମିଶନରଙ୍କ ସରକାରୀ ଆବାସକୁ ସୁନ୍ଦର ଓ ମରାମତି ବାବଦକୁ ଖର୍ଚ୍ଚ ହୋଇଛି ୧୧,୮୯,୯୮୦ ଟଙ୍କା। ଗୋଟିଏ ଏସି ପାଇଁ ୧,୦୯,୯୮୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଉକ୍ତ ବାସଭବନର ଖୋଲା ଜମିର ଉନ୍ନତି ପାଇଁ ୨,୪୫,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି କାର୍ଯ୍ୟାଳୟର ପାଇଖାନା ମରାମତି ବାବଦକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ, ସମ୍ମିଳନୀ କକ୍ଷ ପାଇଁ ୨ କୋଟି ଏବଂ କାଠ କାମ ପାଇଁ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହୋଇଥିଲା। ବିକାଶ କାର୍ଯ୍ୟ ପାଇଁ ଅର୍ଥାଭାବ ଥିବା ବେଳେ ଲୋକଙ୍କ ଟଙ୍କାକୁ ମହାନଗର ନିଗମ ଯେଉଁଭଳି ଖର୍ଚ୍ଚ କରିଛି ତାକୁ ନେଇ ପ୍ରଶ୍ନ ଉଠିଥିଲା।

## ସାମ୍ବାଦିକଙ୍କୁ ଆକ୍ରମଣ: ଅଭିଯୁକ୍ତକୁ ଗିରଫ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ଖୋର୍ଦ୍ଧା,୪।୮ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଦିଲ୍ଲୀପ ସ୍ୱାଇଁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ଖବର ପରିବେଷଣକୁ ନେଇ କିଛି ସ୍ଥାନୀୟ ଯୁବକ ଏକାଠି ହୋଇ ଦିଲ୍ଲୀପକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ଘଟିବାର ଚାରିଦିନ ପରେ ମୁଖ୍ୟ ଆସାମୀ ବାହାରେ ବୁଲୁଛନ୍ତି। ପ୍ରତିଦିନ ବିଭିନ୍ନ ସ୍ଥାନରେ ସାମ୍ବାଦିକ ଆକ୍ରମଣର ଶିକାର ହେଉଛନ୍ତି। ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଓୟୁଜେ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

ତତସହିତ ଖୋର୍ଦ୍ଧାରେ ନୂତନ ଜିଲ୍ଲାପାଳ ଭାବେ ଯୋଗଦେଇଥିବା ଅମୃତ ଋତୁରାଜଙ୍କୁ ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଫୁଲତୋଡା ଓ ଉପଢୌକନ ସହ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମା ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ରୁପେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ସାମ୍ବାଦିକ ମାନଙ୍କ ଉପରେ ବାରମ୍ବାର ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହିତ ଆସନ୍ତା ବିଧାନସଭା ଅଧିବେଶନରେ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ସୟଦ ଅନସର ଅଲ୍ଲୀ ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ।

## ଆହାର କେନ୍ଦ୍ରର ଶୁଭାରମ୍ଭ କଲେ ବିଧାୟକ



**ବ୍ରହ୍ମପୁର,୪।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରର କେନ୍ଦ୍ର ସ୍ଥଳି ପୁରୁଣା ବସଷ୍ଟାଣ୍ଡରେ ନିର୍ମିତ ଆହାର କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି ବିଧାୟକ କେ.ଅନିଲ କୁମାର । ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ, କମିଶନର ପ୍ରଥମେସ ଅରବିନ୍ଦ ରାଜସିର୍କେ ଉପସ୍ଥିତ ଥିଲେ। ପୁରୁଣା ବସଷ୍ଟାଣ୍ଡରେ ସାଧାରଣ ଯାତ୍ରୀଙ୍କ ପାଇଁ ପୂର୍ବରୁ ନିର୍ମିତ ହୋଇଥିବା ଆହାର କେନ୍ଦ୍ର ସ୍ଥାନରେ କାର ପାର୍କିଂ ପାଇଁ ମଲ୍ଟି ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନିର୍ମାଣାଧୀନ ରହିଛି । ଫଳରେ ସେହି ସ୍ଥାନରେ ଥିବା ଅସ୍ଥାୟୀ ଭାବେ ଆହାର କେନ୍ଦ୍ରଟି ଚାଲୁ ରହିଥିଲା । ତେବେ ଲୋକଙ୍କ ଆହାର କେନ୍ଦ୍ରକୁ ଯିବା ଆସିବାରେ ଅସୁବିଧା ହେବା ଅଭିଯୋଗ ପରେ ପୁରାତନ ଆହାର କେନ୍ଦ୍ରକୁ ମଲ୍ଟି କାର ପାର୍କିଂ କମ୍ପ୍ଲେକ୍ସ ବାହାରକୁ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ଆହାର କେନ୍ଦ୍ରଟି ରାସ୍ତା କଡ଼ରେ ନିର୍ମାଣ ହେବା ଫଳରେ ଅଧିକରୁ ଅଧିକ ଆହାର କେନ୍ଦ୍ରର ସୁବିଧା ପାଇପାରିବେ ବୋଲି ବିଧାୟକ କେ.ଅନିଲ କୁମାର ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ବାଲକୃଷ୍ଣ ସାମନ୍ତରାଙ୍କ ସମେତ ବହୁ କର୍ପୋରେଟର ଅଂଶ ଗ୍ରହଣ କରିଥିଲେ।

## ସ୍ୱାଭିମାନ ଫାଉଣ୍ଡେସନ ପକ୍ଷରୁ ସ୍ୱାଭିମାନ ସମ୍ମାନ ପ୍ରଦାନ




**ବାଲିଅନ୍ତା,୪।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଳକାଟି ସ୍ଥିତ ନିର୍ମାଣ ଏଜୁକେସାନ ଟ୍ରଷ୍ଟ ଅଡିଟରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ସ୍ୱାଭିମାନ ଫାଉଣ୍ଡେସନ୍ ଟ୍ରଷ୍ଟ ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସ୍ୱାଭିମାନ ସମ୍ମାନ ୨୦୨୫" ଓ ମା ପାଇଁ ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଛାତ୍ର ଛାତ୍ରୀ ମାନେ ଆଗାମୀ ଭବିଷ୍ୟତ ନିଶାମୁକ୍ତ ଓ ସୁସ୍ଥ ସମାଜ ପାଇଁ କାର୍ଯ୍ୟ କରିବା ନେଇ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଦୀନବନ୍ଧୁ ଭୋଇ ତାଙ୍କ ଅଭିଭାଷଣରେ ସମାଜରେ ସମାନତା, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନତା ସୃଷ୍ଟି ହେଲେ ରାଜ୍ୟ ଓ ଦେଶର ବିକାଶ ଘଟିବ। ଯୁବସମାଜ ସେବୀ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଗୋ ସେବା ପାଇଁ କାର୍ଯ୍ୟରତ ଯୁବସମାଜସେବୀ ଦୀପକ ସ୍ୱାଇଁଙ୍କୁ ସ୍ୱାଭିମାନ ସମ୍ମାନ -୨୦୨୫ ପ୍ରଦାନ କରାଯାଇଥିଲା । ଶେଷରେ ଯୁବ ସମାଜସେବୀ ଗୋପାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରଳ ହେଉନି ଚାଷୀ ପଞ୍ଜିକରଣ ବ୍ୟବସ୍ଥା

### ଘୋଷଣାରେ ଅଟକିଛି 'ସ୍ୱଘୋଷଣା ପତ୍ର' ନିୟମ

### ବଂଶାନୁକ୍ରମ ପ୍ରମାଣ ପତ୍ର ଦେବାରେ କୁଣ୍ଠକୁଣ୍ଠ ଆରଆଇ



**କାକଟପୁର/ଅସ୍ତରଙ୍ଗ,୪।୮ (ସଂଚାର ବ୍ୟୁରୋ):** ଚାଷୀ ପଞ୍ଜିକରଣ ଜଟିଳ ବ୍ୟବସ୍ଥାକୁ ସରଳ କରିବାକୁ ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ନାହିଁ। କେବଳ ସ୍ୱଘୋଷଣା ପତ୍ର (ସେଲ୍ଫ ଡିକ୍ଲାରେସନ ଫର୍ମ) ଦେଇ ପଞ୍ଜିକରଣ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ବିଭାଗୀୟ ଚିଠି ହୋଇ ନଥିବାରୁ ଯେଉଁ ଭଳି ସମସ୍ୟା ଲାଗି ରହିଥିଲା ସେଥିରେ ସୁଧାର ଆସିପାରିନାହିଁ। ଓଲଟି ଘୋଷଣା ଓ ବାସ୍ତବତା ଭିତରେ ଚାଷୀଙ୍କ ଠାରୁ ଅଧିକାରୀ ଦହଗଞ୍ଜ ହେଉଛନ୍ତି। ଏବେ ବି ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ପଡୁଛି। ରାଜସ୍ୱ ନିରୀକ୍ଷକ (ଆର ଆଇ ) ଏହା ତୁରନ୍ତ ଦେବାରେ କୁଣ୍ଠକୁଣ୍ଠ ହେଉଥିବା ଅଭିଯୋଗ ହୋଇ ଆସୁଛି। ଯାହା ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମଙ୍ଗଳବାର ତଥ୍ୟ ଅନୁଯାୟୀ ୧୨୯ଜଣ ଚାଷୀଙ୍କ ପଞ୍ଜିକରଣ ହୋଇପାରିଛି। ସ୍ୱଘୋଷଣା ପତ୍ର ନିୟମ କେବେ ଲାଗୁ ହେବ ଚାଷୀ ଅପେକ୍ଷାରେ ରହିଛନ୍ତି।

ଚଳିତ ବର୍ଷ ଜମିର ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଯାହା ଫଳରେ ଭାଇ ଭାଇ ବିବାଦ ଓ ଭଉଣୀଙ୍କ ଅନୁମତି ପାଇଁ ଚାଷୀ ନାକେଦମ୍ ହେଉଛନ୍ତି। ଭାଇ ବାହାରେ ରହୁଥିଲେ ହ୍ୱାଟ୍ସଅପରେ ଫର୍ମ ପଠାଇବାକୁ ପଡୁଛି। ସେ ସେଠାରେ ପୂରଣ କରି ପଠାଇବା ପରେ ଚାଷୀ ଦାଖଲ କରି ପଞ୍ଜିକରଣ କରୁଛି। ଯଦି କୌଣସି ଭାଇ ବା ଭଉଣୀ ଅନୁମତି ନ ଦେଲେ ପଞ୍ଜିକରଣ କରିବା ଚାଷୀ ପାଇଁ ଅସମ୍ଭବ ହୋଇପଡୁଛି। ଚାଷ ସମୟରେ ଚାଷୀ ଆରଆଇଙ୍କ ପାଖକୁ ଧାଇଁବା ଓ ଅନୁମତିପତ୍ର ସଂଗ୍ରହ କରି ପଞ୍ଜିକରଣ କରିବା ଚାଷ କାମରେ ବାଧା ସୃଷ୍ଟି ହେଉଛି। ଏ ସମ୍ପର୍କରେ ପୂର୍ବରୁ ଖବର ପ୍ରକାଶ ପାଇବା ପରେ ସରକାର ଏହାକୁ ସରଳିକରଣ କରିଥିବା ଘୋଷଣା କରିଛନ୍ତି। ଚାଷୀ କେବଳ ସ୍ୱ ଘୋଷଣା ପତ୍ର ଦେଇ ପଞ୍ଜିକରଣ କରିବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

ହେଲେ ଏ ପର୍ଯ୍ୟନ୍ତ କିନ୍ତୁ ବିଭାଗ ପକ୍ଷରୁ ଚିଠି କରାଯାଇ ନାହିଁ। ଯାହା ଫଳରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଅନ୍ୟ ପକ୍ଷରେ ବଂଶାନୁକ୍ରମ ପ୍ରମାଣପତ୍ର ଦେବାରେ ଅନେକ ସ୍ଥାନରେ ଆରଆଇ ମାନେ ବିଳମ୍ବ କରୁଛନ୍ତି। ଫଳରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ବଂଶାନୁକ୍ରମ ପ୍ରମାଣପତ୍ର କିଭଳି ଶୀଘ୍ର ମିଳି ପାରିବ ସେ ନେଇ ଜିଲ୍ଲାସ୍ତରୀୟ ଅଧିକାରୀ ସମୀକ୍ଷା କରିବା ଜରୁରୀ।

## ନଦୀବନ୍ଧ ତଳକୁ ଓଲଟିଲା ପିଡିଏସ୍ ବୋଝେଇ ଟ୍ରକ

**ନାଉଗାଁ,୪।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକକୁ ଆସୁଥିବା ପିଡିଏସ୍ ସାମଗ୍ରୀ ବାଟମାରଣା ହେଉଥିବା ଶୁଣିବାକୁ ମିଳୁଛି। ଜନୈକ ଠିକାଦାର ପିଡିଏସ ସାମଗ୍ରୀ ଗୋଦାମରୁ ଆଣି ରିଟେଲ ପଏଣ୍ଟକୁ ଆଣୁଥିବା ସମୟରେ ଅଧା ବାଟରେ ବାଟମାରଣା କରାଯାଉଥିବା ଅଭିଯୋଗ ହେଉଛି। ଯାହାଫଳରେ ସାମଗ୍ରୀ ରିଟେଲ ପଏଣ୍ଟରେ ପହଞ୍ଚିଲା ବେଳକୁ ପ୍ରତି ବସ୍ତାରେ ୨ରୁ ୪ କିଲୋ ସାମଗ୍ରୀ କମ୍ ରହୁଛି। ସବୁଠାରୁ ବଡ଼ କଥା ସଂପୃକ୍ତ ଠିକାଦାର ବ୍ଲକ ଅଞ୍ଚଳକୁ ସାମଗ୍ରୀ ଆଣି ଆସୁଥିବା ବେଳେ ସ୍ଥାନୀୟ ଯୋଗାଣ ନିରୀକ୍ଷଣଙ୍କୁ ସୂଚନା ଦେଉନଥିବା ଜଣାଯାଇଛି। ସଂପୃକ୍ତ ଠିକାଦାର ହେଉଛନ୍ତି ବାଲିକୁଦା ବ୍ଲକର ଅକ୍ଷୟ ରାୟ। ହେଲେ ସୋମବାର ସନ୍ଧ୍ୟାରେ ସାମଗ୍ରୀ ଗୋଟିଏ ରିଟେଲ ପଂଏଟରୁ ଅନ୍ୟ ଏକ ରିଟେଲ ପଂଏଟକୁ ନେଉଥିବା ବେଳେ ସାମଗ୍ରୀ ବୋଝେଇ ଟ୍ରକଟି ନଦୀବନ୍ଧ ତଳକୁ ଓଲଟି ପଡ଼ିଥିବା ଜଣାଯାଇଛି।



ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ଏକ ଟ୍ରକ ବୋଝେଇ ଗହମ ବଛଲୋ ଗ୍ରାମରୁ ଦେବୀ ନଦୀ ବନ୍ଧ ଦେଇ ବିଲିପଡା ଗ୍ରାମ ଆଡ଼କୁ ଯାଉଥିଲା। ବନ୍ଧରେ ଯାଉଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ନଦୀବନ୍ଧ ତଳକୁ ଓଲଟି ପଡ଼ିଥିଲା। ସରକାରୀ ନିୟମ ଅନୁସାରେ ପିଡିଏସ ପରିବହନ କରୁଥିବା ଗାଡି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ରୁଟ୍ ଚାଟ ଅନୁସାରେ ପିଡିଏସ ସାମଗ୍ରୀ ଗୋଟିଏ ପଂଏଟରୁ ଅନ୍ୟ ଏକ ପଂଏଟ କୁ ଯିବ। ଗାଡି ଗୋଦାମରୁ ବାହାରିବା ପୂର୍ବରୁ ବ୍ଲକର ଯୋଗାଣ ନିରୀକ୍ଷକଙ୍କୁ ସୂଚନା ପ୍ରଦାନ କରାଯିବ। ଯାହା ଦ୍ୱାରା ଯୋଗାଣ ନିରୀକ୍ଷଣଙ୍କ ଉପସ୍ଥିତରେ ସାମଗ୍ରୀ ରିଟେଲ ପଂଏଟରେ ଅନଲୋଡ କରାଯିବ। ଏତଦ୍ ବ୍ୟତୀତ ରାତ୍ରୀରେ ପିଡିଏସ ଗାଡି ସାମଗ୍ରୀ ନେଇ ପରିବହନ କରିପାରିବ ନାହିଁ। ହେଲେ ଆଜି ସଂଧାରେ ଯୋଗାଣ ନିରୀକ୍ଷକଙ୍କ ଅଜାଣତରେ କିପରି ନଦୀବନ୍ଧ ଉପରେ ପିଡିଏସ୍ ସାମଗ୍ରୀ ବୋଝେଇ ଟ୍ରକ କୁଆଡେ ଏବଂ କେଉଁ ଡିଲର୍ ପଏଣ୍ଟ କୁ ଯାଉଥିଲା ତାହା ତଦନ୍ତ ସାପେକ୍ଷ।

### ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

## କାକଟପୁରରେ ଯୋଗଦେବେ ବସନ୍ତ କୁମାର ସାହୁ

**କାକଟପୁର/ଅସ୍ତରଙ୍ଗ,୪।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। କାକଟପୁର ଥାନା ଅଧିକାରୀ ଥିବା ଇନିସ୍ପେକ୍ଟର ଉମେଶ କୁମାର ସାହୁ ଙ୍କୁ ଖୋର୍ଦ୍ଧା ଜିଲ୍ଲାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଯୋଗଦେବେ ରାମଚଣ୍ଡୀ ଥାନାର ଥାନାଅଧିକାରୀ।

ଖବର ମୁତାବକ ପୁରୀ ଏସ୍ପିଙ୍କ କାର୍ଯ୍ୟାଳୟରୁ ଅର୍ଡର ନମ୍ବର ୨୨୨୮ ତା ୩ଅଗଷ୍ଟ ୨୦୨୫ଅନୁଯାୟୀ ରାମଚଣ୍ଡୀ ଥାନା ଅଧିକାରୀ ଇନିସ୍ପେକ୍ଟର ବସନ୍ତ କୁମାର ସାହୁଙ୍କୁ କାକଟପୁର ଥାନାକୁ ବଦଳି ହୋଇଛି। ଖୁବଶୀଘ୍ର କାର୍ଯ୍ୟରେ କାକଟପୁର ଥାନାରେ ଯୋଗଦେବେ ବୋଲି ନୂତନ ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।



# ସୁଭଦ୍ରା ହିତାଧିକାରୀଙ୍କ ସହ କଥାହେଲେ ଉପମୁଖ୍ୟମନ୍ତ୍ରୀ

- ପରସ୍ପର ସହଯୋଗରେ ଆଗକୁ ବଢ଼ିବାକୁ ଆହ୍ୱାନ
- ଚିଠି ଲେଖି ହିତାଧିକାରୀ ଦେଇପାରିବେ ପରାମର୍ଶ




**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ସୁଭଦ୍ରା ହିତାଧିକାରୀମାନଙ୍କ ସହ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତ ଜିଲ୍ଲାର ସୁଭଦ୍ରା ହିତାଧିକାରୀମାନଙ୍କ ସହ ଆଭାସୀ ମାଧ୍ୟମରେ କଥା ହୋଇ ସୁଭଦ୍ରା ସହାୟତାର ଉପଯୋଗ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଗାଁ ଅର୍ଥନୀତି ଓ ଗାଁରେ ଡିଜିଟାଲାଇଜେସନ ସୁଦୃଢ଼ ହୋଇପାରୁଛି ବୋଲି ଶ୍ରୀମତୀ ପରିଡ଼ା ମତ ବ୍ୟକ୍ତ କରିଛନ୍ତି। ଓଡ଼ିଶାର ମହିଳାମାନେ ପରସ୍ପରକୁ ସାହାଯ୍ୟ କରି ଶୃଙ୍ଖଳ ଅର୍ଥାତ୍ ଭାଲ୍ୟୁ ଆଡେଡ୍ ଚେନ୍ ମାଧ୍ୟମରେ ଉନ୍ନତି ପଥରେ ଅଗ୍ରସର ହେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବୀ କରିବା ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ। ଆଜି ମହିଳାମାନେ ନିଜ ସ୍ୱପ୍ନ ପୂରଣ କରିବାର ସୁଯୋଗ ପାଉଛନ୍ତି। ଯୋଜନାକୁ ଆହୁରି ଫଳପ୍ରଦ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ କିମ୍ବା ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୁଭଦ୍ରା ହିତାଧିକାରୀମାନେ ସେମାନଙ୍କର ସୁଚିନ୍ତିତ ପରାମର୍ଶ ଦେଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀମାନେ ଉପମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ସମୟରେ ସେମାନଙ୍କ ଉଦ୍ୟମିତା କାହାଣୀ ବିଷୟରେ ଆଲୋଚନା କରିଥିଲେ। ମାଲକାନଗିରି ଜିଲ୍ଲାର ମେରି ହରିଜନ ସୁଭଦ୍ରା ସହାୟତା ଉପଯୋଗ ମାଧ୍ୟମରେ ସିଲେଇ କରି ସ୍ୱାବଲମ୍ବୀ ହୋଇଥିବା ବେଳେ ବାଲେଶ୍ୱରର ସରସ୍ୱତୀ ଜେନା ମଧ୍ୟ ବିଉଟି ପାର୍ଲର ଚଳାଉଛନ୍ତି। ଏହାଛଡ଼ା ଖୋର୍ଦ୍ଧା ଜିଲ୍ଲାର ମମତା ପଟ୍ଟନାୟକ ଚାନ୍ଦୁଆ କାମ ଆରମ୍ଭ କରିଥିବା ବେଳେ ବଲାଙ୍ଗୀରର ପ୍ରମିଳା ତାଣ୍ଡି ଶାଢ଼ୀବୁଣା ମାଧ୍ୟମରେ ଦି' ପଇସା ରୋଜଗାର କରିପାରୁଛନ୍ତି। କିଏ ଛତୁ ଚାଷ କରୁଛି ତ ଆଉ କିଏ ଜଳଖିଆ ଦୋକାନ କରି ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। ଏହିପରି ଭାବେ ଜିଲ୍ଲାର ସୁଭଦ୍ରା ହିତାଧିକାରୀମାନେ ନିଜ ନିଜର ଉଦ୍ୟମିତା କାହାଣୀ ବଖାଣିଥିଲେ। ଏହିସବୁ କାର୍ଯ୍ୟ କରି ସୁଭଦ୍ରା ହିତାଧିକାରୀମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରୁଥିବାରୁ ଏନେଇ ଉପମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ଆଗକୁ ବଢ଼ିବା ସକାଶେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆନ୍ଧ୍ରରେ ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଜନ୍ମମାଟିରେ ପହଞ୍ଚିଲା ଦାଦନଙ୍କ ମୃତଦେହ



**ଗଞ୍ଜାମ,୪।୮(ସଂଚାର ବ୍ୟୁରୋ):** ଶେଷରେ ଜନ୍ମମାଟିରେ ପହଞ୍ଚିଛି ଦାଦନଙ୍କ ମୃତଦେହ। ଅପରାହ୍ନରେ ଗାଁରେ ମୃତଦେହ ପହଞ୍ଚିବା ପରେ ଗାଁରେ ଖେଳିଯାଇଥିଲା ଶୋକାର ଛାୟା। କାନ୍ଦ ବୋବାଳିରେ କମ୍ପୁଛି ପୁରା ଗାଁ। ଆନ୍ଧ୍ର ପ୍ରଦେଶ ବାଲିକୁରମା ଠାରେ ଏକ ପଥର କୁଆଁରିରେ ହୋଇଥିବା ଅଘଟଣରେ ମୃତ ବ୍ୟକ୍ତିଙ୍କ ମୃତଦେହ ଆଜି ନିଜ ଜନ୍ମମାଟିରେ ପହଞ୍ଚିଛି । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୃତକଙ୍କ ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ଦିଗପହଣ୍ଡି ବ୍ଲକର ଚଷା ନିମଖଣ୍ଡିର ଦଣ୍ଡପାଣି ବାଡତ୍ୟା ଓ ବାଙ୍ଗରଡା ଗାଁର ବନମାଳୀ ବେହେରା ରୋଜଗାର କରିବା ପାଇଁ ଆନ୍ଧ୍ର ପ୍ରଦେଶର ବାଲିକୁରମା ଅଞ୍ଚଳକୁ ଯାଇଥିଲେ । ଗତକାଲି ବାଲିକୁରମା ଠାରେ ଥିବା ପଥର କୁଆଁରିରେ କାମ କରିବା ସମୟରେ ଅଘଟଣ ହେବା ଫଳରେ ବନମାଳୀ ଓ ଦଣ୍ଡପାଣିଙ୍କ ମୃତ୍ୟୁ ହୋଇଥିଲା।

ସେହିପରି ଧରାକୋଟ ଅଞ୍ଚଳର ଭାସ୍କର ବିଷୋୟୀ ଓ ସନ୍ତୋଷ ଗୌଡ଼, ଗଜପତି ମୋହନା ଅଞ୍ଚଳର ଟୁକୁନା ଦଳେଇ ଓ ମୁସା ଜେନା ମଧ୍ୟ ସେହି ପଥର କୁଆଁରିରେ କାମ କରୁଥିବା ବେଳେ ମୃତ୍ୟୁ ହୋଇଛି । ଅଘଟଣ ଘଟିବା ପରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ତିନି ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଗଞ୍ଜାମ ଓ ଗଜପତିର ମୋଟ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତଦେହକୁ ନେଇ ଗଞ୍ଜାମ ଅଭିମୁଖେ ବାହାରିଥିଲା ଟିମ । ପ୍ରଥମେ ଦିଗପହଣ୍ଡି ମେଡିକାଲରେ ପହଞ୍ଚିବା ପରେ ସେଠାରେ ଗଜପତି ଜିଲ୍ଲା ମୋହନା ସ୍ଥାନୀୟ ପ୍ରଶାସନକୁ ଦୁଇଟି ମୃତଦେହ ହସ୍ତାନ୍ତର କରାଯାଇଥିଲା । ଏହାପରେ ଧରାକୋଟର ପ୍ରଶାସନକୁ ଦୁଇଟି ଓ ଦିଗପହଣ୍ଡି ପ୍ରଶାସନକୁ ଦୁଇଟି ମୃତଦେହ ପ୍ରଦାନ କରାଯାଇଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇ ବିଭିନ୍ନ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେପଟେ ବନମାଳୀଙ୍କ ସହ ଅନ୍ୟ ମୃତକମାନେ ପଞ୍ଜିକରଣ କରି ଯାଇଥିଲେ ନା କୌଣସି ଦଲାଲଙ୍କ ଜରିଆରେ ଆନ୍ଧ୍ରକୁ କାମ କରିବାକୁ ଯାଇଥିଲେ ସେ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି ଶ୍ରମ ବିଭାଗର ଡିଭିଜନାଲ କମିଶନର। ଆଜି ଅପରାହ୍ନ ୨ଟାରେ ବନମାଳୀଙ୍କ ମୃତଦେହ ବାଙ୍ଗରଡା ଗାଁରେ ପହଞ୍ଚିଥିଲା। ଏହାପରେ ଗାଁରେ ପହଞ୍ଚିଥିଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଦୁଇ ମନ୍ତ୍ରୀ ମୃତକ ବନମାଳୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଦୁଃଖ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କିଭଳି ଘଟଣା ଘଟିଲା ସେ ନେଇ ତଦନ୍ତ କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତାକୁ ଛାଡ଼ିଦେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ସମୟରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଦୁଇ ମନ୍ତ୍ରୀ ।

# ଫାଷ୍ଟଫୁଡ ଦୋକାନୀଙ୍କ ମୃତଦେହ ଉଦ୍ଧାର



**ହିନ୍ଦୋଳ,୪।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଅଞ୍ଚଳରେ ଜନୈକ ଫାଷ୍ଟଫୁଡ଼ ଦୋକାନୀଙ୍କର ମୃତ୍ୟୁ ହୋଇଥିବା ବେଳେ ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନାଦି ସନ୍ଦେହ ସୃଷ୍ଟି କରିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ତେବେ ଏପରି ଏକ ଅଘଟଣରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଫାଷ୍ଟ୍ ଫୁଡ୍ ଦୋକାନୀ ଜଣଙ୍କ ଘରର ଏକମାତ୍ର ରୋଜଗାରିଆ ସଦସ୍ୟ ହୋଇଥିବାରୁ ତାଙ୍କ ମୃତ୍ୟୁରେ ପତ୍ନୀ ପୁରାପୁରି ଭାଙ୍ଗିପଡ଼ିଛନ୍ତି। ତାଙ୍କର ବାପା ଭାଇ କେହି ବି ନ ଥିବାରୁ ସେ କିପରି ଚଳିବେ ବୋଲି ବାହୁନି ବାହୁନି କାନ୍ଦୁଥିବା ସମୟରେ ପରିବେଶ କାରୁଣ୍ୟମୟ ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ କୁରୁମିଠାରେ ହିନ୍ଦୋଳ ବ୍ଲକ ମହାଲୁଣ୍ଡା ପଞ୍ଚାୟତ ବାଲିମୀ ଥାନା ଅନ୍ତର୍ଗତ କନ୍ତାମିଲା ଗ୍ରାମର ୨୮ ବର୍ଷୀୟ ସୁଶାନ୍ତ ପ୍ରଧାନ ମହିଧରପୁରଠାରେ ଏକ ଫାଷ୍ଟଫୁଡ ଦୋକାନ କରି ଜୀବିକା ନିର୍ବାହ କରିଆସୁଥିଲେ। ତେବେ ଆଜି ସକାଳେ ତାଙ୍କ ମୃତଦେହ ପୁରୁଣା କଟକ ସମ୍ବଲପୁର ରାସ୍ତାର କୁରୁମିଠାଠାରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଏନେଇ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ। ତେବେ ସୁଶାନ୍ତ ଗତ ରାତିରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଘଟଣାସ୍ଥଳରେ ହିନ୍ଦୋଳ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତ ପରେ ସୁଶାନ୍ତଙ୍କ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ହିନ୍ଦୋଳ ଏସଡିପିଓ ପ୍ରକାଶ କରିଛନ୍ତି।

### ଗଭୀର ସମୁଦ୍ରରେ ମତ୍ସ୍ୟଜୀବୀ ନିଖୋଜ ଘଟଣା

# ଗୁରୁତର ଅବସ୍ଥାରେ ଦୁଇ ଉଦ୍ଧାର

**ପ୍ରଶାସନ ପକ୍ଷରୁ ସର୍ଚ୍ଚ ଅପରେସନ ଜୋରଦାର**





**ବାଲିଆପାଳ,୪।୮(ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ଚୌମୁଖ ପଞ୍ଚାୟତ କଙ୍କଡାପାଳ ମୁହାଣକୁ ମାଛ ମାରିବାକୁ ଯନ୍ତ୍ରଚାଳିତ ଡଙ୍ଗାରେ ଯାଇ ନିଖୋଜ ହୋଇଯାଇଥିବା ୪ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଆଜି ଅପରାହ୍ନରେ ୨ ଜଣଙ୍କୁ ପଶ୍ଚିମବଙ୍ଗ ଦୀଘା ଓ ସୁନ୍ଦରବନ ଅଞ୍ଚଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଥିସହ ଅନ୍ୟ ଦୁଇ ଜଣଙ୍କୁ ଠାବ କରିବା ସକାଶେ ପ୍ରଶାସନ ପକ୍ଷରୁ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ଉଦ୍ଧାର ହୋଇଥିବା ଦୁଇ ଜଣ ମତ୍ସ୍ୟଜୀବୀ ହେଲେ ଡଙ୍ଗା ମାଲିକ ମଧୁସୂଦନ ଗିରିଙ୍କ ଶାଳକ ଚୌମୁଖ ଗ୍ରାମର ଅର୍ଜୁନ ପାଳଙ୍କ ପୁଅ ଜଗନ୍ନାଥ ଓ ମଧୁସୂଦନ ଗିରି। ଉଭୟ ଗୁରୁତର ଅବସ୍ଥାରେ ଭାସୁଥିବା ସମୟରେ ସେମାନଙ୍କୁ ଏକ ଟ୍ରଲର୍‌ରେ ଯାଉଥିବା କେତେକ ବ୍ୟକ୍ତି ଉଦ୍ଧାର କରି ଦୀଘା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି ଏବେ ବି ମଧୁସୂଦନଙ୍କ ବାପା ଗୋପାଳ ଗିରି (୬୦) ଓ ବଡ଼ଭାଇ ରବୀନ୍ଦ୍ର (୩୮) ନିଖୋଜ ଅଛନ୍ତି। ଘଟଣା ସମ୍ପର୍କରେ ଚିକିତ୍ସାଧୀନ ଥିବା ଜଗନ୍ନାଥ କହିଛନ୍ତି ଯେ ସେମାନେ ମାଛ ମାରିବାକୁ ଗତ ଶନିବାର ସକାଳେ ଯାଇଥିବା ସମୟରେ ହଠାତ୍ ସେମାନଙ୍କ ଡଙ୍ଗାଟି ସୁଅ ମୁହଁରେ ପଡ଼ିବାରୁ ଗଭୀର ସମୁଦ୍ରକୁ ଚାଲିଯାଇଥିଲା। ତେଣୁ ସେମାନେ ସମସ୍ତେ ଜୀବନ ବଞ୍ଚାଇବା ପାଇଁ ଜାଲକୁ ଧରି କିଛି ସମୟ ପାଇଁ ଥିଲେ। ତେବେ ପରେ ତାଙ୍କର ମଉସା ଗୋପାଳ ଚେତାଶୂନ୍ୟ ହୋଇ ପ୍ରଥମେ ଭାସିଯାଇଥିଲେ। ସେମାନେ ତାଳସାରୀ ପଟେ ଭାସି ଭାସି ଚାଲୁଥିବା ତେବେ କିଛି ସମୟ ପରେ ରବୀନ୍ଦ୍ର ଏବଂ ଜଗନ୍ନାଥ ଗୋପାଳଠାରୁ ଅଲଗା ହୋଇଯାଇଥିଲେ। ଗୋପାଳ ଏବଂ ରବୀନ୍ଦ୍ର କୂଳ ଆଡ଼େ ଭାସି ଭାସି ଯାଉଥିବା ବେଳେ ଜଗନ୍ନାଥ ସେମାନଙ୍କ ଠାରୁ ଅଲଗା ହୋଇ ଦୀଘାରୁ ଏକ ଟ୍ରଲର ତାଙ୍କୁ ଉଦ୍ଧାର କରିଥିଲା । ଏବେ ବି ଗୋପାଳ ଏବଂ ରବୀନ୍ଦ୍ର ଜୀବିତ ଥିବା ତାଙ୍କର ବିଶ୍ୱାସ ବୋଲି ସୂଚନା ଦେଇଛନ୍ତି । ତେବେ ଆଜି ସକାଳ ଠାରୁ ପ୍ରଶାସନବ ପକ୍ଷରୁ ଡ୍ରୋନ , ମେରାଇନ ପୋଲିସ,ସ୍ଥାନୀୟ ମତ୍ସ୍ୟଜୀବୀ ସମେତ ବିଭିନ୍ନ କୌଶଳରେ ସେମାନଙ୍କୁ ଖୋଜା ଖୋଜି ଚାଲିଛି । ଜଗନ୍ନାଥଙ୍କ ଠାରୁ ସୂଚନା ପାଇବା ପରେ ପ୍ରଶାସନ ପକ୍ଷରୁ ଆଜି ରାତ୍ରୀ ସାରା ସର୍ଚ୍ଚ ଅପରେସନ ଜାରି ରହିବ ବୋଲି ଘଟଣା ସ୍ଥଳରେ ଉପସ୍ଥିତ ଥିବା ବାଲେଶ୍ୱର ଏସପି ରାଜପ୍ରସାଦ ସୂଚନା ଦେଇଛନ୍ତି ।ବସ୍ତା ବିଧାୟିକା ସୁବାସିନୀ ଜେନା , ନିଖୋଜ ମତ୍ସ୍ୟଜୀବୀଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ସହ ଆଲୋଚନା କରିଛନ୍ତି । ଉଦ୍ଧାର କାଯ୍ୟରେ ବାଲେଶ୍ୱର ଏସପି ରାଜପ୍ରସାଦ , ବାଲିଆପାଳ ଆଇଆଇସି ଗୋବିନ୍ଦ ବେହେରା,ଡେପୁଟି ଡାଇରେକ୍ଟରେ ଦିପ୍ତି କୁମାର ମହାପାତ୍ର, ବାଲିଆପାଳ ଏମଇ ୟୁନିଟ୍ ଏଫ୍ଓ କ୍ଷୀରୋଦ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାତି ତମାମ ଉଦ୍ଧାର କାଯ୍ୟ ଜାରି ରହିବ ବୋଲି ଏସପି ରାଜ ପ୍ରସାଦ କହିଛନ୍ତି।

# ସିଲିଣ୍ଡର ଗୋଟିଏ, ଅକ୍ସିଜେନ୍ ନେଉଛନ୍ତି ଦୁଇ ଶିଶୁ



**ବ୍ରହ୍ମପୁର,୪।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଏମକେସିଜିରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଦୁଇ ଜଣ ନବଜାତ ଶିଶୁଙ୍କୁ ଅକ୍ସିଜେନ୍ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଥିଲା। ବ୍ରହ୍ମପୁର ବଡ଼ ମେଡିକାଲ ଶିଶୁ ବିଭାଗର ଏସଏନସିୟୁରେ ଚିକିତ୍ସିତ ହେଉଥିଲେ ପାତ୍ରପୁର ବ୍ଲକ୍ ପଦାଦିଗୀ ଗ୍ରାମର କୌଶଲ୍ୟା ସାହୁଙ୍କ ୮ ଦିନର ଶିଶୁ ପୁତ୍ର ଏବଂ ଗଜପତି ଜିଲ୍ଲା ନୂଆଗଡ ବ୍ଲକ୍ ପଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ ଦିନର ଶିଶୁ କନ୍ୟା । ଶିଶୁ ବିଭାଗ ଅଧୀନରେ ଚିକିତ୍ସିତ ହେଉଥିବା ଶିଶୁଙ୍କୁ ସୁପର ସ୍ପେସିଆଲିଟି କୋଠାକୁ ଇକୋ ନିମନ୍ତେ ଅଣାଯାଇଥିବା ବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। । ଗତ ଦୁଇ ବର୍ଷ ପୂର୍ବେ ଏଭଳି ସମାନ ଚିତ୍ର ସାମ୍ନାକୁ ଆସିଥିଲା। ତେବେ ଗୋଟିଏ ଅକ୍ସିଜେନ୍ ସିଲିଣ୍ଡରରୁ ଦୁଇ ଶିଶୁଙ୍କୁ ଅକ୍ସିଜେନ୍ ପ୍ରଦାନ କେତେ ଯୁକ୍ତିଯୁକ୍ତ ? ଶିଶୁ ବିଭାଗ ଡାକ୍ତରଙ୍କ ଏଭଳି ନିଷ୍ପତ୍ତି ପାଇଁ ଉଭୟ ଶିଶୁ କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଭାରତୀୟ ସେନା ଉପରେ ଆପତ୍ତିଜନକ ମନ୍ତବ୍ୟ

# କ୍ଷମା ମାଗନ୍ତୁ ରାହୁଲ ଗାନ୍ଧୀ: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୪।୮ (ସଂଚାର ବ୍ୟୁରୋ) :** ଭାରତୀୟ ସେନା ଉପରେ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆପତ୍ତିଜନକ ମନ୍ତବ୍ୟ ଦେବା ଘଟଣାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଏନେଇ ରାହୁଲ ଗାନ୍ଧୀ କ୍ଷମା ମାଗିବା ଉଚିତ। ସେ ସଚ୍ଚା ଭାରତୀୟ ହୋଇଥିଲେ କେବେ ବି ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇନଥାନ୍ତେ ବୋଲି ଧର୍ମେନ୍ଦ୍ର କହି ସମାଲୋଚନା କରିଛନ୍ତି। ପ୍ରକାଶଥାଉ କି, ବିରୋଧୀ ଦଳ ନେତାଙ୍କ ଉପରେ ଦେଶର ସର୍ବୋଚ୍ଚ ଅଦାଲତ ବର୍ଷିବା ସହ ତୀବ୍ର ସମାଲୋଚନା କରିଛନ୍ତି। ଏଭଳି ଘଟଣା ଇତିହାସରେ ପ୍ରଥମ। ସେନାକୁ ଅପମାନ କରିବାରେ ରାହୁଲ ଓ କଂଗ୍ରେସର ଇତିହାସ ରହିଛି। ସେ ପ୍ରତି କଥାରେ ଆମ ବୀର ଯବାନଙ୍କ ବଳିଦାନ ଉପରେ ପ୍ରଶ୍ନ ଉଠାଉଛନ୍ତି। ରାଷ୍ଟ୍ର ପତି ସମ୍ମାନ ସେମାନଙ୍କ ମୌଳିକ ଚିନ୍ତାଧାରାରେ ନାହିଁ। ଏଭଳି ଦେଶ ବିରୋଧୀ ମାନସିକତା ଯୋଗୁଁ ସମଗ୍ର ଦେଶ ଆଘାତ ପାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏନେଇ ରାହୁଲ ଗାନ୍ଧୀ ଓ କଂଗ୍ରେସଠାରୁ କ୍ଷମା ପ୍ରାର୍ଥନ ଚାହୁଁଛୁ ବୋଲି ସେ ପ୍ରକାଶ କରିଛନ୍ତି।

### ଅନ୍ତ୍ୟୋଦୟ ଗୃହ ଯୋଜନା ପୋର୍ଟାଲର ସୁଗମ କାର୍ଯ୍ୟଦକ୍ଷତା

# ୫୭,୩୦୮ ହିତାଧିକାରୀ ପାଇଛନ୍ତି ପ୍ରଥମ କିସ୍ତି



**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଅନ୍ତ୍ୟୋଦୟ ଗୃହ ଯୋଜନା (ଏଜିଜେ) ଅଧୀନରେ ବିଭିନ୍ନ ବର୍ଗର ୫୭,୩୦୮ ଜଣ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥରାଶି ପାଇସାରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପ୍ରମୁଖ ଗ୍ରାମୀଣ ଗୃହ ନିର୍ମାଣ ପଦକ୍ଷେପର କାର୍ଯ୍ୟାନ୍ୱୟନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ପୋର୍ଟାଲର ସୁଗମ କାର୍ଯ୍ୟକ୍ଷମତା ଯୋଗୁଁ ବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ସହ ଯୋଗ୍ୟ ହିତାଧିକାରୀଙ୍କୁ ସମୟୋଚିତ ଓ ସ୍ୱଚ୍ଛ ଆର୍ଥିକ ସହାୟତା ପ୍ରଦାନ ସୁନିଶ୍ଚିତ ହୋଇଛି। ମୋଟ ୫୭,୩୦୮ ଜଣ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନା (ଏଜିଜେ) ପୋର୍ଟାଲ ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସେମାନଙ୍କର ପ୍ରଥମ କିସ୍ତି ଗୃହ ସହାୟତା ପାଇଛନ୍ତି। ଏହାଛଡ଼ା ୧,୩୬୮ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ନିର୍ମାଣ ପ୍ରଗତିର ସଫଳ ଯାଞ୍ଚ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପ୍ରଭାବଶାଳୀ ତଦାରଖ ସ୍ୱଚ୍ଛତା ଅବଲମ୍ବନରେ ସହାୟକ ହୋଇଛି। ସ୍ୱୟଂଚାଳିତ ଆଧାର-ଆଧାରିତ ପେମେଣ୍ଟ ସିଷ୍ଟମ (ଏବିପିଏସ୍) ସମନ୍ୱୟ ତ୍ରୁଟିକୁ ହ୍ରାସ କରିବା ସହ ପାଣ୍ଠି ବଣ୍ଟନକୁ ତ୍ୱରାନ୍ୱିତ କରିଛି।

ସୂଚନାଯୋଗ୍ୟ ଯେ ରାଜ୍ୟବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଣୀତ ହୋଇଥିଲା ଅନ୍ତ୍ୟୋଦୟ ଗୃହ ଯୋଜନା। ହିତାଧିକାରୀ ତାଲିକାକୁ ଆହୁରି ସମବେଶୀ କରିବା ପାଇଁ ଦିବ୍ୟଙ୍ଗ ବିଭିନ୍ନ ବର୍ଗର ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବାର ପ୍ରାବଧାନ ରହିଛି। ଏହା ମଧ୍ୟରେ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟରେ ଅଥବା ହାତୀ ଉପଦ୍ରବରେ ସମ୍ପୂର୍ଣ୍ଣ/ଭୀଷଣ ଭାବେ ପ୍ରଭାବିତ ପରିବାର, ସରକାରୀ ପ୍ରକଳ୍ପ ସ୍ଥାନାନ୍ତରଣ ଆବଶ୍ୟକ କରୁଥିବା ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବା ପରିବାର, ମୁଖ୍ୟ ଉପାର୍ଜନକାରୀ ଅତି କମ୍ ରେ ୪୦% ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ଥିବା ପରିବାର, ନାବାଳକ ସନ୍ତାନ ଥିବା ବିଧବା ମହିଳା, ପରିବାରର ମୁଖ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠରୋଗରୁ ମୁକ୍ତ, ମୁକ୍ତ ଗୋତି ଶ୍ରମିକ, ସହିଦ ପରିବାର, ଜାତୀୟ ପୁରସ୍କାରପ୍ରାପ୍ତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍, ଜଙ୍ଗଲ ଅଧିକାର ଆଇନ (ଏଫ୍ଆର୍ଏ) ହିତାଧିକାରୀ, ତୁରନ୍ତ ଗୃହ ଆବଶ୍ୟକ କରୁଥିବା ପରିବାର ରହିଛନ୍ତି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଏଜିଜେ ଯୋଜନାର ସୁଗମ କାର୍ଯ୍ୟକାରିତା ପାଇଁ ପ୍ରତିବଦ୍ଧ। ଏହାଦ୍ୱାରା ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଓ ସ୍ଥିର ଘର ନିର୍ମାଣ ପାଇଁ ଆବଶ୍ୟକ ସହାୟତା ମିଳିବ। ପୋର୍ଟାଲଟି ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ଆଗାମୀ ସପ୍ତାହଗୁଡ଼ିକରେ କାର୍ଯ୍ୟାନ୍ୱୟନର ଗତି ଆହୁରି ତ୍ୱରାନ୍ୱିତ ହେବ।

# ରେଳ ଧାରଣାରେ କଟି ଯୁବକଙ୍କ ମୃତ୍ୟୁ

**କ୍ଷତିପୂରଣ ଦାବିରେ ଧାରଣା, ଉତ୍ତେଜନା**

**ଚାନ୍ଦବାଲି,୪।୮(ସଂଚାର ବ୍ୟୁରୋ):** ଧାମରା-ଭଦ୍ରକ ରେଳ ଟ୍ରାକରେ କଟି ଯୁବକଙ୍କ ମୃତ୍ୟୁ। ମୃତକ ଯୁବକ ହେଲେ ଯଶିପୁର ପଞ୍ଚାୟତ ବଳସାହି ଗାଁର ଶଶିକାନ୍ତ ବେହେରା। କ୍ଷତିପୂରଣ ଦାବିରେ ରେଳ ଧାରଣା ଉପରେ ବସି ରହିଛନ୍ତି ଗ୍ରାମବାସୀ। ମିଳିଥିବା ସୂଚନା ମୁତାବକ, ସୋମବାର ଭୋର୍ ସମୟରେ ଶଶିକାନ୍ତ ରେଳ ଧାରଣା ପାରି ହେଉଥିବା ସମୟରେ ଅଚାନକ ଟ୍ରେନ୍ ଆସିଯିବାରୁ ସେ କଟିଯାଇଥିଲେ। ତେବେ ଏହା ପ୍ରତିବାଦରେ ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ରେଳ ଧାରଣା ଉପରେ ବସି ରହିଥିଲେ। ସେମାନେ ଶଶିକାନ୍ତଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି କରିଥିଲେ। ଏହି ଧାରଣା ଯୋଗୁଁ ଉକ୍ତ ଷ୍ଟେସନ୍ ଦେଇ ଯିବାଆସିବା କରୁଥିବା ରେଳ ଯାତ୍ରା ପ୍ରଭାବିତ ହୋଇଥିଲା। ଖବର ପାଇ ବାଂଶଡା ପୁଲିସ ଓ ଧାମରା ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆଲୋଚନାର କୌଣସି ନିଷ୍କର୍ଷ ବାହାରି ପାରିନଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି।

# ବାପା-ମା' ଛେଉଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ

**ରାୟଗଡ଼ା,୪।୮(ସଂଚାର ବ୍ୟୁରୋ) :** ରାୟଗଡ଼ା ଜିଲ୍ଲା ଗୁଣପୁରୁ ଥାନା ଅଞ୍ଚଳରେ ଘଟିଯାଇଛି ଅଭାବନୀୟ ଘଟଣା । ଜଣେ ୧୭ ବର୍ଷୀୟ ନାବାଳିକା ସହ ଦୁଷ୍କର୍ମ ହେବା ନେଇ ଅଭିଯୋଗ ହୋଇଛି । ଏନେଇ ପୀଡ଼ିତା ପୋଲିସର ଦ୍ୱାରସ୍ଥ ହୋଇଥିଲେ । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ପୀଡ଼ିତା ଜଣକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ଗତ ମାସ ୮ତାରିଖ ଦିନ ପୀଡ଼ିତାଙ୍କ ଗାଁର ଜଣେ ଯୁବକ ନାକରେ ନିଶା ଦ୍ରବ୍ୟ ଲଗାଇ ପାଖ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ନାବାଳିକାଙ୍କର ହୋସ ଆସିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣିବାକୁ ପାଇଥିଲେ । ଜୁଲାଇ ୧୦ ତାରିଖରେ ଗୁଣପୁର ଥାନାରେ ଏତଲା ଦେଇଥିଲେ ପୀଡ଼ିତା । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

# ପୂର୍ବତନ ମୁଖ୍ୟ ସଚିବ ଡ. ସୁବାସ ପାଣିଙ୍କ ପରଲୋକ



**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟ ସଚିବ ଡକ୍ଟର ସୁବାସ ପାଣିଙ୍କର ଆଜି ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ଆଜି ସ୍ଥାନୀୟ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ନେଇ ପରିବାର ଲୋକଙ୍କ ସୂତ୍ରରୁ ସୂଚନା ଦିଆଯାଇଛି। ସେ ଜଣେ ବିଶିଷ୍ଟ ଲେଖକ, ଅନୁବାଦକ, ସଙ୍ଗୀତ ରଚୟିତା ତଥା ସୃଜନଶୀଳ ଦାର୍ଶନିକ ଭାବେ ବେଶ୍ ପରିଚିତ ଥିଲେ। ଡ. ପାଣିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଡ. ପାଣିଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ସାହିତ୍ୟ, ଶାସନ ଓ କଳା କ୍ଷେତ୍ରରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଏକ ଶୋକବାର୍ତ୍ତାରେ କହିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

# ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଉଦ୍‌ଘାଟିତ

- ୫ ପ୍ରବାସ ପ୍ରବଣ ବ୍ଲକ୍‌ରେ ସଚେତନତା ସୃଷ୍ଟି କରିବ
- ନିଶୁଳ୍କ ପ୍ରବାସୀ ହେଲ୍ପଲାଇନ ନମ୍ବର ଜାରି



**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ଆଜି କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ବା ସଚେତନତା ରଥର ଶୁଭ ଉଦଘାଟନ କରିଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ଓ ଅନ୍ତର୍ଜାତୀୟ ପ୍ରବାସ ସଂଗଠନର ମିଳିତ ସହଯୋଗ ଓ ଜାତିସଂଘ ପ୍ରବାସୀ ମଲ୍ଟି-ପାର୍ଟନର ଟ୍ରଷ୍ଟ ଫଣ୍ଡର ସମର୍ଥନରେ ଓଡ଼ିଶାର ପ୍ରଥମ ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ରର ଆରମ୍ଭ କରାଯାଇଛି। ଗଞ୍ଜାମ ଓ କେନ୍ଦ୍ରାପଡ଼ାର ୫ ଟି ପ୍ରବାସ ପ୍ରବଣ ବ୍ଲକରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏହା କାର୍ଯ୍ୟ କରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଦାଦନ ଶ୍ରମିକଙ୍କ ସହାୟତା ନିମନ୍ତେ ଗଠିତ ଟାସ୍କଫୋର୍ସ ଅଧ୍ୟକ୍ଷ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା, ଯୁବବର୍ଗ, ଫେରନ୍ତା ପ୍ରବାସୀଙ୍କ ପାଇଁ ବିଭିନ୍ନ ଜୀବିକା ବିକାଶ କାର୍ଯ୍ୟକ୍ରମ ଓ ଦକ୍ଷତା ବିକାଶ, ନିଯୁକ୍ତି ସଂଯୋଜନ ପଦକ୍ଷେପ ଗ୍ରହଣ କରାଯାଉଛି। ନିଜସ୍ୱ ଅଞ୍ଚଳରେ ରୋଜଗାର ଯୋଗାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଆଜିର ଏହି ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ଗାଁ ଗାଁରେ ଲୋକଙ୍କୁ ସଚେତନ କରିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ନିଶୁଳ୍କ ପ୍ରବାସୀ ହେଲ୍ପଲାଇନ ନଂ.୧୮୦୦-୩୪୫-୭୮୮୫ ଜାରି କରାଯାଇଛି। ଯେକୌଣସି ଜରୁରୀ ପରିସ୍ଥିତି କିମ୍ବା ସୂଚନା ପାଇବା ପାଇଁ ଏହି ନମ୍ବରର ଉପଯୋଗ କରାଯାଇପାରିବ। ଏହି ଭ୍ରାମ୍ୟମାଣ କେନ୍ଦ୍ର ପ୍ରବାସୀଙ୍କୁ ସହଯୋଗ କରିବା ସହ ପ୍ରବାସ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ଢାଞ୍ଚାଗତ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମତ ବ୍ୟକ୍ତ କରିଛନ୍ତି।

ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ପ୍ରବାସୀ ସୁରକ୍ଷା ଅଧିକାରୀ ସୁନୀଲ ଶାହ, କୃଷି ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ନଗେନ୍ଦ୍ର ମଲ୍ଲିକ, ୟୁନାଇଟେଡ଼ ନେସନ୍ସ ଅନ୍ତର୍ଜାତୀୟ ପ୍ରବାସୀ ସଂଗଠନର ଅମିତ ଚୌଧୁରୀ, ଅଙ୍କିତା ସୁରଭି, ନବନୀତା, ଋତୁମ୍ଭରା ପ୍ରିୟଦର୍ଶିନୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଏଫଏଓ, ୱାସନ, ଏସଏମଆରସିର ଅଧିକାରୀମାନେ ଯୋଗଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୩୭ ଔଷଧ ଦାମ୍ ୧୫% କମିଲା

ନୂଆଦିଲ୍ଲୀ, ୪।୮: ଜାତୀୟ ଔଷଧ ମୂଲ୍ୟ କର୍ତ୍ତୃପକ୍ଷ (ଏନ୍‌ପିପିଏ) ୩୭ଟି ଅତ୍ୟାବଶ୍ୟକୀୟ ଔଷଧ ମୂଲ୍ୟରେ ୧୦-୧୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଏଥିରେ ପାରାସିଟାମଲ୍, ଆଟୋର୍‌ଭାଷ୍ଟିନ୍ ଓ ଆମୋକ୍ସିଲିନ୍ ଭଳି ଔଷଧ ରହିଛି ଯାହା ସାଧାରଣ ଜ୍ୱରଠାରୁ ଆରମ୍ଭ କରି ହୃଦରୋଗ, ଡାଇବେଟିସ୍ ଓ ସଂକ୍ରମଣର ଶିକାର

## ତାଲିକାରେ ପାରାସିଟାମଲ୍, ମଣ୍ଟେଲୁକାଷ୍ଟ, ଆଟୋର୍‌ଭାଷ୍ଟିନ୍

ହୋଇଥିବା ରୋଗୀଙ୍କୁ ଦିଆଯାଉଛି। ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ଔଷଧ ମୂଲ୍ୟ ନିୟନ୍ତ୍ରଣ ନିର୍ଦ୍ଦେଶ ୨୦୧୩ ଅନୁସାରେ ଏହାର ବିଜ୍ଞପ୍ତି ଜାରି କରିଛି। ଏହି ମୂଲ୍ୟ ପୃଥକ ପୃଥକ ଫର୍ମୁଲା ଉପରେ ଲାଗୁ ହେବ ଯାହାକୁ ଔଷଧ କମ୍ପାନିଗୁଡ଼ିକ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

ମୂଲ୍ୟ ନିର୍ଧାରଣ କରାଯାଇଥିବା ମିଶ୍ରଣଗୁଡ଼ିକ ମଧ୍ୟରେ ଆସେଲୋଫେନାକ୍, ପାରାସିଟାମଲ୍ ଓ ଟ୍ରାଏସ୍ପିନ୍ ଚାଏମୋଟ୍ରାଏସ୍ପିନ୍ ରହିଛି। ଡକ୍ଟର ରେଡିଜ୍ ଲାବୋରେଟୋରି ପ୍ରସ୍ତୁତ କରୁଥିବା ଏହି ମିଶ୍ରଣର ଔଷଧ ଦାମ ୧୩ ଟଙ୍କା ଓ କ୍ୟାଡିଲା ଫାର୍ମାସ୍ୟୁଟିକାଲ୍‌ସ ପାଇଁ ୧୫.୦୧ ଟଙ୍କା ରଖାଯାଇଛି। ସାଧାରଣ ଜ୍ୱର ଓ ଜ୍ୱଳନ ଆଦି ପାଇଁ ଏହା ବ୍ୟବହାର କରାଯାଇଥାଏ। ସେହିପରି ହୃଦରୋଗୀମାନଙ୍କ ଲାଗି ଆଟୋରଭାଷ୍ଟିନ୍ ୪୦ ଏମ୍‌ଜି ଓ କ୍ଲୋପିଡୋଗ୍ରେଲ୍ ୭୫ ଏମ୍‌ଜି ମିଶ୍ରଣରେ ପ୍ରସ୍ତୁତ ଟାବଲେଟ୍ ପିଛା ଦାମ୍ ୨୫ ଟଙ୍କା ୬୧ ପଇସା ଧାର୍ଯ୍ୟ କରାଯାଇଛି। ପିଲାମାନଙ୍କୁ ଦିଆଯାଉଥିବା ସେଫିକ୍ସାଇମ୍ ଓ ପାରାସିଟାମଲ୍ ମିଶ୍ରଣର ଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ଭିଟାମିନ୍ ଡି ପାଇଁ କୋଲେକାଲ୍‌ସିଫେରଲ୍ ଡ୍ରପ୍ ଓ ଡାଇକ୍ଲୋଫେନାକ୍ ଇଞ୍ଜେକ୍ସନ ଦାମ୍ ମିଲିଲିଟର ପିଛା ୩୧ ଟଙ୍କା ୭୭ ପଇସା ଧାର୍ଯ୍ୟ କରାଯାଇଛି।



ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ରୋଗୀମାନେ ବ୍ୟବହାର କରୁଥିବା ଏମ୍ପାଗ୍ଲିଫ୍ଲୋଜିନ୍, ସିଟାଗ୍ଲିପ୍‌ଟିନ୍ ଓ ମେଟାଫୋର୍ମିନ୍ ହାଇଡ୍ରୋକ୍ଲୋରାଇଡ୍ ମିଶ୍ରଣର ଦାମ୍ ଏବେ ଟାବଲେଟ୍ ପିଛା ୧୬ ଟଙ୍କା ୫୦ ପଇସା କରାଯାଇଛି। ଏହି ତାଲିକାରେ କୋଲେଷ୍ଟ୍ରଲ୍ ପରିଚାଳନା ପାଇଁ ଆଟୋରଭାଷ୍ଟିନ୍-ଏଜେଟିମାଇବ୍ ଏବଂ ଆଲର୍ଜି ଓ ଶ୍ୱାସରୋଗ ପାଇଁ ବ୍ୟବହୃତ ବିଲାଷ୍ଟାଇନ୍-ମଣ୍ଟେଲୁକାଷ୍ଟ ମିଶ୍ରଣକୁ ମଧ୍ୟ ସାମିଲ କରାଯାଇଛି। ଔଷଧଗୁଡ଼ିକର ନୂଆ ଦରକୁ ପ୍ରଦର୍ଶିତ କରିବା ଲାଗି ରିଟେଲର୍ ଓ ଡିଲର୍‌ମାନଙ୍କୁ କୁହାଯାଇଛି। ନୂଆ ଦର ଲାଗୁ ନ କଲେ ଡିପିସିଓ ୨୦୧୩ ନିୟମ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ନିୟମ ୧୯୫୫ ଆଧାରରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂର୍ବରୁ ଥିବା ସବୁ ବିଜ୍ଞପ୍ତି ଉପରେ ଏହି ନୂଆ ବିଜ୍ଞପ୍ତି ଲାଗୁ ହେବ।

# ପୁଣି ଅନିଲ ଅମ୍ବାନୀଙ୍କ ବଢ଼ିଲା ଅଡୁଆ



ନୂଆଦିଲ୍ଲୀ,୪।୮: ମନି ଲଣ୍ଡରିଂ ମାମଲାରେ ଅଡୁଆରେ ରିଲାୟନ୍ସ ଗ୍ରୁପର ଚେୟାରମ୍ୟାନ୍ ଓ ଏମ୍‌ଡି ଅନିଲ ଅମ୍ବାନୀ। ୧୭ ହଜାର କୋଟି ଟଙ୍କା ଲୋନ୍ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କର ଘନିଷ୍ଠ ସହଯୋଗୀଙ୍କୁ ଜବାବ ତଲବ କରିଛି। ଏହା ସହ ୧୨ ରୁ ୧୩ ଟି ବ୍ୟାଙ୍କକୁ ଚିଠି ଲେଖି ସ୍ପଷ୍ଟୀକରଣ ମାଗିଛି। ଏହି ଖବର ଆସିବା ମାତ୍ରେ ଅନିଲ ଅମ୍ବାନୀଙ୍କ କମ୍ପାନୀର ସେୟାର ବୁଡିବାରେ ଲାଗିଛି। ରିଲାୟନ୍ସ ଇନଫ୍ରାଠାରୁ ନେଇ ରିଲାୟନ୍ସ ପାଓ୍ୱାର ପର୍ଯ୍ୟନ୍ତର ସେୟାରରେ ଲୋୟର ସର୍କିଟ ଲାଗିଛି। ଅନିଲ ଅମ୍ବାନୀଙ୍କ ପରେ ଏବେ ତାଙ୍କର ଘନିଷ୍ଠ ସହଯୋଗୀଙ୍କୁ ଇଡି ଜବାବ ତଲବ କରିଛି। ଏଥିରେ ତାଙ୍କର ସବୁଠାରୁ ବିଶ୍ୱସ୍ତ ଅମିତାଭ ଝୁନଝୁନଓ୍ୱାଲା ଓ ସତୀଶ ସେଠଙ୍କ ଭଳି ନାଁ ରହିଛି। ଏହି ସମସ୍ତଙ୍କୁ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲଏ) ଅନୁଯାୟୀ ପଚରା ଉଚରା ପାଇଁ ଡକାଇଛି। ଗତ କିଛି ଦିନ ହେବ ଲୋନ୍ ଠକେଇ ମାମଲାରେ ଅନିଲ ଅମ୍ବାନୀଙ୍କ କର୍ପୋରେଟ୍ ସାମ୍ରାଜ୍ୟର ଶୀର୍ଷ ଶ୍ରେଣୀର ଅଧିକାରୀଙ୍କୁ ଅତି କମ୍‌ରେ ୬ଟି ସମନ ଜାରି କରାଯାଇଛି। ୧୨-୧୩ ଟି ସରକାରୀ ଓ ଘରୋଇ ବ୍ୟାଙ୍କକୁ ଚିଠି ଲେଖି ରିଲାୟନ୍ସ ହାଉସିଂ ଫାଇନାନ୍ସ, ରିଲାୟନ୍ସ କମ୍ୟୁନିକେସନ୍ ଓ ରିଲାୟନ୍ସ କମର୍ସିଆଲ ଫାଇନାନ୍ସକୁ ଦିଆଯାଇଥିବା ଲୋନ୍‌ର ବିବରଣୀ ମାଗିଛି। ଇଡି ଯେଉଁ ବ୍ୟାଙ୍କକୁ ଚିଠି ଲେଖିଛି, ସେଥିରେ ଏସ୍‌ବିଆଇ, ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଓ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ରହିଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୦୧, ୧, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨ ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୩୫୦ ଓ ୯୨ ,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୩ ,୦୦୦ ଟଙ୍କା ହୋଇଛି।

# ଆମେରିକାରୁ ତେଲ କିଣା ଦ୍ୱିଗୁଣିତ

ନୂଆଦିଲ୍ଲୀ, ୪।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଏପ୍ରିଲ୍ ୨ରେ ପାଲଟା ଶୁଳ୍କ ଘୋଷଣା କରିବା ପରଠାରୁ ଭାରତ ଧୀରେ ଧୀରେ ଆମେରିକାରୁ ତେଲ କିଣା ବଢ଼ାଇଛି। ଇତି ମଧ୍ୟରେ ଏହା ଦୁଇ ଗୁଣା ଅଧିକ ତେଲ ଆମେରିକାରୁ ମଗାଇଥିବା ଜଣାପଡ଼ିଛି। ୨୦୨୪ର ଏପ୍ରିଲ୍-ଜୁନ୍‌ରେ ଆମେରିକାରୁ ଭାରତ ୧୫ ହଜାର କୋଟି ଟଙ୍କାର ତେଲ କିଣିଥିଲା। ଚଳିତ ବର୍ଷ ସେହି ତିନି ମାସରେ ୩୨ ହଜାର କୋଟି ଟଙ୍କାର ତେଲ ଆମେରିକାରୁ କିଣାଯାଇଛି। ଗତବର୍ଷର ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ଆମେରିକାରୁ ଭାରତ ଦୈନିକ ୧.୮ ଲକ୍ଷ ବ୍ୟାରେଲ୍ ତେଲ ମଗାଉଥିଲା। ଚଳିତ ବର୍ଷ ସେହି ତିନି ମାସରେ ୨.୭୧ ଲକ୍ଷ ବ୍ୟାରେଲ୍ ତେଲ ମଗାଇଛି। କେବଳ ଜୁଲାଇରେ ଏହା ଆମେରିକାରୁ ୨୩ ପ୍ରତିଶତ ଅଧିକ ଅଶୋଧିତ ତେଲ କିଣିଛି। ଫଳରେ ଭାରତର ମୋଟ୍ ତୈଳ କ୍ରୟରେ ଆମେରିକାର




ଭାଗ ୩ ପ୍ରତିଶତରୁ ବୃଦ୍ଧି ପାଇ ୮ ପ୍ରତିଶତ ହୋଇଛି।

୨୦୨୨ରେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରେ ଭାରତ ସର୍ବାଧିକ ତେଲ ରୁଷ୍‌ରୁ କିଣୁଛି। କିନ୍ତୁ ରୁଷ୍ ତେଲ କିଣିଲେ ଜରିମାନା ଲାଗିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଭାରତ ଏବେ ନିଜର ୪୦ ପ୍ରତିଶତ ତେଲ ରୁଷ୍‌ରୁ କିଣୁଛି। ଆମେରିକା ଚାପରେ ଯଦି ଭାରତ ରୁଷ୍‌ରୁ ତେଲ କିଣିବା ବନ୍ଦ କରିବ, ତେବେ ଏହାର ତେଲ କିଣିବା ଖର୍ଚ୍ଚ ୯୦୦-୧୧୦୦ କୋଟି ଡଲାର ବଢ଼ିଯିବ। ଭାରତ କିନ୍ତୁ ରୁଷ୍‌ରୁ ତେଲ କିଣା ବନ୍ଦ କରିବ ନାହିଁ ବୋଲି ଜଣାପଡ଼ିଛି। ରୁଷ୍ ତେଲ କିଣା ବନ୍ଦ କରିବା ଲାଗି ଭାରତ ସରକାର ତୈଳ କମ୍ପାନିଗୁଡ଼ିକୁ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ନିଜକୁ ସୁହାଇବା ଭଳି

## ରୁଷ୍‌ରୁ କ୍ରୟ ଜାରି ରହିବ

ସ୍ଥାନରୁ ତେଲ କିଣିବା ଲାଗି କମ୍ପାନିଗୁଡ଼ିକୁ ଅନୁମତି ଦିଆଯାଇଛି। ସେମାନେ ବ୍ୟବସାୟିକ ଲାଭକୁ ଦୃଷ୍ଟିରେ ରଖି ସେହି ନିଷ୍ପତ୍ତି ନେଉଛନ୍ତି। ରୁଷ୍ ତେଲ ନ କିଣିବାକୁ ଆମେରିକା ଲଗାତାର ଚାପ ପକାଉଥିବା ବେଳେ ଭାରତ ସ୍ପଷ୍ଟ କରିଛି ଯେ ବଜାର ଓ ମୂଲ୍ୟକୁ ଦୃଷ୍ଟିରେ ରଖି ଏହା ତେଲ କିଣିବ। ରୁଷ୍‌ରୁ ତେଲ କିଣୁଥିବାରୁ ଆମେରିକା ଓ ୟୁରୋପୀ ସଂଘ ଭାରତ ଉପରେ ଖପ୍ପା ଅଛନ୍ତି। ଏହି ତେଲ କିଣା ବନ୍ଦ କଲେ, ଭାରତକୁ ପୁଣି ଥରେ ଅଧିକ ଦାମ୍ ଦେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ତେଲ ମଗାଇବାକୁ ପଡ଼ିବ। ନିଜ ତୈଳ ଆମଦାନି ଖର୍ଚ୍ଚ ବଢ଼ାଇବାକୁ ଭାରତ ଚାହୁଁନାହିଁ।

# ୧.୮ କୋଟି ଚାକିରି ପ୍ରତି ଏଆଇ ବିପଦ

ନୂଆଦିଲ୍ଲୀ, ୪।୮: ଆସନ୍ତା ୨୦୩୦ ସୁଦ୍ଧା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ପ୍ରଯୁକ୍ତି ପ୍ରାୟ ୧.୮ କୋଟି ଚାକିରିକୁ ପ୍ରଭାବିତ କରିବ। ବିନିର୍ମାଣ, ଖୁଚୁରା ଓ ଶିକ୍ଷା କ୍ଷେତ୍ର ଏହା ଦ୍ୱାରା ଅଧିକ ପ୍ରଭାବିତ ହେବ ବୋଲି ଆକଳନ କରାଯାଇଛି। ସର୍ଭିସ୍‌ନାଓର ତଥ୍ୟ ଅନୁସାରେ ବିନିର୍ମାଣ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବ। କଳ କାରଖାନାରେ କାମ କରୁଥିବା ୮୦ ଲକ୍ଷଙ୍କ ଚାକିରି ପ୍ରତି ବିପଦ ଦେଖାଦେବ। ଖୁଚୁରା କ୍ଷେତ୍ରରେ ୭୬ ଲକ୍ଷ ଓ ଶିକ୍ଷା କ୍ଷେତ୍ରରେ ୨୫ ଲକ୍ଷ ଚାକିରି ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।ଏଆଇ ପ୍ରଭାବରେ ନୂତନ ଚାକିରି ମଧ୍ୟ ସୃଷ୍ଟି ହେବ। ୨୦୩୦ ସୁଦ୍ଧା ୩୦ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ୫୦୦ରୁ ଅଧିକ ପ୍ରଯୁକ୍ତି କମ୍ପାନିର ଲିଡର୍‌ମାନଙ୍କୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରଯୁକ୍ତି ବଜେଟ୍‌ର ୧୩.୫ ପ୍ରତିଶତ ରାଶି ଏଆଇ ଗ୍ରହଣୀୟତା ବଢ଼ାଇବା କାମରେ ବ୍ୟବହାର କରାଯାଉଛି। ଭାରତରେ ଏକ ଚତୁର୍ଥାଂଶ କମ୍ପାନି ସେହି ଧାରାରେ ରହିଛନ୍ତି।




# ଗାଡ଼ିର ବୀମା ନଥିଲେ ଅଧିକ ଜରିମାନା

## ପ୍ରିମିୟମ୍‌ର ୫ ଗୁଣା ଗଣିବାକୁ ପଡ଼ିବ

ନୂଆଦିଲ୍ଲୀ, ୪।୮: ବୀମା ନଥିବା ଗାଡ଼ିଗୁଡ଼ିକ ଯାଞ୍ଚ ବେଳେ ଧରାପଡ଼ିଲେ ଅଧିକ ଜରିମାନା ଗଣିବେ। ମୋଟର ଯାନ ନିୟମରେ କରାଯାଉଥିବା ସଂଶୋଧନରେ ସେଭଳି କିଛି ବ୍ୟବସ୍ଥା କରାଯାଉଛି। ପ୍ରଥମ ଥର ଧରାପଡ଼ିଲେ ସେଭଳି ଗାଡ଼ି ବୀମା ପ୍ରିମିୟମ୍‌ର ତିନି ଗୁଣା ରାଶି ଜରିମାନା ଆକାରରେ ପ୍ରଦାନ କରିବେ। ଏକାଧିକ ଥର ନିୟମ ଉଲ୍ଲଂଘନ କଲେ ପ୍ରିମିୟମ୍‌ର ୫ ଗୁଣା ରାଶି ଜରିମାନା ଗଣିବେ। ସମ୍ପ୍ରତି ପ୍ରଚଳନରେ ଥିବା ନିୟମ ଅନୁସାରେ ପ୍ରଥମ ଥର ଉଲ୍ଲଂଘନ ପାଇଁ ଜରିମାନା ୨୦୦୦ ଟଙ୍କା ଓ ଏକାଧିକ ଥର ନିୟମ ଉଲ୍ଲଂଘନ ପାଇଁ ୪୦୦୦ ଟଙ୍କାର ଜରିମାନା ଏବଂ ତିନି ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବ୍ୟବସ୍ଥା ରହିଛି। ଗାଡ଼ିର ବେଗ ସୀମାକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଏହି ନିୟମ ସଂଶୋଧନ ଜରିଆରେ ସମାଧାନ କରିବାକୁ ଉଦ୍ୟମ କରାଯାଉଛି। ଜାତୀୟ ରାଜପଥ ଓ ଏକ୍ସପ୍ରେସ୍‌ୱେଗୁଡ଼ିକ ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବେଗର ସୀମା ଧାର୍ଯ୍ୟ କରିବେ। ରାଜ୍ୟ ସଡ଼କଗୁଡ଼ିକ ପାଇଁ ନିଷ୍ପତ୍ତି ରାଜ୍ୟ ସରକାର ନେବେ। ବର୍ତ୍ତମାନ ସମୟରେ ସମାନ ଜାତୀୟ ରାଜପଥ ପାଇଁ କେନ୍ଦ୍ର ଓ ରାଜ୍ୟର



ସର୍ବୋଚ୍ଚ ବେଗ ସୀମା ଅଲଗା ଅଲଗା ରହୁଥିବାରୁ ଚାଳକମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି। ସେମାନଙ୍କୁ ବିଭିନ୍ନ ସମୟରେ ବେଗର ସୀମା ଉଲ୍ଲଂଘନ ଅପରାଧରେ ଜରିମାନା ଗଣିବାକୁ ପଡୁଛି। ମୋଟର ଯାନ ବିଲ୍‌ରେ ଅଣାଯିବାକୁ ଥିବା ସଂଶୋଧନର ଚିଠା ପ୍ରସ୍ତାବଗୁଡ଼ିକୁ ବିଭିନ୍ନ ବିଭାଗ ନିକଟକୁ ପଠାଇ ସେମାନଙ୍କ ମତାମତ ଲୋଡ଼ାଯାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ପୋଦାର ଟାୟାର୍ସ ଆଣ୍ଡ୍ ସର୍ଭିସେସ୍‌ର ନୂଆ ଆଉଟ୍‌ଲେଟ୍

ଭୁବନେଶ୍ୱର, ୪।୮ (ସଂଚାର ବ୍ୟୁରୋ): ପୋଦାର ଟାୟାର୍ସ ଆଣ୍ଡ୍ ସର୍ଭିସେସ୍‌ର ନବମ ଆଉଟ୍‌ଲେଟ୍ ଓ ପ୍ରଥମ ଫ୍ରାଞ୍ଚାଇଜି ଷ୍ଟୋର୍ ପଟିଆର ରଘୁନାଥପୁରରେ ଖୋଲିଛି। ଏଥିରେ ରୋବୋଟିକ୍ ବ୍ୟବସ୍ଥାରେ ୩ ମିନିଟ୍‌ରେ କାର୍ ଧୋଇବା ବ୍ୟବସ୍ଥା ରହିଛି ଯେଉଁଥିରେ ଗାଡ଼ି ସୁରକ୍ଷିତ ଭାବେ ସଫା ହୋଇପାରିବ। ଏହା ବ୍ୟତୀତ ଷ୍ଟୋର୍‌ରେ ଏଲାଇନ୍‌ମେଣ୍ଟ, ବାଲାନ୍‌ସିଂ, ନାଇଟ୍ରୋଜେନ୍ ଭରିବା, ଟାୟର୍ ଲଗାଇବା, ରୋଟେସନ୍ ଏବଂ ମଲ୍ଟି ବ୍ରାଣ୍ଡ ଟାୟାର୍ ବିକ୍ରୟ ଭଳି ସୁବିଧା ରହିଛି। ଏହାକୁ ପୋଦାର ଟାୟାର୍ସ ଆଣ୍ଡ୍ ସର୍ଭିସେସ୍‌ର ଆନନ୍ଦ ପୋଦାର ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଫ୍ରାଞ୍ଚାଇଜି ଷ୍ଟୋର୍ ଖୋଲି ଏହାର ଉପସ୍ଥିତି ବଢ଼ାଇବାକୁ ସଂସ୍ଥା ଯୋଜନା ରଖିଛି।




# ୫ ବର୍ଷରେ ୭.୦୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଚୋରି ଧରାପଡ଼ିଛି

ନୂଆଦିଲ୍ଲୀ, ୪।୮: ପାଞ୍ଚ ବର୍ଷରେ ପ୍ରାୟ ୭.୦୮ ଲକ୍ଷ କୋଟି ଟଙ୍କାର ଜିଏସଟି ଚୋରି ଧରାପଡ଼ିଛି। କେନ୍ଦ୍ରୀୟ ଜିଏସଟିର କ୍ଷେତ୍ରୀୟ ଅଧିକାରୀମାନେ ଆର୍ଥିକ ବର୍ଷ ୨୦୨୪-୨୫ ସୁଦ୍ଧା ଏହି ଜିଏସଟି ଚୋରି ଧରିଥିଲା, ଏଥିରୁ ପ୍ରାୟ ୧.୭୯ ଲକ୍ଷ କୋଟି ଟଙ୍କା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଜାଲିଆତି ମଧ୍ୟ ସାମିଲ ରହିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏହି ସୂଚନା ଦେଇଛନ୍ତି। ସରକାର ଦେଇଥିବା ତଥ୍ୟ ଅନୁସାରେ କେବଳ ଆର୍ଥିକ ବର୍ଷ ୨୦୨୪-୨୫ରେ ସିଜିଏସଟି ଫିଲ୍ଡ ଅଧିକାରୀଙ୍କ ଦ୍ୱାରା ୨.୨୩ ଲକ୍ଷ କୋଟିରୁ ଅଧିକ ଜିଏସଟି ଚୋରି ଧରାପଡ଼ିଛି।

## ଲୋକସଭାରେ ମନ୍ତ୍ରୀ ଦେଲେ ସୂଚନା

ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୫ରେ ଜିଏସଟି ଚୋରିର ୩୦,୨୫୬ ମାମଲା ଧରାପଡ଼ିଥିଲା। ଏଥିରୁ ଅଧାରୁ ବି ଅଧିକ ୧୫,୨୮୩ ମାମଲା ଆଇଟିସି ଜାଲିଆତି ସହ ଜଡ଼ିତ ଥିଲା। ଏହି ମାମଲାରେ ୫୮,୭୭୨ କୋଟି ଟଙ୍କାର ଚୋରି କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୩-୨୪ରେ ସିଜିଏସଟି ଫିଲ୍ଡ ଅଧିକାରୀଙ୍କ ଦ୍ୱାରା ୨.୩୦ ଲକ୍ଷ କୋଟି ଟଙ୍କାର ଜିଏସଟି ଚୋରି ଧାରପଡ଼ିଥିଲା। ଏଥିରୁ ୩୬,୩୭୪ କୋଟି ଟଙ୍କାର ଆଇଟିସି ଜାଲିଆତି ସାମିଲ ଥିଲା। ସରକାର ଲୋକସଭାରେ କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୩ରେ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କାର ଜିଏସଟି ଚୋରି ଧରାପଡ଼ିଥିଲା। ସେହିପରି ଆର୍ଥିକ ବର୍ଷ ୨୦୨୨ ଓ ଆର୍ଥିକ ବର୍ଷ ୨୦୨୧ରେ ଜିଏସଟି ଚୋରି ଯଥାକ୍ରମେ ୭୩,୨୩୮ କୋଟି ଟଙ୍କା ଓ ୪୯,୩୮୪ କୋଟି ଟଙ୍କା ଥିଲା। ଏଥିରେ ଆଇଟିସି ଚୋରି ଯଥାକ୍ରମେ ୨୮,୦୨୨ କୋଟି ଟଙ୍କା ଓ ୩୧,୨୩୩ କୋଟି ଟଙ୍କା ଥିଲା। ଗତ ପାଞ୍ଚ ବର୍ଷରେ ସିଜିଏସଟି କ୍ଷେତ୍ରୀୟ ଅଧିକାରୀଙ୍କ ଦ୍ୱାରା ୯୧,୩୭୦ ମାମଲାରେ ପ୍ରାୟ ୭.୦୮ ଲକ୍ଷ କୋଟି ଟଙ୍କାର ମୋଟ ଜିଏସଟି ଚୋରି ଧରାପଡ଼ିଛି।




# କ୍ରିକେଟ୍ ଭାଷ୍ୟକାର ଭୂମିକାରେ ପିଚାଇ



ଲଣ୍ଡନ, ୪।୮: ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପଞ୍ଚମ ଟେଷ୍ଟ ମ୍ୟାଚ୍ ସମୟରେ ଗୁଗଲ୍ ସିଇଓ ସୁନ୍ଦର ପିଚାଇଙ୍କୁ କ୍ରିକେଟ୍ ଭାଷ୍ୟକାର ଭୂମିକାରେ ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ସେ ଅନ୍ୟତମ ଭାଷ୍ୟକାର ହର୍ଷ ଭୋଗଲେଙ୍କ ସହ ଯୋଗଦେଇ ପିଲାଦିନର କ୍ରିକେଟ୍ ସ୍ମୃତିକୁ ବଖାଣିଥିଲେ। ନିଜ ଶୋଇବା ଘରେ ସେ ସୁନିଲ ଗାଭାସ୍କର ଓ ସଚିନ ତେନ୍ଦୁଲକରଙ୍କ ପୋଷ୍ଟର ଲଗାଇଥିଲେ। ସଚିନଙ୍କ ସେ ଜଣେ ବହୁତ ବଡ଼ ପ୍ରଶଂସକ ବୋଲି କହିଥିଲେ। ସେ ୱାସିଂଟନ ସୁନ୍ଦରଙ୍କ ବ୍ୟାଟିଂକୁ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ।

## ଶ୍ରାବଣ ଶେଷ ସୋମବାରରେ ଜଳାଭିଷେକ କଲେ ବିଧାୟକ



**ନବରଙ୍ଗପୁର,୪।୮ (ସଂଚାର ବ୍ୟୁରୋ):** ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଶ୍ରାବଣ ଶେଷ ସୋମବାର ଦିନ ବୋଲବୋମ କାଉଡ଼ିଆ ସାଜି ଶିବ ଲିଙ୍ଗରେ ଜଳାଭିଷେକ କରିଛନ୍ତି । ଅନ୍ୟ ଭକ୍ତଙ୍କ ଭଳି ନବରଙ୍ଗପୁର ଉପକଣ୍ଠରେ ଥିବା ଇନ୍ଦ୍ରାବତୀ ନଦୀରେ ବିଧି ପୂର୍ବକ ରୀତିନୀତିରେ ପୂଜାର୍ଚ୍ଚନା କରି ନଦୀ ଗର୍ଭରୁ ଜଳ ସଂଗ୍ରହ କରି ଚାଲି ଚାଲି ରଙ୍ଗମାଟିଗୁଡାସ୍ଥିତ ବାବା ଝାଡେଶ୍ୱରଙ୍କ ଲିଙ୍ଗରେ ଜଳାଭିଷେକ କରିଥିଲେ ଏବଂ ଜଗତ କଲ୍ୟାଣ ମାନସିକ ରଖି ସେ ଜଳାଭିଷେକ କରିଥିବା ପ୍ରକାଶ କରିଛନ୍ତି ।

## ଦେବଗିରିରେ ଶ୍ରୀଶିବାଷ୍ଟକମ୍ ଓ ଜଳାଭିଷେକ



**ନର୍ଲା,୪।୮ (ସଂଚାର ବ୍ୟୁରୋ):** ଶ୍ରାବଣର ଶେଷ ସୋମବାର ଦିନ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡାମାଝୀ ଆଦି ଶଙ୍କରାଚାର୍ଯ୍ୟ ବିରଚିତ ଶ୍ରୀଶିବାଷ୍ଟକମ୍ ପାଠ କରିଥିଲେ। ଏହି ଅବସରରେ ବିଶେଷ ପୂଜା ଅନୁଷ୍ଠିତ ହେବା ସହ ମହାଦେବଙ୍କୁ ଜଳାଭିଷେକ କରାଯାଇଥିଲା। ମଠର ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ ଓ ସେବକ ଟିକେ ଗଉଡ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡାମାଝୀ, ବିଷ୍ଣୁ ଗଉଡ, ପ୍ରଦୀପ ଧଙ୍ଗଡାମାଝୀ, ସଞ୍ଜୟ ଧଙ୍ଗଡାମାଝୀ, ରଜନି ଗଉଡ, ସତ୍ରୁଘନ ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦର ଠାରେ ଥିବା ଦେବଗିରି ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ପୌରାଣିକ ଗାଥାରେ ପରିପୂର୍ଣ୍ଣ ତଥା ଓଡ଼ିଶା ପର୍ଯ୍ୟଟନର ଏକ ଅନନ୍ୟ ପୀଠ। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମଠ ପ୍ରକୃତିର ମନୋରମ ପରିବେଶ ମଧ୍ୟରେ ଥିବା ସହ ବିଶେଷ ପୂଜା ନିତି ଯୋଗୁଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

## ଶ୍ରାବଣ ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ



**ମ.ରାମପୁର,୪।୮ (ସଂଚାର ବ୍ୟୁରୋ):** ଆଜି ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଅବସରରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ସ୍ଥିତ ବେଲଖଣ୍ଡିର ଧବଳେଶ୍ୱର ଶୈବପୀଠ, କର୍ଲାମୁଣ୍ଡା ବ୍ଲକର କୁଶୁର୍ଲା, ମ. ରାମପୁର ବ୍ଲକ ସ୍ଥିତ ଦେଉଳଶୁଲୀ (ମୋହନଗିରି) ଓ ମୋଟାଗଣ୍ଡାଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଏଥିରେ ବହୁ ଦୂରଦୂରାନ୍ତରୁ ଶିବଙ୍କ ଦୁର୍ଲଭ ଦର୍ଶନ ତଥା ଜଳଲାଗି କରିବା ପାଇଁ ହଜାର ସଂଖ୍ୟକ ଶ୍ରଦ୍ଧାଳୁ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ କିଛି ମନ୍ଦିର କମିଟି ପକ୍ଷରୁ ପାରାୟଣ କାର୍ଯକ୍ରମ ସହ ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ବଜାୟୀ ରଖିବା ପାଇଁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ମାନେ ସଂପୂର୍ଣ୍ଣ ଭାବେ ସହଯୋଗ କରିଥିବା ସହ ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଥିଲେ।

# ତିର୍ତ୍ତୋଲ ବିଧାୟକ ନିଖୋଜ ନେଇ ଲାଗିଲା ପୋଷ୍ଟର

**ତିର୍ତ୍ତୋଲ,୪।୮ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟକ ରମାକାନ୍ତ ଭୋଇଙ୍କ ଲୋକପ୍ରିୟତା କ୍ରମଶଃ ହ୍ରାସ ପାଉଛି। ବିଜେପିରୁ ବିଜେଡିକୁ ଲମ୍ଫ ମାରିଥିବା ବିଧାୟକଙ୍କୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀବାସୀ ଦେଖିବାକୁ ପାଉନାହାନ୍ତି ବୋଲି ତିର୍ତ୍ତୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ଠାରୁ ଆରମ୍ଭ କରି ବ୍ଲକର ବିଭିନ୍ନ ଜାଗାରେ ଲାଗିଥିବା ପୋଷ୍ଟର ଦେଖିବାକୁ ମିଳୁଛି। ବିଧାୟକ ନିଖୋଜ ବୋଲି ପୋଷ୍ଟର ମରାଯିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବିରିଡ଼ି ପିରତି କିମୀୟା କଲା ତିର୍ତ୍ତୋଲ ବିଧାୟକ ନିଖୋଜ ହେଲା, ମନ୍ତ୍ରୀଙ୍କୁ ତିର୍ତ୍ତୋଲ ବ୍ଲକ୍ ବିକି ଦେଇ ବିଧାୟକ ନିଖୋଜ, ତିର୍ତ୍ତୋଲ ବ୍ଲକ୍ ବିଧାୟକଙ୍କ ମାନେ ଅଛି ତ ? ଭଳି କିଛି ପୋଷ୍ଟର ତିର୍ତ୍ତୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖ ଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଲଗାଯାଇଥିବା ଦେଖିବାକୁ ମିଳିଛି ।




ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ୨ଥର ବିଜେପିରୁ ବିଧାୟକ ପାର୍ଥୀ ଟିକେଟ ପାଇ ଉପନିର୍ବାଚନ ସମୟରେ ବିଜେଡ଼ିରେ ମିଶିଥିଲେ ବର୍ତ୍ତମାନର ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ। ହେଲେ ବିଧାୟକ ହେବାପରେ ବିଧାୟକକୁ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁନାହିଁ। କେବଳ ତିର୍ତ୍ତୋଲ ବ୍ଲକ୍ ନୁହେଁ ରଘୁନାଥପୁର ଏବଂ ବିରିଡ଼ି ବ୍ଲକରେ ମଧ ସେଇ ସମାନ ଅବସ୍ଥା। କିଛିଦିନ ପୂର୍ବେ ବିଧାୟକ ବାବୁ ନିଜ ବାସସ୍ଥାନ ବିରିଡ଼ି ବସନ୍ଧରା ଗ୍ରାମରେ ଜନଅଭିଯୋଗ ଶୁଣାଣି କରିଥିବାର ଦେଖିବାକୁ ମିଳିଥିଲା ହେଲେ ଜନ ଶୁଣାଣି କରୁଥିବା ସ୍ଥାନର ଦୂରତା ବିରିଡ଼ି ବ୍ଲକ୍ ପାଖରୁ ୧୫କିଲୋମିଟର ଦୂରତା ଥିବା ବେଳେ ରଘୁନାଥପୁରରୁ ୩୦କିଲୋମିଟର ଦୂରତା ଆଉ ତିର୍ତ୍ତୋଲ ବ୍ଲକରୁ ୫୫ କିଲୋମିଟର ଦୂରତା। ଜଣେ ସାଧାରଣ ଲୋକ ନିଜ ଅଭିଯୋଗ କରିବାକୁ ବିଧାୟକଙ୍କ ପାଖକୁ ଯିବାକୁ ହେଲେ ଅର୍ଥ ଖର୍ଚ୍ଚ ସହ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଏମିତିବି ବିଧାୟକ ବାବୁ ଜଣଙ୍କ କଟକରେ ରହୁଥିବା ବେଳେ ସାଧାରଣ କର୍ମୀ ଏବଂ ତିର୍ତ୍ତୋଲବାସୀ ତାଙ୍କୁ ଯୋଗାଯୋଗ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇ ଫେରିବାକୁ ପଡୁଛି। ତିନୋଟି ବ୍ଲକରେ ଦଳୀୟ ସଂଗଠନକୁ କୋମାରେ ପହଞ୍ଚାଇବାକୁ ବିଧାୟକ ଦାୟୀ ବୋଲି ଦଳୀୟ କର୍ମୀ ମଧ କହୁଛନ୍ତି।।

ରଘୁନାଥପୁର ବ୍ଲକକୁ ଛାଡି ଦେଲେ ତିର୍ତ୍ତୋଲ ଏବଂ ବିରିଡ଼ି ବ୍ଲକରେ ବିଜେପି ନିଜ ଅକ୍ତିଆରକୁ ନେବାକୁ ରଣନୀତି କଲାଣି । ତଥାପି ରଘୁନାଥପୁର ବ୍ଲକରେ ବିଜେପି ନିଜର ଦମ ରଖିଛି । ତିର୍ତ୍ତୋଲ ବିଧାୟକ ବର୍ତ୍ତମାନ ବିରୋଧୀ ଦଳର ବିଧାୟକ ଥିବା ବେଳେ ଶାସକ ଦଳ ବିଜେପି ସହ ମ୍ୟାନେଜ ହୋଇ କୌଣସି ବିରୋଧ କରିବା କାର୍ଯ୍ୟକ୍ରମରେ ବିଧାୟକଙ୍କ ଦର୍ଶନ ମିଳୁନାହିଁ। ନିଜ ସ୍ୱାର୍ଥ ହାସଲ କରିବାରେ ବିଧାୟକ ବ୍ୟସ୍ତ ଥିବା ବେଳେ ବିଧାୟକଙ୍କ କାର୍ଯ୍ୟଶୈଳୀ ଦଳ ପାଇଁ ଅନୁକୂଳ ନୁହେଁ ବୋଲି କର୍ମୀ କହୁଛନ୍ତି। ବିଧାୟକଙ୍କ କାର୍ଯ୍ୟଶୈଳୀ ଦେଖି ତିର୍ତ୍ତୋଲବାସୀ ମଧ ଭ୍ରମରେ ରହୁଛନ୍ତି ବିଧାୟକ ବିଜେଡ଼ି ଦଳର ନା ବିଜେପି ଦଳର ?

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାଣିପାଗ ଏମିତି ଯେ ତିର୍ତ୍ତଲ ବିଜେଡି କର୍ମୀମାନେ ଯିଏ ବିଜୟ ଶଙ୍କର ଙ୍କୁ ବିରୋଧ କରୁଥିଲେ ଏବେ ପୂର୍ବତନ ବିଧାୟକ ଙ୍କ ଗୁଣଗାନ କରି କହିଛନ୍ତି ଯେ ପୁରାତନ ବିଧାୟକ ବିଜୟ ଶଙ୍କର ପେର୍ଶନଲ ଲାଇଫ ରେ ଯାହା ହୁଅନ୍ତୁ ପଛକେ କିନ୍ତୁ ସାଧାରଣ ଲୋକଙ୍କ ସାଥିରେ ରହି କାମ କରୁଥିଲେ । ଏହା ଶୁଣିବା ପରେ ତିର୍ତ୍ତଲ ବିଜେଡି ରାଜନୀତି ଏବେ ଘୋର ସଙ୍କଟ ଦେଇ ଗତି କରୁଥିବା ଦେଖା ଦେଇଛି।

## ଦୟଣା ସେବା ମଣ୍ଡଳୀ ପକ୍ଷରୁ ଚାରାରୋପଣ



**ବାଲିପାଟଣା,୪।୮ (ସଂଚାର ବ୍ୟୁରୋ):** ବାଲିପାଟଣାସ୍ଥିତ ୩୦୦ତମ ଶିଶୁ ଅନନ୍ତ ପୀଠରେ ଶ୍ରୀକ୍ଷେତ୍ର ଦୟଣା ସେବା ମଣ୍ଡଳୀ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ସଂଗଠନ ବରିଷ୍ଠ ସେବକ ସୁଜିତ ଦାସଙ୍କ ନେତୃତ୍ୱରେ ବଉଳ, ଫାଶୀ ବୃକ୍ଷ ରୋପଣ ହୋଇଛି। ଅବିଭକ୍ତ ପୁରୀ ଜିଲ୍ଲାର ବିଭିନ୍ନ ମଠ, ମନ୍ଦିର, ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବ। ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ଚିତ୍ତ ରଞ୍ଜନ ମହାନ୍ତି ଯୋଗଦାନ କରି କହିଛନ୍ତି ଜଗତର ନାଥ ଜଗନ୍ନାଥଙ୍କ ରଥ ପ୍ରସ୍ତୁତ ପାଇଁ ଫାଶୀ ଗଛ ଆଗାମୀ ଦିନରେ ଅଭାବ ନପଡିବା ପାଇଁ ପୁରୀ ନିକଟ ବିଭିନ୍ନ ଗ୍ରାମରେ ଇଚ୍ଛୁକ ଯୁବ ବନ୍ଧୁମାନଙ୍କ ସହଯୋଗରେ ଲଗାଯାଇ ସୁରକ୍ଷା ବ୍ୟବସ୍ଥା କରାଯିବ। ସମ୍ମାନିତ ଅତିଥିଭାବେ ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦକ ତନୟା ଦାସ ଗୋସ୍ୱାମୀ କହିଲେ ବୃକ୍ଷ ହିଁ ବିଶ୍ୱ ସୁରକ୍ଷାର ମୁଖ୍ୟ ସେନାପତି। ଅନ୍ୟତମ ଅତିଥିଭାବେ ସଂସଦ ସଭାପତି ଅଭିମନ୍ୟୁ ନାୟକ,ଦୁର୍ଯ୍ୟୋଧନ ରାଉତରାୟ, ଦେବ ପ୍ରସାଦ ଜେନା, ଜଗନାଥ ସାହୁ ଓ ନିରଞ୍ଜନ ହୋତା ପ୍ରମୁଖ ଯୋଗଦାନ କରିଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ମହିଳା ଶ୍ରମିକ ଗୁରୁତର

**ବୋରିଗୁମ୍ମା,୪।୮ (ସଂଚାର ବ୍ୟୁରୋ):** ବିଦ୍ୟୁତ ଆଘାତରେ ଦୁଇ ମହିଳା ଶ୍ରମିକ ଗୁରୁତ୍ତର ହୋଇଥିବା ଜଣାପଡିଛି।ସୂଚନା ଅନୁଯାୟୀ ବୋରିଗୁମ୍ମା ହାଇସ୍କୁଲ ନିକଟରେ ନିରଞ୍ଜନ ସାହୁ ଙ୍କ ନୂତନ ତିନି ମୋହଲା କୋଠାର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟ ରେ ବିଦ୍ୟୁତ୍ ତାରର ସଂସ୍ପର୍ଶ ରେ ଆସି ଦୁଇ ମହିଳା ଶ୍ରମିକ ଗୁରୁତର। ନବରଙ୍ଗପୁର ଅଞ୍ଚଳର ଏହି ଦୁଇ ମହିଳା ଶ୍ରମିକ ତୁଲସା ହରିଜନ(୩୦) ଦଲେଇଗୁଡ଼ା ଏବଂ ଚନ୍ଦ୍ରା ଅମନାତ୍ୟ(୧୯) ଟଟିଆ ଗୁଡା ଏକ ତିନି ମହଲା କୋଠା ଘରେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା ଦୁଇ ଶ୍ରମିକଙ୍କୁ ସଙ୍ଗେ ସଙ୍ଗେ ଆଖପାଖ ଲୋକେ ଦୁଇ ଜଣକୁ ଉଦ୍ଧାର କରି ବୋରିଗୁମ୍ମା ମେଡ଼ିକାଲ ରେ ଭର୍ତ୍ତି କରିଥିଲେ।ଚନ୍ଦ୍ରା ଅମନାତ୍ୟ ଅବସ୍ଥା ଗୁରୁତର ଥିବା ବେଳେ ଅନ୍ୟ ତୁଲସା ହରିଜନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ କୋରାପୁଟ ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ଡା. ଅକ୍ଷୟ କୁମାର କୁଣ୍ଡୁ ସୂଚନା ଦେଇଛନ୍ତି। ବର୍ତ୍ତମାନ ସେଠାରେ ତୁଲସା ହରିଜନଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ଖବର ପାଇ ତାଙ୍କ ସମ୍ପର୍କୀୟ ବୋରିଗୁମ୍ମା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ବୋରିଗୁମ୍ମା ପୁଲିସ ଘଟଣା ର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।



### ଫିରିଙ୍ଗିଆରେ ଆବାସ ଯୋଜନା ବାଟବଣା

## ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଘର

**ଫିରିଙ୍ଗିଆ,୪।୮ (ସଂଚାର ବ୍ୟୁରୋ):** ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଇଚ୍ଛା ଅଭାବ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଅନ୍ତର୍ଗତ ସିପାଞ୍ଜିରୁ ଗ୍ରାମରେ।



ଜରିପାଲ ତଳେ ବିତୁଛି ୫ ପ୍ରାଣୀ କୁଟୁମ୍ବଙ୍କ ଜୀବନ। କୃତିବାସ ଦିଗାଲ ବୟସ (୬୫) ତାଙ୍କ ସାନ ଭଉଣୀ ଦୁଇ ଜଣ ଝିଅ ଓ ଗୋଟିଏ ପୁଅ ମିଶାଇ ୫ ଜଣ ପ୍ରାଣୀଙ୍କୁ ନେଇ ଗୋଟିଏ ପରିବାର। ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ । ଏଭଳି ପରିସ୍ଥିତି ରେ ଭଲ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ବର୍ଷା ଦିନ ଆସିଲେ ଭଙ୍ଗା କୁଡ଼ିଆରେ ରହିବା ପରିବାର ପକ୍ଷରେ କଷ୍ଟକର ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର କୃତିବାସ ଦିଗାଲଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା କୃତିବାସ ଦିଗାଲଙ୍କ ଦୁଃଖ ସରକାର କେବେ ଶୁଣୁଛନ୍ତି ?

## ନବରଙ୍ଗପୁର ଜିଲ୍ଲାରେ ବୁଲିଲା ବଜ୍ରପାତ ସଚେତନତା ରଥ



**ନବରଙ୍ଗପୁର,୪।୮ (ସଂଚାର ବ୍ୟୁରୋ):** ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ଆଜି ପୂର୍ବାହ୍ନ ୧୦ ଘଣ୍ଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଡଃ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ସହରାଞ୍ଚଳ ଏବଂ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି, ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ ଗୁଡ଼ିକ ପରିକ୍ରମା କରି ଜନସାଧାରଣଙ୍କୁ ବଜ୍ରପାତ ସମୟରେ ଉଚିତ ପଦକ୍ଷେପ ନେଇ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିପାରିବେ ଏଥି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏହି ବଜ୍ରପାତ ସଚେତନତା ରଥ ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା କମ କରିବା ଉପରେ ସୂଚନା ପ୍ରଚାର ପ୍ରସାର କରିବ। ବିଭିନ୍ନ ଅନୁଷ୍ଠାନ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ମଧ ସକ୍ରିୟ ଅଂଶଗ୍ରହଣ କରି ଏ ସମ୍ବନ୍ଧୀୟ ଜନ ସଚେତନତା କରାଇବାକୁ ମଧ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ବାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜାତି ଓ ଜନଜାତି ବିଭାଗ ରାଜୀବ ଲୋଚନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନବରଙ୍ଗପୁର ଡ ସୁନିଲ ଖରା, ଡେପୁଟି କଲେକ୍ଟର ସମୀର ପାତ୍ର, ସହାୟକ ଜିଲ୍ଲାପାଳ (ଜରୁରୀକାଳୀନ) ହେମନ୍ତ ସୌରା, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢ଼ି, ଜିଲ୍ଲା ପ୍ରକଳ୍ପ ଅଧିକାରୀ, (ଜରୁରୀକାଳୀନ) ହିମାଂଶୁ ଶେଖର ପଟନାୟକଙ୍କ ସହ ଜିଲ୍ଲା କାର୍ଯ୍ୟାଳୟ ସମସ୍ତ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ଜିଲାସ୍ତରୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ଷ୍ଟେଟ ବ୍ୟାଙ୍କ ତରଫରୁ ଆର୍ଥିକ ସାକ୍ଷରତା କ୍ୟାମ୍ପ

**ବାଲିପାଟଣା,୪।୮ (ସଂଚାର ବ୍ୟୁରୋ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ନରଦା ଶାଖା ତରଫରୁ ଆର୍ଥିକ ସାକ୍ଷରତା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଡକ୍ଟର ବନ୍ଦନା ଜି ଏନ୍ ଏମ ଅଗ୍ରୱାଲ,ଡି ଜି ଏମ ପ୍ରଶାନ୍ତ କୁମାର, ଆର ଏମ ଶ୍ରୀ ଭରତଚରଣ ସାହୁ, ସୀ ଏମ ଖୋର୍ଦ୍ଧା ଶ୍ରୀ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୫୦ରୁ ଅଧିକ ନରଦା ଶାଖାର ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ସଭାରେ ଗ୍ରାହକ ମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା ଓ ବିଭିନ୍ନ ପ୍ରକାର ସଂଚୟ ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ଏହି ସଭାକୁ ନରଦା ଶାଖାର ଶାଖା ପ୍ରବନ୍ଧକ ମନୋଜ କୁମାର ସେଠୀ ପରିଚାଳନା କରିଥିଲେ ଶାଖାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ମ.ରାମପୁର,୪।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ମ. ରାମପୁର ସହରର ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ନୂତନ ଭାବେ କର୍ମକର୍ତ୍ତା କମିଟି ଗଠନ ହୋଇଯାଇଛି। ପୂର୍ବ କମିଟି ସଭାପତି ଚିରାଗ ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗତ ବର୍ଷ ପୂଜାର ଆୟବ୍ୟୟ ବିବରଣୀ ପରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରି ଚଳିତ ବର୍ଷ ପୂଜାପାଇଁ ନୂତନ କର୍ମକର୍ତା ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିକାଶ ରଞ୍ଜନ ସିଂହ ଦେଓ, ଉପସଭାପତି ଭାବେ ରଶ୍ମି ରଞ୍ଜନ ପ୍ରହରାଜ, ସମ୍ପାଦକ ଭାବେ ସତ୍ୟ ନାରାୟଣ ସାହୁ, ସହ ସମ୍ପାଦକ ହେମନ୍ତ ସାହୁ, ପୂଜା ମୁଖ୍ୟ ଭାବେ ପ୍ରଶାନ୍ତ ସାମନ୍ତରା, ଭାଗବତ ଘି ଭେଲା, ଶିବ ରାମ ସାହୁ, ରାଜେନ୍ଦ୍ର ଆଚାର୍ଯ୍ୟ, ସାଜ ସଜ୍ଜା ଓ ସାଂସ୍କୃତିକ ଦାୟିତ୍ୱରେ ଚିରାଗ ସିଂହ ଦେଓ, ପ୍ରଦୀପ ସିଂହ, ପ୍ରଶାନ୍ତ ମହାରଣା ପ୍ରମୁଖ ମନୋନୀତ ହୋଇଥିବା ବେଳେ ସେହିପରି ପୂଜାକର୍ତ୍ତା ଭାବେ ସତ୍ୟଜିତ ଚାଟାର୍ଜିଙ୍କୁ ମନୋନୀତ କରାଯାଇଥିବା ସୂଚନା ରହିଛି।

# ଭରା ନଈ ପାରହୋଇ ଉପାନ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କଲେ ବିଡିଓ

**ଫୁଲବାଣୀ,୪।୮ (ସଂଚାର ବ୍ୟୁରୋ):** ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହାଯାଉଥିବା ଫିରିଙ୍ଗିଆ ବ୍ଲକ ଅଧୀନରେ ଏବେବି ଏମିତି ଅନେକ ଗାଁ ରହିଛି ଯେଉଁଠି ବର୍ଷ ବର୍ଷ ଧରି ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହି ଆସିଥିବା ବେଳେ ଯାତାୟତ ପାଇଁ ଅନେକ ଗାଁକୁ ଏବେବି ଭଲ ରାସ୍ତାଟିଏ ହୋଇପାରିନାହିଁ। ବିଶେଷ କରି ଗମନା ଗମନର ସୁବିଧା ନଥିବାରୁ କେତେବେଳେ ଭରା ନଈ ପାର ହୋଇ ଲୋକେ ଯିବା ଆସିବା କରୁଛନ୍ତି ତ ଆଉ କେତେବେଳେ ପାହାଡିଆ ରାସ୍ତା ଜଙ୍ଗଲ ମଧ୍ୟରେ ରୋଗୀଙ୍କୁ ଖଟିଆରେ ବୋହି ଆଣିବା ପାଇଁ ବାଧ ହେଉଛନ୍ତି।



ତେବେ ଏହି ଫିରିଙ୍ଗିଆ ବ୍ଲକର ଏଭଳି ଏକ ବଣ ପାହାଡ ଘେରା ଉପାନ୍ତ ଅଞ୍ଚଳ ହେଉଛି ବ୍ଲକ ଅଧୀନରେ ଥିବା ସୁମେରବନ୍ଧ ପଞ୍ଚାୟତ। ଆଗରୁ ଏହି ପଞ୍ଚାୟତ ସାର୍ତ୍ତାଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା ବେଳେ ଅଂଚଳର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରାୟ ଦଶବର୍ଷ ହେବ ନୂତନ ଭାବରେ ଏହି ପଞ୍ଚାୟତ ଗଠନ ହୋଇଥିଲା। ସେପଟେ ଏହି ସୁମେର ବନ୍ଧ ପଞ୍ଚାୟତରେ ପନ୍ଦରରୁ କୋଡିଏଟି ଛୋଟ ବଡ଼ ଗାଁ ରହିଥିବା ବେଳେ ଏବେବି ଅନେକ ଗାଁକୁ ରାସ୍ତା ହୋଇପାରିନାହିଁ। ସବୁଠୁ ବଡ଼ କଥା ହେଲା ଏହି ପଞ୍ଚାୟତକୁ ଅଧ୍ୟୁଷିତ ଅଞ୍ଚଳ ଭାବରେ ଚିହ୍ନଟ କରାଯାଇଥିବାରୁ ଆଜି ଯାଏ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିନଥିଲା। ଯାହାପାଇଁ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ମଧ୍ୟ ବାଧକ ସାଜିଥିଲା। ତେବେ ଗତ ଶୁକ୍ରବାର ଦିନ ପ୍ରଥମ ଥର ପାଇଁ ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଏହି ଅଂଚଳକୁ ପରିଦର୍ଶନରେ ଯାଇ ଅଂଚଳର ବିଭିନ୍ନ ସମସ୍ୟାକୁ ପରଖି ଦେଖିବା ସହ ଲୋକଙ୍କ ଗୁହାରି ଶୁଣିଛନ୍ତି ।

ସେପଟେ ଏହି ପଞ୍ଚାୟତ ଅଧୀନରେ ଥିବା ଗାଁ ମାନଙ୍କୁ ଯିବାକୁ ହେଲେ ଖଡ୍ଗ ନଦୀ ଡେଇଁ ଯିବାକୁ ପଡିଥାଏ। ବର୍ଷ ତମାମ ନଦୀରେ ପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କୁ ଭରା ନଈରେ ଯିବା ଆସିବାକୁ ପଡିଥାଏ । ପ୍ରଥମ ଥର ପାଇଁ ବିଡ଼ିଓ ଏହି ଭରା ନଈଁ ଡେଇଁ ଚାଲି ଚାଲି ବିଭିନ୍ନ ଗାଁ ବୁଲିଥିଲେ। ସେପଟେ ବିଡ଼ିଓଙ୍କ ଏଭଳି କାର୍ଯ୍ୟକୁ ଅଂଚଳବାସୀ ବେଶ୍ ପ୍ରଶଂସା କରିଥିବା ବେଳେ ବିଡ଼ିଓଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ପରେ ଅଞ୍ଚଳର ବିକାଶ ହେବା ନେଇ ଏକପ୍ରକାର ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ଆକାଂକ୍ଷା ଦେଖାଦେଇଛି। ସେପଟେ ଭରା ନଈରେ ଚାଲିଚାଲି ଯାଇ ବିଡ଼ିଓ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି ।

### ପ୍ରଥମ ବିହାର କପ୍ ବକ୍ସିଂ ପ୍ରତିଯୋଗିତା

## ବ୍ରୋଞ୍ଜ ପଦକ ହାସଲ କଲେ ଆୟୁଷ ମୁଣ୍ଡା

**ସୁନ୍ଦରଗଡ଼,୪।୮ (ସଂଚାର ବ୍ୟୁରୋ):** ବିହାର ରାଜ୍ୟ ଭାଗଲପୁରରେ ଅବସ୍ଥିତ ତିଲକମାଞ୍ଝି ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ପ୍ରଥମ ବିହାର କପ - ୨୦୨୫ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତା ଅଗଷ୍ଟ ୧ ରୁ ଆରମ୍ଭ ହୋଇ ୪ ତାରିଖ ଉଦଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାରୁ ଏକ ମାତ୍ର ଯୁବ ପୁରୁଷ ଖେଳାଳି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲା ଭସ୍ମା ଥାନା ଅନ୍ତର୍ଗତ କଦଳୀ ମୁଣ୍ଡା ଗ୍ରାମର ହଦୋ ମୁଣ୍ଡା ଓ ସରୋଜିନୀ ମୁଣ୍ଡାଙ୍କ ପୁଅ ଆୟୁଷ ମୁଣ୍ଡା ଅଂଶ ଗ୍ରହଣ କରିଥିଲେ। ସେ ୭୫ରୁ ୮୦ କେଜି ବର୍ଗରେ ଉତ୍ତମ ଖେଳ ପ୍ରଦର୍ଶନ କରି ସେମି ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ, ହେଲେ ସେମି ଫାଇନାଲ ମ୍ୟାଚରେ ତାମିଲନାଡୁର କେ ପ୍ରଧିପ କମଳ ପ୍ରତିଯୋଗୀଙ୍କ ସହ ତିନି ରାଉଣ୍ଡ ସଂଘର୍ଷମୟ ଲଢେଇରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାତେଇବାରେ ସକ୍ଷମ ହୋଇ ଥିଲେ। ସେ



ସପ୍ତମ ଶ୍ରେଣୀ ପଢୁଥିବା ସମୟରୁ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗିମାଲର ସୁଦକ୍ଷ କୋଚ୍ ମାନଙ୍କ ଠାରୁ ତାଲିମ ନେଇ ଅନେକ ଥର ଜିଲ୍ଲା ସ୍ତରୀୟ, ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି।




SANCHAR ସଂଚାର ମଙ୍ଗଳବାର ୫ ଅଗଷ୍ଟ ୨୦୨୫

# ସ୍ୱାସ୍ଥ୍ୟ

## ହାଲୁକା ଲକ୍ଷଣରୁ ଘାତକ

# ନୀରବ ହୃଦ୍‌ଘାତ



ପୂର୍ବରୁ ପଚାଶ ବର୍ଷରୁ ଅଧିକ ବୟସ୍କଙ୍କୁ ହୃଦଘାତ ହେଉଥିଲା। ହେଲେ ସମ୍ପ୍ରତି ହୃଦଘାତ ଏକ ସାଧାରଣ ରୋଗ। ଏଥିରେ ତିରିଶ ବର୍ଷ ତଥା ଏହାଠୁ କମ୍ ବୟସର ପିଲା ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ହୃଦଘାତଠାରୁ ଏବେ ଘାତକ ପାଲଟିଛି ନୀରବ ହୃଦଘାତ। ଶରୀରରେ କୌଣସି ଲକ୍ଷଣ ଯଥା- ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟା ଜନିତ ସମସ୍ୟା ନଥାଇ ହୃଦଘାତ ହେଉଥିବାରୁ ଏହାକୁ ନୀରବ ହୃଦଘାତ କୁହାଯାଇଥାଏ। ଏକ ଅଧ୍ୟୟନ ମୁତାବକ ପ୍ରାୟ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନୀରବ ହୃଦଘାତ ହୋଇଥାଏ। ଏଥିରେ ଦେଖାଯାଉଥିବା ହାଲୁକା ସଙ୍କେତକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

**କାହିଁକି ହୁଏ ନୀରବ ହୃଦଘାତ:** ନୀରବ ହୃଦଘାତକୁ ସାଇଲେଣ୍ଟ ଇସ୍କେମିୟା କୁହାଯାଏ। ହୃଦଘାତରେ ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ଝାଳ ବୋହିବା ଆଦି ଲକ୍ଷଣ ଦେଖାଯାଏ। ହେଲେ ନୀରବ ହୃଦଘାତରେ ଲକ୍ଷଣ ନ ଥାଇ କୋରୋନରି ଧମନୀରେ ୩୦ରୁ ୪୦ % ପ୍ଲାକ୍ ରକ୍ତଜମାଟ ବାନ୍ଧିଯାଏ। ହୃତ୍ପିଣ୍ଡର ମାଂସପେଶୀକୁ ଅମ୍ଳଜାନ ଏବଂ ରକ୍ତ ପହଞ୍ଚାଇବା ବିଳମ୍ବ ଯୋଗୁଁ ନୀରବ ହୃଦ୍ଘାତ ହୁଏ। ହୃତ୍ପିଣ୍ଡ ଅଚଳ ହୋଇଥାଏ। ସେହିପରି କୋଲେଷ୍ଟ୍ରଲସ୍ତର ସାମାନ୍ୟ ଥାଇ ନୀରବ ହୃଦଘାତ ହୁଏ। ବୟସ୍କ, ଅଧିକ ଚିନ୍ତା କରିବା, ଅତ୍ୟଧିକ ବ୍ୟାୟାମ ବା କଠିନ ପରିଶ୍ରମ ନ କରିବା, ମଧୁମେହ, ମୋଟାପା, ହୃଦରୋଗ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ, ନିଶା ତଥା ଧୂମ୍ରପାନ ସେବନ ଦ୍ୱାରା ନୀରବ ହୃଦଘାତ ହୋଇଥାଏ।

**ଲକ୍ଷଣ:** ଅନ୍ୟାନ୍ୟ ରୋଗ ଥାଇ ମଧ୍ୟ ନୀରବ ହୃଦଘାତ ହୋଇଥାଏ। କାମ କରି ଥକ୍କାପଣ ଅନୁଭବ କରିବା, ଛାତିରେ ସାମାନ୍ୟ ଯନ୍ତ୍ରଣା, ଛାତି ଓ ପେଟ ଜଳାପୋଡ଼ା, ଡିହାଇଡ୍ରେସନ୍, ବଦହଜମି, ନିଶ୍ୱାସନେବାରେ ସମସ୍ୟା,ଶରୀର ଯନ୍ତ୍ରଣା ହେବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ମୁଣ୍ଡବିନ୍ଧା, ଶରୀରରୁ ଅଧିକ ଝାଳ ବୋହିବା, ଆଦି ନୀରବ ହୃଦଘାତର ଲକ୍ଷଣ। ମହିଳାଙ୍କ ଠାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ।

**ଆଧୁନିକ ଖାଦ୍ୟାଭ୍ୟାସ ଦାୟୀ:** ସମ୍ପ୍ରତି ଅତ୍ୟାଧୁନିକ ଜୀବନଶୈଳୀ ଓ ଖାଦ୍ୟଭ୍ୟାସରେ ପରିବର୍ତ୍ତନ, ତଥା ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ନୀରବ ହୃଦଘାତ ଜନିତ ସମସ୍ୟା ବୃଦ୍ଧି ପାଉଛି। ତେଣୁ ତେଲ ମସଲା, ଜଙ୍କଫୁଡ ଓ ମାଛମାଂସ ଠାରୁ ଦୂରେଇ ରୁହନ୍ତି। ଅନ୍ୟପଟେ ବଡ଼ି ବନାଇବା ଚକ୍କରରେ ଏବେ ସମସ୍ତେ ଜିମ୍ ଯାଉଛନ୍ତି। ଅଧିକରୁ ଅଧିକ ପରିଶ୍ରମ କରିବା ସମୟରେ ଜିମ୍ରେ ମଧ୍ୟ ନୀରବ ହୃଦଘାତ ଅନେକଙ୍କ ଚିନ୍ତା ବଢ଼ାଉଛି। ସେମାନଙ୍କ ହୃଦଜନିତ ସମସ୍ୟା ସହ ହାତ ମାଂସପେଶୀରେ ସମସ୍ୟାଥିଲେ, ଜିମ୍ରେ ଅଧିକ ନୀରବ ହୃଦଘାତ ମାମଲା ଦେଖôବାକୁ ମିଳିଥାଏ।

**କେଉଁମାନଙ୍କୁ ବିପଦ ନୀରବ ହୃଦଘାତ:** ମଧୁମେହ କିମ୍ବା ବୟସ୍କ ଲୋକଙ୍କୁ ନୀରବ ହୃଦଘାତ ଭୟ ଅଧିକ ଥାଏ। ଅଧିକ ଲୋକ ବଦହଜମି ବା ଅମ୍ଳଜନିତ ସମସ୍ୟା ପାଇଁ ଅଣଦେଖା କରିଦିଅନ୍ତି। ଏହାର ନୀରବ ହୃଦଘାତର ଲକ୍ଷଣ।

**ମାନସିକ ଅବସାଦ ବି କାରଣ:** ମାଇଗ୍ରେନ୍ ତଥା ମୁଣ୍ଡବ୍ୟଥା ଯୋଗୁଁ ଯୁବପିଢ଼ିଙ୍କ ଠାରେ ନୀରବ ହୃଦଘାତ ଦେଖାଯାଉଛି। ଆମେରିକା ହାର୍ଟ ଆଶୋସିଏସନ (ଏଏଚ୍ଏ) ରିପୋର୍ଟ ଅନୁସାରେ ୩୫ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ମାଇଗ୍ରେନ୍ ହୃଦଘାତର ସଙ୍କେତ ଦେଇଥାଏ। ମୁଣ୍ଡବିନ୍ଧା ବିଭିନ୍ନ ବର୍ଗର ଲୋକଙ୍କ ଠାରେ ଦେଖାଯାଉଥିବାବେଳେ ଏଥି ପାଇଁ ସଚେତନ ସହ ଚିନ୍ତାମୁକ୍ତ ରହିବା ଜରୁରି।

**ଚିକିତ୍ସା ବିକଳ୍ପ:** ନିୟମିତ ରକ୍ତଚାପ, ସର୍କରା ଏବଂ କୋଲେଷ୍ଟ୍ରଲ ଚେକ୍ଅପ୍ କରାନ୍ତୁ। ଖାଦ୍ୟ ହଜମ ନ ହେବା କିମ୍ବା ଅମ୍ଳ ଯୋଗୁଁ ଛାତିରେ ଯନ୍ତ୍ରଣା ହେଉଥିଲେ, ହୃଦ୍ ସମ୍ବନ୍ଧୀୟ ସମସ୍ୟା ଥିଲେ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ। ଡାଏଟ୍ରେ ପୌଷ୍ଟିକ ଖାଦ୍ୟ ସାମିଲ କରିପାରିବେ। ରକ୍ତଚାପ ପୀଡ଼ିତ ରକ୍ତଚାପ ପରୀକ୍ଷା କରି ଔଷଧ ସେବନ କରନ୍ତୁ। ଡାକ୍ତରଙ୍କ ପରାମର୍ଶରେ ଇଲୋକ୍ଟ୍ରୋକାର୍ଡିୟୋଗ୍ରାମ୍ ଏବଂ ଇକୋକାର୍ଡିଓଗ୍ରାମ୍ ଟେଷ୍ଟ କରି ନୀରବ ହୃଦଘାତକୁ ଚିହ୍ନଟ କରିପାରିବେ। ହୃତ୍ପିଣ୍ଡର ସ୍ଥିତିକୁ ଅନୁଧ୍ୟାନ କରି ଆବଶ୍ୟକ ସ୍ଥଳେ ଏଞ୍ଜିୟୋପ୍ଲାଷ୍ଟି, ହୃତପିଣ୍ଡ ପ୍ରତ୍ୟାରୋପଣ, ବାଇପାସ ସର୍ଜରୀ ଆଦି ଚିକିତ୍ସା କରିବାକୁ ହୁଏ। ନିଦ ପୂରା କରନ୍ତୁ। ଶାରୀରିକ ପରିଶ୍ରମ ସହ ସକ୍ରିୟ ରହିବା ଭଲ। ନିଶା ଓ ଧୂମ୍ରପାନ ଠାରୁ ଦୂରେଇ ରହନ୍ତୁ।

# କୋଷ୍ଠକାଠିନ୍ୟର ଆୟୁର୍ବେଦ ଉପଚାର



ଅନିୟମିତ ଜୀବନଶୈଳୀ, ଗରିଷ୍ଠ ଭୋଜନ ସହିତ ଅତି ଭୋଜନ, ହୀନ ଭୋଜନ, ଅସମୟ ଭୋଜନ ଆଦି କାରଣରୁ ପାଚନଅଗ୍ନି ପ୍ରଭାବିତ ହୋଇ କୋଷ୍ଠକାଠିନ୍ୟ ହେବାର ସମ୍ଭାବନା ଥାଏ। ଅଗ୍ନିମାନ୍ଦ୍ୟ ହେବା ସହିତ ଭୋକ କମିଯାଏ, କୋଷ୍ଠକାଠିନ୍ୟର ପ୍ରଭାବ ମଧ୍ୟ ମନ ଉପରେ ପଡ଼ିଥାଏ। ତେଣୁ କୋଷ୍ଠକାଠିନ୍ୟର ନିରାକରଣ ପାଇଁ ଉପଯୁକ୍ତ ସମୟରେ ଉପଯୁକ୍ତ ମାତ୍ରାରେ ସନ୍ତୁଳିତ ଭୋଜନ ଗ୍ରହଣ କରିବା ସହିତ ଭୋଜନ ମଧ୍ୟରେ ଅଳ୍ପ ଅଳ୍ପ ଜଳପାନ କଲେ ଉପକାର ହୁଏ। ଭୋଜନ ପାତ୍ରରେ ସମସ୍ତ ରଙ୍ଗର ଖାଦ୍ୟ ପଦାର୍ଥ, ମଧୁର, ଅମ୍ଳ, ଲବଣ, କଟୁତିକ୍ତ କଷାୟ, ଛଅରସ ବିଶିଷ୍ଟ ଭୋଜନ ସହି ପୁଷ୍ଟିସାର, ସ୍ନେହସାର, ଧାତବଲବଣ, ଜୀବସାର ଇତ୍ୟାଦି ଆବଶ୍ୟକ ମାତ୍ରାରେ ଗ୍ରହଣ କରିବା ଆବଶ୍ୟକ। ଭୋଜନର ୧ ଘଣ୍ଟା ପୂର୍ବରୁ ଏବଂ ୧ ଘଣ୍ଟା ପରେ ପାଣି ପିଇବା ଆବଶ୍ୟକ। ଭୋଜନ ପରେ ତତ୍କାଳ ପାଣି ନ ପିଇବା ହିତକର ହୋଇଥାଏ। ଏ ସବୁ ପରେ କୋଷ୍ଠକାଠିନ୍ୟ ଦୂର ନହେଲେ, ରାତିରେ ଶୋଇବା ପୂର୍ବରୁ ତିନିଗ୍ରାମ ତ୍ରିଫଳା ଚୂର୍ଣ୍ଣ ଉଷୁମ ପାଣିରେ ସହିତ ସେବନ କଲେ ହିତକର ହୋଇଥାଏ। ଇସବବୁଲ୍ ଭୁଷି ଏକ ଚାମଚ ମାତ୍ରାରେ ଦିନକୁ ଦୁଇଥର ସେବନ କଲେ, କୋଷ୍ଠକାଠିନ୍ୟ ଦୂର ହେବା ସହିତ ଅନ୍ୟାନ୍ୟ ଉଦର ରୋଗ ପାଇଁ ମଧ୍ୟ ହିତକର ହୋଇଥାଏ। ସୁନାମୁଖୀ ପତ୍ରଚୂର୍ଣ୍ଣ ଦୁଇଗ୍ରାମ୍ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣି ସହିତ ସେବନ କଲେ ସକାଳେ ଝାଡ଼ା ପରିଷ୍କାର ହୋଇଥାଏ। ଏହାଛଡ଼ା ଚିକିତ୍ସକଙ୍କ ପରାମର୍ଶ ଅନୁସାରେ କୋଷ୍ଠକାଠିନ୍ୟର କାରଣ ଅନୁଧ୍ୟାନ କରି ଆୟୁର୍ବେଦରେ ଥିବା ବହୁ ଉପାଦେୟ ଔଷଧ ବ୍ୟବହାର କରାଯାଇପାରେ ।

# ପୋଷ୍ଟନାଟାଲ୍ ଅବସାଦ

ମାତୃତ୍ୱ ଲାଭ ପରେ ଜଣେ ମହିଳା ପୂର୍ଣ୍ଣାଙ୍ଗ ହୋଇଥାନ୍ତି। କୁହାଯାଏ, ପ୍ରସବ ଯନ୍ତ୍ରଣା ହିଁ ଦୁନିଆର ସବୁଠୁ କଷ୍ଟଦାୟକ। ଯେଉଁ ଯନ୍ତ୍ରଣାକୁ କେବଳ ଜଣେ ମା' ହିଁ ହୃଦୟଙ୍ଗମ କରିଥାଏ। ହେଲେ ପ୍ରକୃତ କଥା ହେଉଛି, ସନ୍ତାନ ଜନ୍ମ ପରେ ମା'ର ଦାୟିତ୍ୱ ବୃଦ୍ଧି ସହିତ ବାପାର ମଧ୍ୟ ଲାଳନପାଳନକୁ ନେଇ ଚିନ୍ତା ବଢ଼ିଥାଏ। ତେବେ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ପୁରୁଷଙ୍କଠାରେ ଦେଖାଯାଉଥିବା ଚିନ୍ତାକୁ ପୋଷ୍ଟନାଟାଲ୍ ଡିପ୍ରେସନ୍ କୁହାଯାଏ। ଯାହାକୁ ଅଧିକାଂଶ ପୁରୁଷ ଅଣଦେଖା କରନ୍ତି। ଏକ ରିପୋର୍ଟ ଅନୁସାରେ, ପ୍ରସବୋତ୍ତର ଅବସାଦ ସାଧାରଣ ସମସ୍ୟା। ଯାହାକି ପ୍ରାୟ ପାଞ୍ଚ ଜଣରୁ ଜଣେ ମହିଳା ଓ ୧୦ରୁ ଜଣେ ପୁରୁଷଙ୍କୁ ପ୍ରଭାବିତ କରେ। ତେବେ ପିଲା ହେବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଦୂରତ୍ୱ ଏହାର ଏକ ପାର୍ଶ୍ୱ ପ୍ରତିକ୍ରିୟା। ତେଣୁ ପୁରୁଷମାନେ ଏହି ସମସ୍ୟାକୁ ଚିହ୍ନଟ କରି ଏହାର ଉପଚାର ବିକଳ୍ପ ଜାଣିବା ଦରକାର। ସନ୍ତାନ ଜନ୍ମ ହେବାର କିଛି ସପ୍ତାହ କିମ୍ବା ମାସକ ମଧ୍ୟରେ ଅବସାଦ ଦେଖାଯାଏ। ହର୍ମୋନାଲ ପରିବର୍ତ୍ତନ, ଅନିଦ୍ରା, ଦାୟିତ୍ୱ ବଢ଼ିବା, ସାଥୀଙ୍କ ଚିନ୍ତା, ଏକାକିତ୍ୱ ଇତ୍ୟାଦି କାରଣ ହୋଇଥାଏ। ତେବେ ଏହାଦ୍ୱାରା ଉଦାସ ରହିବା, ଚିଡ଼ିଚିଡ଼ା ହେବା, ରାଗିବା, ଥକ୍କା ଅନୁଭବ ହେବା, ଭୋକ ନ ଲାଗିବା, ନିଦ ନ ଲାଗିବା, କାମରେ ଧ୍ୟାନ ନ ଦେବା, ଆତ୍ମହରା ହେବା ଇତ୍ୟାଦି ଏହି ରୋଗର ଲକ୍ଷଣ।

**ଉପଚାର:** ଏ ନେଇ ଥେରାପିଷ୍ଟଙ୍କ ସହ ଯୋଗାଯୋଗ କରିପାରିବେ। ଅନେକ କ୍ଷେତ୍ରରେ ଡାକ୍ତର ଅବସାଦ ଓ ଚିନ୍ତା ଦୂର ପାଇଁ ଔଷଧ ଦେଇଥା'ନ୍ତି। ତେଣୁ ଔଷଧ ସେବନ ସହ ଜଣେ ନିୟମିତ ପୌଷ୍ଟିକ ଆହାର, ବ୍ୟାୟାମକୁ ଗୁରୁତ୍ୱ ଦେବା ଉଚିତ। ଏହାବ୍ୟତୀତ ଜଣେ ନିଜ ପରିବାର ଓ ସମ୍ପର୍କୀୟଙ୍କ ସହ ନିଜର ଭଲମନ୍ଦ ଆଦି ବିଷୟରେ ସେୟାର କରିବା ଉଚିତ। ଅସନ୍ତୁଳିତ ଡାଏଟ, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଦ୍ୱାରା ଶରୀରରୁ ଜିଙ୍କର ଅଭାବ ଦେଖାଯାଇଥାଏ। ଜିଙ୍କର ଅଭାବର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନ କରିବା କାଠିକର ହୋଇପଡ଼େ।ମ ବାରମ୍ବାର ସଂକ୍ରମଣ:ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଜିଙ୍କ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଶରୀରର ଜିଙ୍କ୍ର ଅଭାବ ହେଲେ, ବାରମ୍ବାର ସଂକ୍ରମଣ ହୋଇଥାଏ। ଥଣ୍ଡା, ଜ୍ୱର, କାଶ ଆଦି ଲାଗିବା ଜିଙ୍କ୍ ଅଭାବର ଲକ୍ଷଣ। ଘା' ନଶୁଖିବା: ଯଦିଓ ଜିଙ୍କ ଘା ଭରିବାରେ ସହାୟକ ହୋଇଥାଏ ତେଣଉ ଶରୀରରରୁ ଜିଙ୍କ୍ ଅଭାବରୁ ଘା' ଶୁଖିବାରେ ବିଳମ୍ବ ହୋଇଥାଏ। କେଶ ଝଡ଼ିବା ଓ ଚିନ୍ତା ସମସ୍ୟା: ଚର୍ମ ଏବଂ କେଶ ପାଇଁ ଜିଙ୍କ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ଅଭାବରୁ କେଶ ଝଡ଼ିବା, ଚର୍ମ ଶୁଖିଲା ଲାଗିବା, ମୁହଁରେ ବ୍ରଣ ଓ ଘା' ହୋଇଥାଏ।

**ଘ୍ରାଣଶକ୍ତି ଦୁର୍ବଳ:** ସେହିପରି ଜିଙ୍କ ସ୍ୱାଦ ଏବଂ ଗନ୍ଧର ଅନୁଭବୂତିକୁ ପ୍ରଭାବିତ କରେ। ଏହାର ଅଭାବ ହେଲେ ଖାଦ୍ୟ ସ୍ୱାଦ ବାରିବାରେ ସମସ୍ୟା ହୁଏ। ସେହିପରି ଘ୍ରାଣଶକ୍ତି ଦୁର୍ବଳ ହୋଇଥାଏ।

ରାତିରେ କମ୍ ଦେଖାଯିବା ଜିଙ୍କ ଅଭାବରୁ ରାତିରେ କମ୍ ଦେଖାଯାଏ। ଦୃଷ୍ଟିଶକ୍ତି ହ୍ରାସ ପାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତି।



# ରୁଟ୍ କେନାଲ ପରେ ଦାନ୍ତର ଯତ୍ନ

ଦାନ୍ତରୋଗରୁ କର୍କଟ, ହୃଦ୍‌ରୋଗ, ମଧୁମେହ ଆଦି ହୋଇଥାଏ। ତେଣୁ ସ୍ୱାସ୍ଥ୍ୟ ପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦାନ୍ତ ପ୍ରତି ଧ୍ୟାନ ଦେବା ଜରୁରି। ଅଧିକାଂଶଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭ ବଢ଼ିବା ଓ ଖାଦ୍ୟ ଚୋବାଇବା ସମୟରେ କଷ୍ଟ, ମାଢ଼ି ଫୁଲିଯିବା ଓ ଦରଜ, ଦାନ୍ତରେ କଳା ଚିହ୍ନ ଦେଖାଯାଇଥାଏ। ତେଣୁ ପୋକ ଦାନ୍ତକୁ ପୂରଣ ସହ ଦାନ୍ତ ବିନ୍ଧା ଯନ୍ତ୍ରଣା ଦୂର କରିବାକୁ ଅଧିକାଂଶ ରୁଟ୍ କେନାଲ କିମ୍ବା ଫିଲିଙ୍ଗ କରିଥାନ୍ତି। ତେଣୁ ଏହି ସମୟରେ କିପରି ଦାନ୍ତର ଯତ୍ନ ନେବେ ଜାଣି ରଖନ୍ତୁ। ରୁଟ୍ କେନାଲ ଟ୍ରିଟ୍‌ମେଣ୍ଟ: ଦାନ୍ତ ପୋକ ଲାଗି ମାଢ଼ି ସଂକମ୍ରଣ ହୋଇଥିଲେ, ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା । ଏଥିପାଇଁ ରୋଗୀଙ୍କୁ ଅଚେତ ଅବସ୍ଥାରେ ରଖô ଡ୍ରିଲ ଜରିଆରେ କେନାଲକୁ ଖୋଲି ଦାନ୍ତ ଭିତର କ୍ଷତିଗ୍ରସ୍ତ ଟିସୁକୁ ସଫା କରିଦିଆଯାଏ। ପୋକଖିଆ ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍‌ଲ ଭର୍ତ୍ତି କରି ଫିଲିଙ୍ଗ କରାଯାଏ। ଏହାଦ୍ୱାରା ଦାନ୍ତ ସଂକମ୍ରଣ ଭୟ କମ୍ ରହିଥାଏ। ଯେହେତୁ ରୁଟ୍ କେନାଲରେ ଦାନ୍ତର ବାହାର ପାର୍ଶ୍ୱ ଭାଙ୍ଗିବାର ଅଧିକ ଆଶଙ୍କା ଥାଏ, ତେଣୁ ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ। ତେଣୁ ରୁଟ୍ କେନାଲ ପରେ ଏହାର ନିକଟସ୍ଥ ଦାନ୍ତ ପ୍ରଭାବିତ ହେଉଥିବାରୁ କିଛି ଦିନ ନରମଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି। ରୁଟ୍ କେନାଲ ପରେ ଦାନ୍ତର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ। ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ହୋଇଥିବା ସ୍ଥାନକୁ ଛୁଅଁନ୍ତୁନି। ଉକ୍ତ ଦାନ୍ତରେ ଡ୍ରାଏ ଫ୍ରୁଟ୍‌ସ, କଠିନ ଖାଦ୍ୟ, ଗରମ କିମ୍ବା ଖଟା ଫଳ ଖାଇବାଠୁ ଦୂରେଇ ରୁହନ୍ତୁ। ଦିନକୁ ଦୁଇଥର ନରମବ୍ରଶ୍‌ରେ ଦାନ୍ତକୁ ସଫା କରିପାରିବେ। ଖାଦ୍ୟ ଖାଇବା ପରେ କୁଳି କରିବାକୁ ଭୁଲନ୍ତୁନି। ବିନା ଆଲକହଲ ଯୁକ୍ତ ମାଉଥୱାଶ ଉପଯୋଗ କରନ୍ତୁ। ଧୂମପାନ ଏବଂ ନିଶା ଠାରୁ ଦୂରେଇ ରହିବା ଭଲ। ନରମଯୁକ୍ତ ତଟକା ଫଳ ଓ ସବୁଜ ଖାଇପାରିବେ। ସେହିପରି ରୁଟ୍ କେନାଲ କରିବାର ଦୁଇଦିନ ମଧ୍ୟରେ ଦାନ୍ତ ଯନ୍ତ୍ରଣା ନ କମିଲେ, କିମ୍ବା ଏହାର ପାଖ ଦାନ୍ତରୁ କୌଣସି ପ୍ରକାର ଅସାମାନ୍ୟ ଲକ୍ଷଣ ଦେଖାଦେଲେ, ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରନ୍ତୁ।



# ଲେଜର୍ ସର୍ଜରୀ ପୂର୍ବରୁ ଓ ପରେ ଆଖିର ଯତ୍ନ

ଆଖିକୁ ସ୍ପଷ୍ଟ ଦେଖା ନ ଯିବା, ମାୟୋପିଆ, ଦୂର ଦୃଷ୍ଟିଶକ୍ତି ହ୍ରାସ ତଥା ହାଇପର୍ମେଟ୍ରୋପିୟା ତଥା ଏଷ୍ଟିଗମେଟିଜିମ୍ ସହିତ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାରୁ ଦୃଷ୍ଟିଶକ୍ତିରେ ସ୍ଥାୟୀ ଚିକିତ୍ସା ପାଇଁ ଲେଜର୍ ବା ଲେସିକ୍ ସର୍ଜରୀ ସବୁଠୁ ଭଲ ବିକଳ୍ପ। ଲେଜର ସର୍ଜରୀ ଏକ ଆଡଭାନ୍ସ ସର୍ଜରୀ। ଯେଉଁଥିରେ ଚଷମା ବା କଣ୍ଟାକ୍ଟ ଲେନ୍ସ ପିନ୍ଧିବାକୁ ପଡ଼ି ନ ଥାଏ। ହେଲେ ଅନେକ ସମୟରେ ସର୍ଜରୀ ପୂର୍ବରୁ ଓ ପରେ ସଠିକ୍ ଯତ୍ନ ନ ନେଲେ, ଆଖି ଉପରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ସର୍ଜରୀ ପରେ କିପରି ସାବଧାନତା ଅବଲମ୍ବନ କରିବେ, ଜାଣି ରଖନ୍ତୁ।

**ସର୍ଜରୀ ପୂର୍ବରୁ:** ଲେଜର ସର୍ଜରୀ ୧୮ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ କରାଯାଏ। ଅନେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କଠାରେ ଗମ୍ଭୀର ରୋଗ କିମ୍ବା ସ୍ୱତନ୍ତ୍ର ଔଷଧ ସେବନ କରୁଥିଲେ, ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ସର୍ଜରୀ କରିବାକୁ ଡାକ୍ତର ବାରଣ କରିଥାନ୍ତି। ତେଣୁ ଏହି ସର୍ଜରୀ କରାଇବା ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କର ପୂର୍ବରୁ କେଉଁ ରୋଗ ଥିଲା, ଔଷଧ ସେବନ କରୁଛନ୍ତି କି ନାହିଁ, ସର୍ଜରୀ ପୂର୍ବରୁ କଣ୍ଟାକ୍ଟ ଲେନ୍ସ ଉପଯୋଗ କରୁଛନ୍ତି କି ନାହିଁ ସୂଚନା ଦେବାକୁ ହୁଏ। ଏହି ସର୍ଜରୀରେ ପାର୍ଶ୍ୱପ୍ରତିକ୍ରିୟା ହେବାର ଆଶଙ୍କା ଖୁବ୍ କମ୍ ରହିଥାଏ। ତଥାପି ସର୍ଜରୀ ପରେ କିଛି କଥାକୁ ଧ୍ୟାନ ଦେଲେ ଶୀଘ୍ର ସୁଫଳ ମିଳିଥାଏ।

**ସର୍ଜରୀ ପରର ସତର୍କତା:** ସର୍ଜରୀ ପରେ ଗୋଟେ ଦିନ ବିଶ୍ରାମ ନେବା ଉଚିତ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ଔଷଧକୁ ନିର୍ଦ୍ଦିଷ୍ଟ ସମୟରେ ସେବନ କରିବା ସହ ସଂକ୍ରମଣରୁ ସୁରକ୍ଷା ପାଇବାକୁ ଆଖିରେ ଡ୍ରପ୍ ପକାଇବା ଜରୁରି। ସର୍ଜରୀ ପରେ ପରେ ଆଖି ଜଳାପୋଡ଼ା କିମ୍ବା କୁଣ୍ଡାଇ ହେବା ସାଧାରଣ କଥା; ହେଲେ ଏହି ସମୟରେ ଆଖିକୁ ଆଦୌ କୁଣ୍ଡାନ୍ତୁ ନାହିଁ। ଏପରି କରିବା ଦ୍ୱାରା କର୍ଣ୍ଣିଆ ନଷ୍ଟ ହୋଇଥାଏ। ଏହାସହ ଆଖିରେ ଅନ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସୁରକ୍ଷା ପାଇଁ ଚଷମା ପିନ୍ଧିପାରିବେ। କିଛିଦିନ ପାଇଁ ଖରାକୁ ବାହାରନ୍ତୁ ନାହିଁ। କମ୍ପ୍ୟୁଟର, ଟିଭି କିମ୍ବା ମୋବାଇଲ୍ ସ୍କ୍ରିନ୍ ଉପଯୋଗ ସପ୍ତାହ ପାଇଁ ନ କରିବା ଭଲ।



# ବଦହଜମି ଦୂର କରେ ସଜନା ପତ୍ର



ସଜନା ପତ୍ରରେ ଭିଟାମିନ୍ ଏ, ବି୧, ବି୨, ବି୬, ସି, ଫୋଲେଟ୍ ଆଣ୍ଟି ଅକ୍ସିଡାଣ୍ଟ, ଆମିନୋ ଏସିଡ୍, ଖଣିଜ, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଜିଙ୍କ୍, ଲୌହସାର, ପୋଟାସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତ୍ତ୍ୱ ରହିଛି। ସେଥିପାଇଁ ଉଚ୍ଚରକ୍ତ ଚାପ ଥିବା ବ୍ୟକ୍ତିଙ୍କ ପାଇଁ ସଜନାପତ୍ର ଜୁସ୍ ଟନିକ୍ ପରି କାମ କରିଥାଏ। ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲେମେଣ୍ଟାରି ଗୁଣ ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଓ ଓଜନ କମାଇବା ପାଇଁ ନିୟମିତ ସଜନା ପତ୍ର କାଢ଼ା ପିଇପାରିବେ। ଏହା ଷ୍ଟିଓପୋରୋସିସ୍ ଓ ଚିନ୍ତା ତଥା ବୃକ୍‌କଜନିତ ସମସ୍ୟା ଦୂର କରେ। ଅସ୍ଥି ଶକ୍ତ ହୁଏ। ଦୃଷ୍ଟି ଶକ୍ତି ବୃଦ୍ଧି ପାଇଁ ଏହା ବରଦାନ ସଦୃଶ।

**ସକ୍ରିୟ ପାଚନତନ୍ତ୍ର:** ସଜନା ପତ୍ରରେ ଆଣ୍ଟି ଡାୟବିଟିକ୍ ଗୁଣ ରହିଥିବାରୁ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ ରଖେ। ରକ୍ତହୀନତା ସମସ୍ୟା ଦୂର କରିଥାଏ। ନିୟମିତ ସଜନାପତ୍ର ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ସଜନା ପତ୍ର ଶାଗ ବା ସୁପ୍ ପିଇବା ଦ୍ୱାରା ମସ୍ତିଷ୍କଜନିତ ସମସ୍ୟା ଦୂର ହୁଏ। ଏହି ପତ୍ରରେ ଥିବା ପୋଷକତତ୍ତ୍ୱ ଓଜନ ନିୟନ୍ତ୍ରିତ ରଖିଥାଏ। ପେଟ ଦରଜ, ଘା' ଆଦି ସମସ୍ୟା ଦୂର କରେ ସଜନା ପତ୍ର। ଯକୃତ୍ ଏବଂ ବୃକ୍‌କକୁ କାର୍ଯ୍ୟକ୍ଷମ କରିବା ସହ ଚିନ୍ତା, ଥାଇରଏଡ ସଂକ୍ରମଣ ଦୂର କରିଥାଏ।

**ସ୍ମରଣଶକ୍ତି ବୃଦ୍ଧି:** ସଜନା ପତ୍ର ଭିଜା ପାଣି ପିଇବା ଦ୍ୱାରା ହୃଦଜନିତ ସମସ୍ୟା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ ରୁହେ। ଏହି ପତ୍ର ମାନସିକ ସ୍ୱାସ୍ଥ୍ୟ ଓ ହର୍ମୋନ୍ ସନ୍ତୁଳନ ପାଇଁ ବେଶ୍ ଲାଭକରୀ। ଏହା କର୍କଟ ହେବାର ଆଶଙ୍କା ଦୂର କରେ।

● ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ମାମଲାରେ ଏବିଭିପି ସଦସ୍ୟ ଗିରଫ ଘଟଣା

# ସଂଗଠନ ବୃଦ୍ଧି ପାଇଁ ରଚାଯାଇଛି ଷଡ଼ଯନ୍ତ୍ର: ବିଜେଡି



**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ କଲେଜର ଦୁଇ ଛାତ୍ର ତଥା ଏବିଭିପି ସଦସ୍ୟଙ୍କୁ ଗିରଫ କରାଯାଇଥିବା ବେଳେ ଏହି ପ୍ରସଙ୍ଗରେ ବିଜେପି ଓ ଏବିଭିପିକୁ ଘେରିଛି ବିଜେଡି। ଏହି ଗିରଫଦାରୀ ଏବେ ଉଭୟ ସଙ୍ଗଠନର ଅସଲ ମୁଖା ଖୋଲିଦେଇଛି ବୋଲି ସ୍ଥାନୀୟ ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ବିଧାୟକ ଗୌତମ ବୁଦ୍ଧ ଦାସ, ଦେବୀ ରଞ୍ଜନ ତ୍ରିପାଠୀ ଓ ଦଳୀୟ ମୁଖପାତ୍ର ଇପ୍‌ସିତା ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଷଡ଼ଯନ୍ତ୍ର ରହିଛି ବୋଲି ପ୍ରଥମରୁ ଦଳ ଦାବି କରିଆସୁଛି। ଏବେ ଏହି ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଦୁଇ ଜଣ ଏବିଭିପି ସଦସ୍ୟ ଗିରଫ ହେବା ପରେ ଏହା ସ୍ପଷ୍ଟ ହୋଇଛି। ଏଥିସହ ଏହି ଷଡ଼ଯନ୍ତ୍ରରେ ବିଜେପିର କେତେକ ନେତା ବି ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ବଞ୍ଚାଇବା ସକାଶେ ବିଜେପି ଏବିଭିପି ସଦସ୍ୟଙ୍କ ଗିରଫଦାରୀ ରଚିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଜଣେ ଅଧ୍ୟାପକ ଛାତ୍ରୀଙ୍କୁ ଫେଭର୍ ମାଗିବା ପରେ ସେ ନ୍ୟାୟ ପାଇଁ ସଙ୍ଘର୍ଷ କରୁଥିବା ସମୟରେ ଏବିଭିପି ଓ ବିଜେପି ନେତାମାନେ ଏହାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ। ଘଟଣାରେ ବିଜେପି ଷଡ଼ଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି। କଲେଜ ନିର୍ବାଚନ ହେବା ନେଇ ସରକାର ଘୋଷଣା କରିବା ପରେ ଏବିଭିପିର ଶକ୍ତି ବୃଦ୍ଧି ପାଇଁ ଏଫ୍‌ଏମ୍ ଛାତ୍ରୀଙ୍କୁ ମୋହରା ବନାଯାଇଛି। ଷଡ଼ଯନ୍ତ୍ରର ଅଂଶ ଭାବେ ସମ୍ପୃକ୍ତ ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ଉସକାଯାଇଥିଲା। ଏପରିକି ଏଥିରେ ସ୍ଥାନୀୟ ବିଜେପି ନେତାମାନଙ୍କର ମଧ୍ୟ ଭୂମିକା ରହିଛି। କିନ୍ତୁ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଅଦ୍ୟାବଧି ଛୁଇଁପାରିନାହିଁ। ସମ୍ପୃକ୍ତ ଛାତ୍ରୀ ଜଣଙ୍କ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ସହଯୋଗ ଦେଇନଥିଲେ। ତେଣୁ କ୍ରାଇମ୍ ବ୍ରାଞ୍ଚ୍ ତୁରନ୍ତ ଶ୍ରୀ ଷଡ଼ଙ୍ଗୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସକାଶେ ଶ୍ରୀ ଦାସ ଦାବି କରିଛନ୍ତି। ସେହିପରି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟରେ ମହିଳାମାନଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ତା'ର ଲଢ଼େଇ ଜାରି ରଖିବ। ଏଥିସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଦିଗରେ ସରକାର ପଦକ୍ଷେପ ନେବାକୁ ସେ ଦାବି କରିବା ସହ ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣାରେ ସନ୍ଦେହ ଘେରରେ ଥିବା ବିଜେପି ନେତାମାନଙ୍କୁ ଗିରଫ କରିବା ସକାଶେ ମଧ୍ୟ ଦାବି କରିଛନ୍ତି।

ଏହାଛଡ଼ା ଶ୍ରୀମତୀ ସାହୁ କହିଛନ୍ତି ଯେ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢ଼ାଉଥିବା ଏବିଭିପିର ଅସଲ ମୁଖା ଏବେ ଖୋଲିଯାଇଛି। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏବିଭିପି ଓ ବିଜେପି ନେତାମାନେ ଏଫ୍‌ଏମ୍ ଛାତ୍ରୀଙ୍କୁ ମୋହରା ବନାଇଥିଲେ। ଏହି କାରଣରୁ ହିଁ ଏଥିରେ ଏବିଭିପି ସଦସ୍ୟମାନେ ବିରୋଧୀ ଦଳର ସଦସ୍ୟମାନଙ୍କୁ ଭିତରକୁ ପ୍ରବେଶ କରାଇଦେଉନଥିଲେ। କିନ୍ତୁ ଏବେ ଏବିଭିପି ଓ ବିଜେପି ନେତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି। ତେଣୁ ଏବିଭିପିର ୨ ସଦସ୍ୟଙ୍କ ପରି ଏହି ଘଟଣା ସହ ଜଡ଼ିତ ସମସ୍ତ ଦୋଷୀଙ୍କୁ ଗିରଫ କରାଯିବା ଦରକାର। ଏହା ନ ହେବା ପର୍ଯ୍ୟନ୍ତ ବିଜେଡି ଆଦୌ ଚୁପ୍ ରହିବ ନାହିଁ ବୋଲି ସେ କହିଛନ୍ତି।



## ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

● ଝିଅ ବାହାଘର ପାଇଁ ରଖିଥିଲେ

**ଭଦ୍ରକ,୪।୮(ସଂଚାର ବ୍ୟୁରୋ):** ଘର ବାହାରେ ଏଣେ ତେଣେ ଖେଳାଇ ହୋଇପଡ଼ିଛି କାଗଜପତ୍ର। ଖୋଲା ପଡ଼ିଛି ବାକ୍ସ, ହେଲେ ଭିତରେ ଗୋଟେ ବି ଜିନିଷ ନାହିଁ। ଆଉ ଭଙ୍ଗା ହୋଇଛି ଝରକା। ଘରେ କିଛି ନାହିଁ, ସବୁ କିଛି ଲୁଟିନେଇଛନ୍ତି ଦୁର୍ବୃତ୍ତ। ଝିଅ ବାହାଘର ପାଇଁ ଘରେ ରଖିଥିଲେ ସୁନା ଗହଣା ସହ ନଗଦ ଟଙ୍କା। ହେଲେ ରାତି ପାହି ସକାଳ ହେଲା ବେଳକୁ ଘରେ କଳାକନା ବୁଲାଇଦେଇଛନ୍ତି ଚୋରା। ଅଭିନବ ଉପାୟରେ ଗାଁ ଭିତରୁ ହୋଇଛି ଚୋରି। ବିଷାକ୍ତ ଗ୍ୟାସ ସ୍ପ୍ରେ କରି ଦୁର୍ବୃତ୍ତମାନେ ପରିବାରକୁ ଏକରକମ ନିଶ୍ୱ କରିଦେଇଛନ୍ତି।

ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ଖୋଳମପୁର ପଞ୍ଚାୟତ ଡାଣ୍ଡକୁଳ ଗାଁରେ ଏପରି ଅଘଟଣ ଘଟିଛି। ଗାଁର ଅଦ୍ୱୈତ ମହାନ୍ତିଙ୍କ ପରିବାର ଲୋକେ ଗତକାଲି ବିଳମ୍ବିତ ରାତିରେ ଶୋଇଥିବା ସମୟରେ କେତେକ ଦୁର୍ବୃତ୍ତ ତାଙ୍କ ଘରର ଝରକା କବାଟ ଭାଙ୍ଗି ଭିତରେ ପଶିବା ସହ ସମସ୍ତଙ୍କୁ ବେହୋସ୍ କରିବା ସକାଶେ ବିଷାକ୍ତ ଗ୍ୟାସ ସ୍ପ୍ରେ କରିଥିଲେ। ପରେ ସେ ଝିଅ ବାହାଘର ପାଇଁ ରଖିଥିବା ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ସହ ଚାଷ କାମ ପାଇଁ ଧାରରେ ଆଣିଥିବା ନଗଦ ୨୦ ହଜାର ଟଙ୍କାକୁ ମଧ୍ୟ ଲୁଟିନେଇଛନ୍ତି ଦୁର୍ବୃତ୍ତ। ତେବେ ଘରର ଜଣେ ମହିଳା ଉଠି ଡାକ ପକାଇବା ପରେ ଘରେ ଲୋକ ଉଠିଥିଲେ। କିନ୍ତୁ ସେତେବେଳକୁ ଦୁର୍ବୃତ୍ତମାନେ ଅଦ୍ୱୈତଙ୍କ ଘରେ କଳାକନା ବୁଲାଇ ଫେରାର ହୋଇଯାଇଥିଲେ। ତେବେ ଦୁର୍ବୃତ୍ତମାନେ ସୁନା ରୁପା ଅଳଙ୍କାର ସବୁ ନେଇ ପାଖ ନଡ଼ିଆକୁଳରେ ଖାଲି ଖୋଳ ଓ ବାକ୍ସ ପକାଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଦ୍ୱୈତ ସେଠାରେ ପହଞ୍ଚିବା ବେଳକୁ ସେଠାରେ କେବଳ ଖୋଳ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ତୁରନ୍ତ ଭଣ୍ଡାରିପୋଖରୀ ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ଟେର୍ ପାଇପାରିନାହାନ୍ତି।

## ବିଲରୁ କ୍ଷତାକ୍ତ ଶବ ଉଦ୍ଧାର



**ଜୟପୁର,୪।୮(ସଂଚାର ବ୍ୟୁରୋ):** ଚାଷ ଜମିରୁ କ୍ଷତାକ୍ତ ମର ଶରୀର ଉଦ୍ଧାର। ଜୟପୁର ଉପଖଣ୍ଡ ଅନ୍ତର୍ଗତ ବୈପାରୀଗୁଡା ଥାନା ଦଣ୍ଡାବାଡ଼ି ପଂଚାୟତ ଅଣ୍ଡରିଗୁଡାର। ଅଣ୍ଡରିଗୁଡା ଗ୍ରାମ ନିକଟ ଚାଷ ଜମି ରେ ଗାଁ ର ଜଣେ ଚାଷୀ ଆଜି ସକଲୁ ହଳ ନେଇ ଯିବା ସମୟରେ ଏକ ରକ୍ତାକ୍ତ ମର ଶରୀର ପଡି ଥିଲା ସେ ଗାଁ ର ଅନ୍ୟମାନଙ୍କୁ ଡାକି ଦେଖିବା ବେଳେକୁ ସେ ଶବଟି ଆଣ୍ଡରୀଗୁଡା ଗ୍ରାମ ର ଧନ ହଲୱା ବୋଲି ଜଣାପଡିଛି। ଏନେଇ ଧନ ଙ୍କ ପରିବାର ବର୍ଗ ବୈପାରୀଗୁଡା ଥାନା ରେ ଲିଖିତ ଅଭିଯୋଗ ପରେ ବୈପାରୀଗୁଡା ଥାନା ଅଧିକାରୀ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳ କୁ ଯାଇ ଶବ ଟି କୁ ଜବତ କରିବା ସହ ତଦନ୍ତ କରିଛନ୍ତି। ତେବେ ମୃତ ଧନ ଙ୍କ ବେକ ପାଖରେ କ୍ଷତ ଚିହ୍ନ ରହିଥିବାରୁ କେହି ଜଣେ ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି। ସମସ୍ତ ଦିଗ କୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## କାଠ ବୋଝେଇ ମିନି ଟ୍ରକ ଜବତ, ଚାଳକ ଗିରଫ

**ଦାରିଙ୍ଗବାଡି,୪।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବନାଞ୍ଚଳରେ ଏକ ମିନି ଟ୍ରକ ସହ ୭୦ ଖଣ୍ଡ ପିଆଶାଳ କାଠ ପଟା ଜବତ ହୋଇଛି। ଜବତ କାଠପଟାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା କହିଛନ୍ତି। ମିଳିଥିବା ସୂଚନାନୁସାରେ, ଉକ୍ତ ବନାଞ୍ଚଳର ବୁଡ଼ାଗୁଡା ସେକ୍ସନର ପିକୁସି ଜଙ୍ଗଲରୁ ଏକ ମିନି ଟ୍ରକ କାଠ ଲୋଡ୍ କରି ବାଲିଗୁଡା ଅଭିମୁଖେ ଯାଉଥିଲା। ତେବେ ଏହି ସମୟରେ ବନାଞ୍ଚଳ ଅଧିକାରୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ବନପାଳ ମନ୍ମଥ ପରିଛା, ଦାରିଙ୍ଗବାଡ଼ି ବନପାଳ ବିଶ୍ୱଜିତ ମିଶ୍ର, ବନରକ୍ଷୀ ରାହୁଲ ନାୟକ, ସମୀର ନାୟକଙ୍କୁ ନେଇ ଗଠିତ ଦଳ ମିଳିତ ଚଢ଼ାଉ କରି ଉକ୍ତ ମିନି ଟ୍ରକକୁ ଅଟକାଇଥିଲେ। ତଲାସୀ ସମୟରେ ସେଥିରେ ୭୦ ଖଣ୍ଡ ପିଆଶାଳ କାଠ ପଟା ରହିଥିବା ଜଣାପଡ଼ିଥିଲା। ବନ ବିଭାଗ ପକ୍ଷରୁ ଉକ୍ତ ଟ୍ରକ୍ ସହ କାଠକୁ ଜବତ କରାଯିବା ସହ ଚାଳକ ସଞ୍ଜିତ କୁମାର ବିଶିମାଝିଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ୧୦/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ବେହେରା କହିଛନ୍ତି।

## ୪ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୪।୮(ସଂଚାର ନ୍ୟୁଜ) :** ୪ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଗଞ୍ଜାମ, କେନ୍ଦ୍ରାପଡା, କଳାହାଣ୍ଡି ଓ କଟକ ଜିଲ୍ଲାର ବିଜେଡି ସଭାପତିଙ୍କ ନାଁ ଘୋଷଣା ହୋଇଛି। ଗଞ୍ଜାମ ଜିଲ୍ଲା ସଭାପତି ଭାବେ ବିକ୍ରମ ପଣ୍ଡା, କେନ୍ଦ୍ରାପଡା ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, କଳାହାଣ୍ଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ଓ କଟକ ଜିଲ୍ଲା ସଭାପତି ହୋଇଛନ୍ତି ପ୍ରଫୁଲ୍ଲ ସିଂହ। ପୂର୍ବରୁ ବିଜେଡି ସୁପ୍ରିମୋ ୨୪ଟି ଜିଲ୍ଲାର ସଭାପତିଙ୍କ ନାଁ ଘୋଷଣା କରିଥିଲେ। ବାକି ୫ଟି ଜିଲ୍ଲାର ସଭାପତି ନାଁ ଘୋଷଣା ହେବାକୁ ବାକି ରହିଛି। ସେହିପରି ବିଜେଡିର ସାଙ୍ଗଠନିକ ନିର୍ବାଚନ ପରେ ବିଜୁ ଜନତା ଦଳର ଛାତ୍ର, ଯୁବ ଓ ମହିଳା ସଙ୍ଗଠନର ସଭାପତିଙ୍କ ନାଁ ଘୋଷଣା ହେବ।

## ମେଳାରେ ୧୫ ଦୋକାନ ଜଳିଗଲା

**ରାଉରକେଲା, ୪।୮ (ସଂଚାର ବ୍ୟୁରୋ):** ଆଜି ଭୋର ପ୍ରାୟ ୪ଟା ସମୟରେ ଝିରପାଣି ଥାନା ଅଞ୍ଚଳରେ ଆୟୋଜିତ ହୋଇଥିବା ମେଳାରେ ଘଟିଛି ଅଗ୍ନିକାଣ୍ଡ। ଏଥିରେ ୧୫ରୁ ଅଧିକ ଦୋକାନ ଭସ୍ମୀଭୂତ ହୋଇଛି। ତେବେ ଦୋକାନ ଭିତରେ ଶୋଇଥିବା କିଛି ବ୍ୟବସାୟୀ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମେଳାରେ ରାମଦୋଳି ସହ ବିଭିନ୍ନ ପ୍ରକାର ପ୍ରାୟ ଶହେରୁ ଅଧିକ ଦୋକାନ ରହିଥିଲା। ଭୋର୍ ପ୍ରାୟ ୪ଟା ସମୟରେ ପ୍ରଥମେ ଗୋଟିଏ ଦୋକାନରେ ନିଆଁ ଲାଗିଥିଲା। ପରେ ନିଆଁ ଅନ୍ୟ ଦୋକାନ ଗୁଡିକୁ ବ୍ୟାପୀ ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ଜଳିପୋଡି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଅଟକ

**ଯାଜପୁର,୪।୮(ସଂଚାର ବ୍ୟୁରୋ) :** ଚକୋଲେଟ ଦେଇ ୪ବର୍ଷର ନାବାଳିକାକୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଯାଜପୁର ଥାନା ଦଶରଥପୁର ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଯାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି ପରିବାର ବର୍ଗ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ନାବାଳିକା ପୀଡିତାକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରାଯାଇଛି। ଏଥି ସହ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଜାରି ରଖିଛି ପୋଲିସ। ଅଟକ ଅଭିଯୁକ୍ତ ହେଲେ ଦଶରଥପୁର ବ୍ଲକ ଛତ୍ରପଡା ଅଞ୍ଚଳର ଅଲେଖ ମଲ୍ଲିକ।

## ବାବା ବିଶ୍ୱନାଥ ମହାଦେବ ମନ୍ଦିରରେ କାଉଡ଼ିଆଙ୍କ ଜଳାଭିଷେକ



**ଯାଜପୁର ରୋଡ଼,୪।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନମ୍ବର - ୧୬ ଠାରେ ଥିବା "ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର"ରେ ଆଜି ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସହରର ଐତିହାସିକ ବ୍ୟାସ-ସରୋବରର ରାଘୁଜୀ ଠାକୁରଙ୍କ ପିଠର ଗୁପ୍ତ ଗଙ୍ଗାରୁ ପାଣି ଉଠାଇ ଅଂଚଳର ବୋଲବମ୍ କାଉଡ଼ିଆ ଭକ୍ତବୃନ୍ଦ ମାନେ ଖାଲି ପାଦରେ ଚାଲି ଚାଲି ଆସି ଉମାପଦା , ହାଉସିଂବୋର୍ଡ ସ୍ଥିତ ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିରରେ ପହଂଚି ଠାକୁରଙ୍କ ଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ଶ୍ରୀ କୁଳମଣି ଧଳ, ଦେବ ରଞ୍ଜନ ନାୟକ, ଉପ-ସଭାପତି ସନ୍ତୋଷ କୁମାର ଧଳ, ସରୋଜ କୁମାର ବିଶ୍ୱାଳ, ଉପଦେଷ୍ଟା ବିନୋଦ ବିହାରୀ ବେହେରା, ସମିର ରାଏ, ଭିମସେନ ଦାସ, ପ୍ରତାପ ନାୟକ, ସନ୍ତୋଷ କୁମାର ମହନ୍ତ, ତାରାକାନ୍ତ ପୁହାଣ, ସ୍ମୃତି ରଞ୍ଜନ ଦାସ, ପିଙ୍କୁ ସିଂ, ସମ୍ପାଦକ ସମିର ପତି'ଙ୍କ ସମେତ ସଂକ୍ରାନ୍ତି ସେବା ସମିତି ଅନୁଷ୍ଠାନର ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ ଶହ ଶହ କାଉଡ଼ିଆ ଭକ୍ତ ମାନେ ଠାକୁରଙ୍କ ଆଶ୍ରିର୍ବାଦ ଲାଭ କରିଥିଲେ। ମନ୍ଦିରର ଜ୍ଞାନି ବ୍ରାହ୍ମଣ ପଣ୍ଡିତ ଶ୍ରୀ ଶ୍ରୀ ବଳରାମ ଦାଶ ଠାକୁରଙ୍କର ମନ୍ତ୍ରପାଠ ଉଚ୍ଚାରଣରେ ସମସ୍ତ କାଉଡ଼ିଆ, ଠାକୁରଙ୍କ ସରଣାପନ୍ନ ଭକ୍ତବୃନ୍ଦ ମାନଙ୍କର ମନସ୍କାମନା ପୂରଣ ପାଇଁ ଠାକୁରଙ୍କୁ ଜଣାଇବା ସହ ଜଳାଭିଷେକର ମନ୍ତ୍ରପାଠରେ ଆଖପାଖ ପରିସରକୁ କମ୍ପମାନ କରାଇଥିଲେ। ଶେଷରେ ସମସ୍ତ ଠାକୁରଙ୍କ ସରଣାପନ୍ନ ଭକ୍ତ ମାନେ ପ୍ରଶାଦ ସେବନ କରି ଆନନ୍ଦିତ ହୋଇ ନିଜ ନିଜ ଘରକୁ ଫେରିଥିଲେ।

## ସୁପ୍ରିମକୋର୍ଟରେ ବିଷ୍ଣୁ ସେଠୀଙ୍କ ଆଗୁଆ ଜାମିନ ଖାରଜ



**ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ):** ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ପାଇଁ ବଢ଼ିଲା ଅଡୁଆ। ହାଇକୋର୍ଟଙ୍କ ପରେ ଏବେ ବିଷ୍ଣୁପଦଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ। ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଗତ ଜୁଲାଇ ୨୮ରେ ଜାମିନ ଆବେଦନ ଖାରଜ ନେଇ ହାଇକୋର୍ଟଙ୍କ ଆଦେଶକୁ କାଏମ ରଖିଲେ ସୁପ୍ରିମକୋର୍ଟ। ସୂଚନାଥାଉ କି, ଦେଢ଼ କୋଟି ଟଙ୍କାର ଡିଲ ପାଇଁ ୧୦ ଲକ୍ଷର ଲାଞ୍ଚ କାରବାର ମାମଲାରେ ଗତବର୍ଷ ଡିସେମ୍ବର ୬ରେ ମେ ଫେୟାର ସାମ୍ନାରେ ଏକ ଦାମୀ କାରରେ ରେଡ୍ ମାରିଥିଲା ଦିଲ୍ଲୀ ସିବିଆଇ। ବ୍ରିଜ ଆଣ୍ଡ୍ ରୁଫ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡରେ ବି ତନାଘନା କରିଥିଲା ସିବିଆଇ। ଏମିତି କି ମାମଲାରେ ତିନି ଜଣଙ୍କୁ ନିଜ ହେପାଜତରେ ନେଇଥିଲା ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଓଡ଼ିଶା, ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀ, ବରିଷ୍ଠ ଅଧିକାରୀ ସନ୍ତୋଷ ମହାରଣା, ଓଡିଶାର ଜଣେ ନାମୀ ଠିକାଦାର ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଅଧିକାରୀ ମାରାଥନ ଜେରା କରିଥିଲା।

ପରେ ପ୍ରଥମ ପର୍ଯ୍ୟାୟରେ ୩ ଦିନିଆ ରିମାଣ୍ଡ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡ ନେଇଥିଲା ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଓଡ଼ିଶା, ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀଙ୍କ ସହ ଆଇଏଏସ୍ ବିଷ୍ଣୁ ପଦ୍ ସେଠୀଙ୍କ ଲିଙ୍କ ସାମ୍ନାକୁ ଆସିଥିଲା। ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଡ୍ରାଇଭର ଅଫିସ କର୍ମଚାରୀ, କେୟାର ଟେକରଙ୍କୁ ଜେରା କରିଥିଲା ସିବିଆଇ। ରିମାଣ୍ଡ ସମୟରେ ଅନେକ ତଥ୍ୟ, ଲାଞ୍ଚ କାରବାର, ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଲାଗିଥିଲା ସିବିଆଇ ହାତରେ। ରିମାଣ୍ଡ ସମୟରେ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ କୋଟି କୋଟି ଟଙ୍କାର ହେରଫେର ସହ ଟେଣ୍ଡର ଫିକ୍ସିଂ, ଦୁର୍ନୀତି ବଡ଼ ବଡ଼ ବାବୁଙ୍କ ମଧୁଚନ୍ଦ୍ରିକା ସାମ୍ନାକୁ ଆସିଥିଲା। ଟେଣ୍ଡର ଫିକ୍ସିଂ ପାଇଁ ବିଲ୍ଡର୍ସ ସଂସ୍ଥାଠୁ କୋଟିକୋଟି ଟଙ୍କା ପିସି କାରବାର ହେଉଥିଲା। ଜେରା ସମୟର କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଅସୁସ୍ଥ ହେଇ ପଡ଼ିଥିଲେ। କ୍ୟାପିଟାଲ ହସ୍ପିଟାଲରେରେ ଚିକିତ୍ସା ପରେ ସିବିଆଇ କୋର୍ଟରେ ହାଜର ହେଇଥିଲେ। କେବଳ ସେତିକି ନୁହେଁ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ କରିଥିଲା। ଚଞ୍ଚଳ ମୁଖାର୍ଜୀଙ୍କ ସହ ଥିଲା ଭିତିରି ସଂପର୍କ। ଆଇଏଏସ୍ ବିଷ୍ଣୁ ପଦ ସେଠୀ ଙ୍କ ୩ ଡ୍ରାଇଭର, କେୟାର ଟେକର , ଅଫିସ କର୍ମଚାରୀଙ୍କୁ ସିବିଆଇ ଅଫିସରେ ମାରାଥନ ଜେରା କରାଯାଇଥିଲା। କିନ୍ତୁ ଆଇଏଏସ ବିଷ୍ଣୁ ପଦ ସେଠୀ ଶାରୀରିକ ଅସୁସ୍ଥତା ଦେଖାଇ ନିଜର ଓକିଲଙ୍କୁ ପଠେଇଥିଲେ। ନିଜେ କିନ୍ତୁ ସିବିଆଇ ଅଫିସରେ ହାଜିର ହେଇନଥିଲେ।

ଏମିତିରେ ବିଷ୍ଣୁ ସେଠୀ ନିଜର ଗିରଫଦାରୀରୁ ବର୍ତ୍ତିବା ପାଇଁ ହାଇକୋର୍ଟ ଯାଇଥିଲେ। ମାତ୍ର ହାଇକୋର୍ଟରୁ ଜାମିନ ମିଳିପାରି ନଥିଲା। ଯାହାକୁ ଚ୍ୟାଲେଞ୍ଜ କରି ସେ ସୁପ୍ରିମକୋର୍ଟ ଯାଇଥିଲେ। ମାତ୍ର ଏବେ ସୁପ୍ରିମକୋର୍ଟ ମଧ୍ୟ ହାଇକୋର୍ଟଙ୍କ ଆଦେଶକୁ କାଏମ ରଖିବା ସହ ଜାମିନ ଖାରଜ କରିଛନ୍ତି। ତେଣୁ ଆଗକୁ ବିଷ୍ଣୁପଦଙ୍କ ଗିରଫଦାରୀ ସମ୍ଭାବନା ବଢ଼ିଯାଇଛି।

### ଶିକ୍ଷକ ଅନୁପସ୍ଥିତିର ପ୍ରତିବାଦ

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



**ବୋରିଗୁମ୍ମା,୪।୮(ସଂଚାର ବ୍ୟୁରୋ):** ବାହାରେ ପିଲା ବିଦ୍ୟାଳୟରେ ତାଲା, ଗଛ ମୂଳେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା କଣାଗାଁଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। କଣାଗାଁଉନ୍ନୀତ ଉଚ୍ଚ ବିଦ୍ୟାଳୟର ଗଣିତ ଏବଂ ବିଜ୍ଞାନ ଶିକ୍ଷକ ସ୍ୱରୂପ ନାୟକ ଆଜକୁ ଆଠ ମାସ ହେଲା ବିଦ୍ୟାଳୟ ରେ ଅନୁପସ୍ଥିତ ରହିଛନ୍ତି ତାହା ମଧ୍ୟ ବିନା ଛୁଟିରେ। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଙ୍କ ମୁଖ୍ୟ ପାଠ୍ୟ ବିଷୟ ହେଉଛି ଗଣିତ ବିଜ୍ଞାନ।ଆଠ ମାସ ହେବ ଛାତ୍ରଛାତ୍ରୀ ଗଣିତ ବିଜ୍ଞାନ ପାଠ ପଢିବା ରୁ ବଞ୍ଚିତ ଅଛନ୍ତି।ବାରମ୍ବାର ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଗୁହାରି କରିଥିଲେ ପରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଅଭିଯୋଗ କରିଥିଲେ ହେଲେ କେହି କର୍ଣ୍ଣପାତ କରିନଥିଲେ।ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ଅନ୍ଧାର ଦିଗକୁ ଗତି କରୁଥିବା ଯୋଗୁଁ ଶେଷରେ ଗ୍ରାମବାସୀ ଏବଂ ଅଭିଭାବକ ନିଷ୍ପତ୍ତି ନେଲେ କି ବିଦ୍ୟାଳୟ ଗେଟ ରେ ତାଲା ପକାଇ ପ୍ରତିବାଦ କରିବାକୁ।ଆଜି ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ଙ୍କୁ ବାହାରକୁ ବାହାର କରି ବିଦ୍ୟାଳୟ ମୁଖ୍ୟ ଗେଟ ରେ ତାଲା ପକାଇ ଥିଲେ।ଶିକ୍ଷକ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ତାଲା ଖୋଲିବୁ ନାହିଁ ବୋଲି ଜିଦ ରେ ଅଟଳ ଥିଲେ।ସେହି ସମୟରେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟନାୟକ ଘୋଟଣାସ୍ଥଳରେ ପହଂଚି ଅଭିଭାବକଙ୍କୁ ବୁଝାସୁଝା କରି ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ଗେଟ ଖୋଲିଥିଲେ ଗ୍ରାମବାସୀ।ସେପଟେ ବିଡ଼ିଓ କହିଛନ୍ତି କି ନୂତନ ଶିକ୍ଷକ ନିଯୁକ୍ତି ହେବା ପର୍ଯ୍ୟନ୍ତ ସମୟ ଦେଖି ମୁଁ ଏବଂ ବ୍ଲକ କର୍ମଚାରୀ ପିଲାଙ୍କୁ ଗଣିତ ଏବଂ ବିଜ୍ଞାନ ପାଠ ପଢ଼ାଇୱା ପାଇଁ ପ୍ରତିଶୃତି ଦେଇଥିଲେ। ଅଭିଭାବକ ମାନଙ୍କ ମଧ୍ୟରେ ସୁନୀଲ କୁମାର ବିଶୋଇ(ନାଏବ ସରପଞ୍ଚ) ନିରଞ୍ଜନ ବିଶୋଇ, ରିତେଶ ବିଶୋଇଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ନିଆରା ରାକ୍ଷୀର ସମ୍ଭାର

## ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଓ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ




**ନବରଙ୍ଗପୁର,୪।୮(ସଂଚାର ବ୍ୟୁରୋ):** ଆଜି ତହସିଲଦାର କାର୍ଯ୍ୟାଳୟ ନିକଟସ୍ଥ ଓର୍ମାସ ସହଯୋଗରେ ବିଭିନ୍ନ ମହିଳା ଗୋଷ୍ଠୀ ଦ୍ୱାରା ବିଭିନ୍ନ ଶସ୍ୟ ତଥା ସ୍ଥାନୀୟ ପରିବେଶ ଅନୁକୂଳ ହାତ ତିଆରି ରାକ୍ଷୀ ପ୍ରସ୍ତୁତ ପୂର୍ବକ ଏକ "ନିଆରା ରାକ୍ଷୀର ସମ୍ଭାର" ରାକ୍ଷୀ ବିକ୍ରୟ କେନ୍ଦ୍ର ଉଦ୍ଘାଟନ ହୋଇଯାଇଛି। କୋଷଗୁମୁଡ଼ା ବ୍ଲକ୍‌ର ଧନଲକ୍ଷ୍ମୀ, ଭୈରବୀ ଓ ମହିମା ସ୍ୱଂୟ ସହାୟକ ମହିଳା ଗୋଷ୍ଠୀ ସଭ୍ୟଙ୍କ ଦ୍ୱାରା ଏହି ରାକ୍ଷୀ ପ୍ରସ୍ତୁତ କରାଯାଇଛି।ଏହା ରାକ୍ଷୀ ନିରନ୍ତର ବିକାଶର ପରିଚୟ ସହ ଜୈବିକ କ୍ଷୟଯୋଗ୍ୟ ଓ କ୍ଷତିକାରକ ବର୍ଜ୍ୟ ବସ୍ତୁ ପ୍ରତିରୋଧକ ଅଟେ।ଏହି ରାକ୍ଷୀ ବିକ୍ରୟ କେନ୍ଦ୍ରକୁ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଓ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଥିଲେ ଏବଂ ରାକ୍ଷୀ ପ୍ରସ୍ତୁତ କରିଥିବା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।ମାନ୍ୟବର ବିଧାୟକ ନିଜ ବକ୍ତବ୍ୟରେ ମା ମାନଂକ ଦ୍ୱାରା ପ୍ରସ୍ତୁତ ରାକ୍ଷୀ କୁ କିଣିବା ଓ ସେମାନଙ୍କ ଆର୍ଥିକ ସମୃଦ୍ଧି ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର, ସହକାରୀ ସି ଇ ଓ,ଓରମାସ ଏ. ଉମା ମହେଶ,ଡି ଆଇ ପି ଆର୍ ଓ ମନୋଜ ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ,ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ଐଶ୍ୱର୍ଯ୍ୟ ଭଞ୍ଜ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବାଲିପାଟଣା,୪।୮(ସଂଚାର ବ୍ୟୁରୋ):** ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ଙ୍କ ଠାରେ ବାରମ୍ବାର ଦାବି କରାଗଲେ ମଧ୍ୟ ବିହିତ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଯେଉଁ ସାମ୍ବାଦିକ ମାନେ ନିର୍ଭୀକ ଭାବରେ ଖବର ପ୍ରସାରଣ ପାଇଁ ଚେଷ୍ଟା କରୁଛନ୍ତି,ସେମାନଙ୍କ ସ୍ୱର କୁ ନୀରବ କରିବାକୁ ଅସାମାଜିକ ବ୍ୟକ୍ତି ମାନେ ପ୍ରୟାସ କରୁଛନ୍ତି।ନିକଟରେ ବାଣପୁର ଠାରେ ଧରିତ୍ରୀ ର ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ ଙ୍କ ଉପରେ ଆକ୍ରମଣ କୁ ବାଲିପାଟଣା ପ୍ରେସ କ୍ଲବ ତରଫରୁ ଦୃଢ଼ ନିନ୍ଦା କରାଯିବା ସହିତ ଘଟଣା ରେ ସଂପୃକ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ ଦାବି କରି ବିଡିଓ ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ଠାରେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝାଙ୍କ ନେତୃତ୍ୱରେ ସଭ୍ୟ ଅଭିମନ୍ୟୁ ନାୟକ,ପୂର୍ଣ୍ଣଚନ୍ଦ୍ର ଜେନା, ବସନ୍ତ କୁମାର ଦାଶ, ବଦ୍ରିନାଥ ମହାପାତ୍ରପ୍ରମୁଖ ଉପସ୍ଥିତ ରହି ବି ଡି ଓ ରଶ୍ମି ନାଥ ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶେଷଜ୍ଞ ଡାକ୍ତର ସଙ୍କଟ ; ରୋଗୀ ହନ୍ତସନ୍ତ

**ଭୁବନେଶ୍ୱର,୪।୮:** ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ସହ ରୋଗୀମାନଙ୍କ ସୁଲଭ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଠାରୁ ଗୋପବନ୍ଧୁ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ, ଆୟୁଷ୍ମାନ ବୟୋବନ୍ଦନା ଆଦି ବିଭିନ୍ନ ଯୋଜନା ଚାଲୁଥିବା ବେଳେ ରାଜ୍ୟ ଓ କେନ୍ଦ୍ରରେ ସ୍ୱାସ୍ଥ୍ୟ ମିଶନ ମଧ୍ୟ ରହିଛି। ଏସବୁ ସତ୍ତ୍ୱେ ଓଡ଼ିଶାରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଥିବାବେଳେ ସରକାରୀ ମେଡିକାଲ୍ କଲେଜ୍‌ଗୁଡ଼ିକରେ ବି ପାଖାପାଖି ହଜାରେ ପର୍ଯ୍ୟନ୍ତ ଡାକ୍ତର ପଦବୀ ଖାଲି ପଡିଛି। ଏଥିଯୋଗୁ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବ୍ୟାହତ ହେଉଛି।

ଗତ ମାର୍ଚ୍ଚ ମାସରେ ସରକାର ଦେଇଥିବା ତଥ୍ୟ ମୁତାବକ ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪ ଥିବାବେଳେ ସେଥିମଧ୍ୟରୁ ୫୮୩୪ ଡାକ୍ତର ପଦବୀ ଖାଲି ରହିଥିଲା। ଅର୍ଥାତ୍ ପାଖାପାଖି ୩୭ ପ୍ରତିଶତ ଡାକ୍ତର ପଦବୀ ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଖାଲି ପଡ଼ିଛି। ରାଜ୍ୟର ୩୦ଟିଯାକ ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୨୮୨୩ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୧୫୪୦ ପଦବୀ ଖାଲି। ଅର୍ଥାତ୍ ଓଡ଼ିଶାର ସରକାରୀ ଡାକ୍ତରଖାନାଗୁଡ଼ିକରେ ପାଖାପାଖି ୫୫ ପ୍ରତିଶତ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ବୌଦ୍ଧ, ବଲାଙ୍ଗୀର, ବରଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଅଧାରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ବୋଲି ସରକାରୀ ତଥ୍ୟ କହୁଛି।

ଗତ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟରେ ୩୨୦ଟି ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡିଥିବା ବେଳେ ୨୩୫ଟି ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀ ଖାଲି ରହିଥିଲା। ଶିଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ଓଡ଼ିଶାରେ ୫୯୧ଟି ମଞ୍ଜୁରୀପ୍ରାପ୍ତ ଶିଶୁ ରୋଗ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୬୯ଟି ଖାଲି ପଡ଼ିଥିଲା। ବିଭିନ୍ନ କାରଣରୁ ଅସ୍ତ୍ରୋପଚାର ଚିକିତ୍ସା ଉପରେ ଚାପ ବଢୁଥିବାବେଳେ ରାଜ୍ୟରେ ୫୦୦ ମଞ୍ଜୁରୀପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପଦବୀ ମଧ୍ୟରୁ ୩୪୨ଟି ଖାଲି ପଡିଥିଲା। ଅଧାରୁ ଅଧିକ ନିଶ୍ଚେତକ ବିଶେଷଜ୍ଞ ପଦବୀ ଆମ ରାଜ୍ୟରେ ଖାଲି ପଡ଼ିଥିବା ବେଳେ ନିଦାନ, ହୃଦରୋଗ, ଟିବି ଆଦି ବିଶେଷଜ୍ଞ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି।

ସରକାରୀ ମେଡିକାଲ୍ କଲେଜ୍‌ଗୁଡ଼ିକରେ ବି ସ୍ଥିତି ସେତେଟା ଭଲ ନୁହେଁ। ୧୫ଟି ସରକାରୀ ମେଡିକାଲ କଲେଜରେ ପ୍ରାୟ ୧୦୦ ପ୍ରଫେସର ପଦବୀ, ପାଖାପାଖି ୨୦୦ ସହଯୋଗୀ ପ୍ରଫେସର ପଦବୀ ଓ ୯୦ରୁ ଅଧିକ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି। ମୋଟାମୋଟି ଭାବେ ସରକାରୀ ମେଡିକାଲ୍ କଲେଜ୍‌ଗୁଡ଼ିକରେ ବିଭିନ୍ନ ପାହ୍ୟାର ପାଖାପାଖି ୧୦୦୦ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡିଛି। ଅବଶ୍ୟ ଇତିମଧ୍ୟରେ ଉଭୟ ଡାକ୍ତର, ବିଶେଷଜ୍ଞ ଏବଂ ଡାକ୍ତରୀ ଶିକ୍ଷକ ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରୁଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି ଯେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସବ୍‌ଡିଭିଜନ୍ ଓ ଜିଲ୍ଲାସ୍ତରୀୟ ଡାକ୍ତରଖାନାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ବହୁ କ୍ଷେତ୍ରରେ ରୋଗୀମାନଙ୍କୁ ସରକାରୀ ମେଡିକାଲ୍ କଲେଜ୍ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକୁ ପଠାଇବାକୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରମାନେ ବାଧ୍ୟ ହେଉଛନ୍ତି। ସରକାରୀ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜ୍‌ଗୁଡ଼ିକ ଉପରେ ସଂଖ୍ୟାଧିକ ରୋଗୀ ଭରସା କରୁଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଡାକ୍ତରୀ ଶିକ୍ଷକ ନଥିବାରୁ ବାଧ୍ୟ ହୋଇ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ବ୍ୟୟବହୁଳ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ନେଇ ଲୋକେ ତଳିତଳାନ୍ତ ହେଉଛନ୍ତି। (ତଥ୍ୟ)